

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୧ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 01 May 2026

Vol.No. 36 ■ No.114 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ଝଡ଼ ଆସୁଛି, ଏହାକୁ କେହି ରୋକି ପାରିବେ ନାହିଁ: ଟ୍ରମ୍ପଙ୍କ ପୋଷ୍ଟ



ନୂଆଦିଲ୍ଲୀ,୩୦/୪ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଏକ ଚାଞ୍ଚଲ୍ୟକର ପୋଷ୍ଟ କରିଛନ୍ତି, ଯେଉଁଥିରେ ଦାବି କରାଯାଇଛି ଯେ ଏକ ଝଡ଼ ଆସୁଛି । ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବା ସମୟରେ ଟ୍ରମ୍ପଙ୍କ ଟ୍ରୁଥ୍ ସୋସିଆଲ ପୋଷ୍ଟ ଆସିଛି । ଅସ୍ତବିରତି ସତ୍ତ୍ୱେ, ଉଭୟ ପକ୍ଷ ଏକ ଚୁକ୍ତିରେ ପହଞ୍ଚିପାରି ନାହାନ୍ତି । ପୁନର୍ବାର ଯୁଦ୍ଧ ହେବାର ଆଶଙ୍କା ରହିଛି । ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ଇରାନ ଉପରେ ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତି ସହିତ ଯୋଡାଯାଉଛି । ଟ୍ରମ୍ପ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ଏକ ଝଡ଼ ଆସୁଛି, ଏବଂ ଏହାକୁ କେହି ରୋକି ପାରିବେ ନାହିଁ । ବିଶେଷଜ୍ଞ ଏହାକୁ ଲୋକପ୍ରିୟ ଆମେରିକୀୟ ଟିଭି ଧାରାବାହିକ 'ଗେମ୍ ଅଫ୍ ଥ୍ରୋନ୍ସ' ର 'ଶୀତ ଆସୁଛି' ଧାଡି ସହିତ ଯୋଡୁଛନ୍ତି । ବିଶେଷଜ୍ଞ ମାନଙ୍କ ଅନୁସାରେ , 'ଗେମ୍ ଅଫ୍ ଥ୍ରୋନ୍ସ' ରେ ପ୍ରବଳ ଶୀତ ଯୋଗୁଁ ହୋଇଥିବା ଧ୍ୱଂସ ପରି, ଟ୍ରମ୍ପଙ୍କ ପୋଷ୍ଟ ଏକ ବଡ଼ ବିସ୍ଫୋରଣର ଚେତାବନୀ ହୋଇପାରେ । ବିଶେଷଜ୍ଞମାନଙ୍କ ଅନୁସାରେ, ଡୋନାଲ୍ଡ ଟ୍ରମ୍ପଙ୍କ ପୋଷ୍ଟ ଭୂରାଜନୈତିକ ପ୍ରଭାବ ବିଷୟରେ କଳ୍ପନାଜଳ୍ପନା ସୃଷ୍ଟି କରିଛି । ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଆକ୍ସିଓସର ଏକ ରିପୋର୍ଟ ପରେ ଆସିଛି । ଯେଉଁଥିରେ ପ୍ରକ୍ରାଶ ପାଇଥିଲା, ଆମେରିକାର କେନ୍ଦ୍ରୀୟ କମାଣ୍ଡ ଇରାନ ବିରୋଧରେ ଏକ ଛୋଟ ଶକ୍ତିଶାଳୀ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇଛି, ଯାହା ଇରାନର ଭିତ୍ତିଭୂମିକୁ ଟାର୍ଗେଟ କରି କରାଯାଇଛି । ଏବେ ଟ୍ରମ୍ପଙ୍କ ଏଭଳି ପୋଷ୍ଟ ଚିନ୍ତାର କାରଣ ପାଲଟିଛି ।

## କଳାହାଣ୍ଡିରେ ପୁଣି ଭୂକମ୍ପ

କଳାହାଣ୍ଡି, ୩୦/୪ (ନି.ପ୍ର): କଳାହାଣ୍ଡିରେ ପୁଣି ମୃଦୁ ଭୂକମ୍ପ । ବୁଧବାର ଭଳି ଗୁରୁବାର ସନ୍ଧ୍ୟା ସମୟରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ହଠାତ୍ ମାଟି ଥରିବା ସହିତ ଘରର ଆସବାବପତ୍ର ମଧ୍ୟ ଦୁଇରୁ ତିନି ସେକେଣ୍ଡ ପାଇଁ ଥରିଥିଲା । ଗତକାଲି ମଧ୍ୟ ସନ୍ଧ୍ୟା ପ୍ରାୟ ସାଢେ ୭ଟା ସମୟରେ କଳାହାଣ୍ଡି ଓ ନବରଙ୍ଗପୁର ଭୂକମ୍ପ ଅନୁଭୂତ ଦେଖିବାକୁ ମିଳିଥିଲା । ଧର୍ମଗଡ, କୋକସରା, ସମେତ ବିଭିନ୍ନ ବ୍ଲକରେ କିଛି ସେକେଣ୍ଡ ପାଇଁ ଥରିଥିଲା ମାଟି । ଲଗାତାର ଦୁଇଦିନ ଧରି ଭୂକମ୍ପ ଝଟକା ଯୋଗୁ ଆତଙ୍କିତ ହୋଇପଡ଼ିଛନ୍ତି ଅଞ୍ଚଳବାସୀ ।

## ଆସନ୍ତା ଶନିବାର ପ୍ରକାଶ ପାଇବ ମାଟ୍ରିକ୍ ରେଜଲ୍ଟ

ଭୁବନେଶ୍ୱର, ୩୦/୪ (ନି.ପ୍ର): ଆସନ୍ତା ଶନିବାର ପ୍ରକାଶ ପାଇବ ମାଟ୍ରିକ୍ ରେଜଲ୍ଟ । ମେ' ୨ ତାରିଖ ଅପରାହ୍ନ ୪ଟାରେ ପ୍ରକାଶ ପାଇବ ଫଳ । ଏନେଇ ସୂଚନା ଦେଇଛି ମାଧମିକ ଶିକ୍ଷା ପରିଷଦ ବା ବିଏସଇ । ସେହିଦିନ ଷ୍ଟେଟ୍ ଓପନ୍ ସ୍କୁଲ ଓ ମଧ୍ୟମା ରେଜଲ୍ଟ ମଧ ପ୍ରକାଶ ପାଇବ । ଛାତ୍ରଛାତ୍ରୀ ମାନେ ଅଫିସିଆଲ୍ ୱେବସାଇଟ୍ www. bseodisha. ac.inରେ ରେଜଲ୍ଟ ଦେଖିପାରିବେ । ଇଣ୍ଟରନେଟ୍ ନ ଥିବା ଅଞ୍ଚଳରେ ରୋଲ୍ ନଂକୁ SMS କରି ରେଜଲ୍ଟ ଜାଣିହେବ । ଚଳିତବର୍ଷ ମୋଟ ୩ ହଜାର ୮୨ଟି କେନ୍ଦ୍ରରେ ପ୍ରାୟ ୫ ଲକ୍ଷ ୬୧ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଚଳିତ ଥର ପ୍ରଥମ କରି ବୋର୍ଡ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ଲାଇଭ୍ ସିସିଟିଭିର ବ୍ୟବହାର କରାଯାଇଥିଲା । ବୋର୍ଡ କାର୍ଯ୍ୟାଳୟରେ ଥିବା କମାଣ୍ଡ କଣ୍ଟ୍ରୋଲ ରୁମରୁ ସାରା ରାଜ୍ୟର ସବୁ ସେଣ୍ଟର ଉପରେ ସିଧାସଳଖ ନଜର ରଖାଯାଇଥିଲା ।

## ଓଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

ଭୁବନେଶ୍ୱର, ୩୦/୪ (ନି.ପ୍ର): ରାଜ୍ୟ ପ୍ରଶାସନିକ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ ହୋଇଛି । ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗୁରୁବାର ଏକ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି, ଯେଉଁଥିରେ ୨୯ ଜଣ ଓଏଏସ ଅଧିକାରୀଙ୍କୁ ବଦଳି କରାଯାଇ ନୂତନ ନିଯୁକ୍ତି ଦିଆଯାଇଛି । ରାଜ୍ୟ ସରକାରଙ୍କ ଏହି ନୂତନ ନିର୍ଦ୍ଦେଶ ଅନୁଯାୟୀ, ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ଡେପୁଟି କଲେକ୍ଟର ଏବଂ ତହସିଲଦାରମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏହି ପ୍ରକ୍ରିୟାରେ ବାଲେଶ୍ୱର, ଅନୁଗୁଳ, କଟକ ଏବଂ ଭଦ୍ରକ ଭଳି ପ୍ରମୁଖ ଜିଲ୍ଲାର ଅଧିକାରୀମାନେ ବଦଳି ହୋଇଛନ୍ତି । ସସ୍ମିତା ମୁର୍ମୁ: ବାଲେଶ୍ୱର କଲେକ୍ଟୋରେଟ୍‌ରୁ ବାଲିଆପାଳ ତହସିଲଦାର ଭାବେ ନିଯୁକ୍ତ । ଶୁଭଙ୍କର ମହାନ୍ତି: ଢେଙ୍କାନାଳ କାମାକ୍ଷାନଗରରୁ କଟକ କାଣ୍ଠାପଡ଼ା ତହସିଲଦାର ଭାବେ ବଦଳି । କୁମାରେଶ ସାହୁ: କେନ୍ଦ୍ରାପଡ଼ା କଲେକ୍ଟୋରେଟ୍‌ରୁ କାମାକ୍ଷାନଗର ତହସିଲଦାର ଭାବେ ନିଯୁକ୍ତ । ଉର୍ମିଳା ପ୍ରଧାନ: କଟକ କଲେକ୍ଟୋରେଟ୍ ?ରୁ ସାଲେପୁର ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିବେ । ସସ୍ମିତା ଶତପଥୀ: ଗଞ୍ଜାମ କୋଦଳାରୁ କଟକ ବାଡ଼ମ୍ବା ତହସିଲଦାର ଭାବେ ବଦଳି । ଜୟଦରଥ ଆଚାର୍ଯ୍ୟ: ଭଦ୍ରକ ତିହିଡ଼ିରୁ ପୁରୀ ଗୋପ ତହସିଲଦାର ଭାବେ ନିଯୁକ୍ତ । ୭ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ।

◆◆ପୃଷ୍ଠା ୭

## ହେଲଦୀ ଲାଇଫ୍ ଦ୍ୱାରା ଗ୍ରୀଷ୍ମକାଳୀନ ଯୋଗ ଶିବିର



ବାଲେଶ୍ୱର, ୩୦/୪ (ନି.ପ୍ର): ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଅର ଏଣ୍ଡ ଯୋଗିକ ସାଇନ୍‌ସ ଦ୍ୱାରା ୧୫ ଦିନ କୁନ୍ତଳା କୁମାର ସାବତ ମହାବିଦ୍ୟାଳୟର +୩ ୨ୟବର୍ଷର ୧୬ ଜଣ ଛାତ୍ରୀମାନଙ୍କୁ ୧୬ ତାରିଖ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସୃଷ୍ଟିଧର ପରିଡ଼ା, ଡାକ୍ତର ଭଗବାନ ଭୂୟାଁ, କେକେଏସ୍ ୱିମେନ୍ସ କଲେଜ ଇଂରାଜୀ ବିଭାଗର ଅଧ୍ୟାପକ ଡଃ ନିରୋଜ କୁମାର ସେଠୀ ଯୋଗ ଦେଇ କଲେଜ ପିଲାମାନଙ୍କ ପାଇଁ ଯୋଗା ଶିକ୍ଷା ବାଧ୍ୟତାମୂଳକ ସରକାର କରିଥିବାରୁ ଯୁବ ଛାତ୍ର ଓ ଛାତ୍ରୀମାନେ ସୁସ୍ଥ ଓ ଭଲ ମଣିଷ ତିଆରି ହୋଇପାରିବେ । ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଚିତ୍ତରଞ୍ଜନ ସାହୁ ଶିକ୍ଷା ଭିତରେ ଯୋଗ ଶିକ୍ଷା ବାଧ୍ୟତାମୂଳକ ହେବା ଦରକାର ପ୍ରତ୍ୟେକ ବିଦ୍ୟାଳୟ ମହାବିଦ୍ୟାଳୟ ମାନଙ୍କର ଅଭିଜ୍ଞ ଯୋଗ ଶିକ୍ଷକଙ୍କ ଦ୍ୱାରା ପିଲା ଶିକ୍ଷା ଲାଭ କଲେ ଛାତ୍ରଛାତ୍ରୀ ଭଲ ମଣିଷ ତିଆରି ହୋଇପାରିବେ । ଅନୁଷ୍ଠାନର ଅଧ୍ୟକ୍ଷା ଡଃ ଦେବୀ ଅର୍ଚ୍ଚନା ଦାସ୍ ଯୋଗ ସହିତ ଜୀବନୀଶୈଳୀ ପରିବର୍ତ୍ତନ ହେବା ଦରକାର ଏବେ ଏହି ମହାବିଦ୍ୟାଳୟରେ ୫ ଶହ ବିଦ୍ୟାର୍ଥୀ ଡି.ଆଇ.ପି ଇନ୍ ଯୋଗା ପିଜି ଡିପ୍ଲମା, ଏମ୍.ଏ ଇନ୍ ଯୋଗା ପାସ୍ କରି ବିଭିନ୍ନ ସରକାରୀ ଚାକିରି ପାଇ ପାରୁଛନ୍ତି । ଅନୁଷ୍ଠାନର ଅଧ୍ୟାପିକା କ୍ରାନ୍ତିକ୍ରୀଷ୍ଣା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଅନିତା ମିଶ୍ର, ଅଧ୍ୟାପକ ଅଭିଶେକ ଦାସ ଧନ୍ୟବାଦ ଦେଇଥିଲେ ।

## ବିଧାନସଭାରେ ମହାବିତର୍କ: ସ୍ୱତନ୍ତ୍ର ଅଧିବେଶନରେ ଶାସକ-ବିରୋଧୀ ବାକ୍ ଯୁଦ୍ଧ



ଭୁବନେଶ୍ୱର, ୩୦/୪ (ନି.ପ୍ର): ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭରେ ପ୍ରଥମେ ମୁଖ୍ୟମନ୍ତ୍ରୀ ଗଣତନ୍ତ୍ରରେ ମହିଳାଙ୍କ ଭୂମିକା ପ୍ରସଙ୍ଗରେ ଆଲୋଚନା ନେଇ ପ୍ରସ୍ତାବ ରଖିଥିଲେ । ଏହାପରେ ବିରୋଧୀଙ୍କୁ ଟାର୍ଗେଟ କରି ଶାଣିତ ଆକ୍ରମଣ କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳା ସଂରକ୍ଷଣ କଥା ଆସିଲେ ବିରୋଧୀ ପଛଘୁଞ୍ଚା ଦେବା ସହ ରାଜନୈତିକ ଅଧିକାରରୁ ବଞ୍ଚିତ କରୁଛନ୍ତି । ସେପଟେ ଭିନ୍ନ ଅନ୍ଦାଜରେ ଶାସକ ଦଳକୁ ସମାଲୋଚନା କରିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ

◆◆ପୃଷ୍ଠା ୭

## ହର୍ମୁଜ୍‌ରେ ଅଟକିବନି ଭାରତୀୟ ଜାହାଜ: ଇରାନ ରାଷ୍ଟ୍ରଦୂତ



ନୂଆଦିଲ୍ଲୀ,୩୦/୪ : ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି, ଏବଂ ଦୁଇ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ପ୍ରାୟ ସ୍ଥଗିତ ରହିଛି । ଏହି ସମୟରେ, ଯେତେବେଳେ ଇରାନର ନେତାମାନେ ବିଶ୍ୱବ୍ୟାପୀ ଏହାର ସହଯୋଗୀଙ୍କଠାରୁ ସମର୍ଥନ ସଂଗ୍ରହ କରୁଛନ୍ତି,ଆମେରିକା ତାର ଶକ୍ତି ବୃଦ୍ଧି କରିବାରେ ବ୍ୟସ୍ତ । ଏହି ସମୟରେ, ଭାରତରେ ଇରାନର ରାଷ୍ଟ୍ରଦୂତ ଡକ୍ଟର ମହମ୍ମଦ ଫଥାଲି ଗଣମାଧମ ସହିତ କଥାବାର୍ତ୍ତା କରି କଡ଼ା ଶବ୍ଦରେ କହିଛନ୍ତି ଯେ, ଆମେରିକାର ପ୍ରତିବନ୍ଧକ ସତ୍ତ୍ୱେ,ଚାବାହାର ପ୍ରକଳ୍ପ କେବେ ବି ବନ୍ଦ ହୋଇନାହିଁ । ଇରାନୀ ରାଷ୍ଟ୍ରଦୂତ ଏହା ମଧ୍ୟ କହିଛନ୍ତି, ଇରାନ ସବୁବେଳେ ଆମେରିକା ସହିତ କଥାବାର୍ତ୍ତା କରିବାକୁ ପ୍ରସ୍ତୁତ, କିନ୍ତୁ ତେହେରାନର ପ୍ରାଥମିକତା ହେଉଛି ବାରମ୍ବାର ଯୁଦ୍ଧ ଏବଂ ଯୁଦ୍ଧବିରତିର ଚକ୍ରରେ ଫସି ରହିବା ପରିବର୍ତ୍ତେ ଏକ ସଠିକ ଏବଂ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା । ସେ କହିଛନ୍ତି ଯେ ଇରାନର

◆◆ପୃଷ୍ଠା ୭


1001/31/2627

ସତ୍ୟମେବ ଜୟତେ



### ମଇ ଦିବସ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

"ମଇ ଦିବସ" ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ "ବିକଶିତ ଓଡ଼ିଶା-ବିକଶିତ ଭାରତ" ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR: 1001/1001/2/26-27/0001

1001/31/2627



### ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ରାଜ୍ୟର ବିକାଶ କ୍ଷେତ୍ରରେ ଆପଣମାନଙ୍କ ଅମୂଲ୍ୟ ଯୋଗଦାନ ପ୍ରତି ମୁଁ ସମ୍ମାନ ଜଣାଉଛି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ।

ଆସନ୍ତୁ, ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ସମସ୍ତେ ସମ୍ମିଳିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 1001/1001/2/26-27/0001

# ଦୁଇଟି ଚୋରା ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଜବତ : ଦୁଇ ଚାଳକ ଗିରଫ



ବେତନଟୀ, ୩୦/୦୪ (ନି.ପ୍ର): ବେତନଟୀ ଥାନା ଅଧୀନ ୧୮ନଂ ଜାତୀୟରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ ଦୁଇଟି ଚୋରା ଗୋରୁବୋଝେଇ ପିକଅପ ଭ୍ୟାନକୁ ଜବତ କରିବା ସହିତ ଉଭୟ ଗାଡିର ଚାଳକଙ୍କୁ ଗିରଫ କରିଛି ପୁଲିସ । ଦୁଇଟି ଗିରଫ ଚାଳକ ଯଥାକ୍ରମେ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଅଧୀନ ମୁବାରକପୁର ଗ୍ରାମର ଧନେଶ୍ୱର ଜେନାର ପୁଅ କିଶୋର ଜେନା(୩୯) ଏବଂ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ମଧୁସୂଦନପୁର ଗ୍ରାମର ଦୟାନିଧି ପାତ୍ରର ପୁଅ ବିଜୟ ପାତ୍ର(୩୫) ବୋଲି ଜଣାପଡ଼ିଛି। ଘଟଣା ରୁ ପ୍ରକାଶ ବେତନଟୀ ପୁଲିସ ପେଟ୍ରୋଲିଂ ୧୮ନଂ ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ ସନ୍ଦେହ ହେବାରୁ ଦୁଇଟି ପିକଅପଭୟାନକୁ ଅଟକାଇଥିଲେ । ମାତ୍ର ସେମାନେ ଖସି ପଳାଇବାକୁ ଚେଷ୍ଟା କରିବାକୁ ପେଟ୍ରୋଲିଂ ଟିମର ସନ୍ଦେହ ବଢିବା ସହିତ ପିଛା କରିଥିଲେ। ଏହାପରେ ଓଡି-୦୪ ଭି-୯୬୦୯ ଏବଂ ଓଡି-୦୧-ଏଲ-୫୫୭୧ ନମ୍ବର ବିଶିଷ୍ଟ ଦୁଇଟି ଗୋରୁ ବୋଝେଇ ପିକଅପଭ୍ୟାନ ଜବତ କରିବାରେ ସଫଳ ହୋଇଥିଲେ । ଜବତ ଡିକଅପଭ୍ୟାନ ଗୁଡିକୁ ଥାନାକୁ ଅଣାଯାଇଥିବା ବେଳେ ଏନେଇ ୧୮୮/୨୬ରେ ମାମଲା ରୁଜୁ କରାଯାଇଛି । ଗିରଫ ଚାଳକ ଦ୍ୱୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି କ୍ରୀଷ୍ଣା ପିଙ୍ଗୁଆ ସୂଚନା ଦେଇଛନ୍ତି ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣରେ ୨ କୋର୍ଟ ଚାଲାଣ

ଧର୍ମଶାଳା, ୩୦/୦୪ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ରୁଦ୍ରପୁର ପଂଚାୟତସ୍ଥ ବଡବାଗସାହିଠାରେ ଚଳିତ ମାସ ୧୨ତାରିଖ ରବିବାର ରାତି ପ୍ରାୟ ୮ଟା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ସଂଘବଦ୍ଧଭାବେ ମରଣାନ୍ତକ ଆକ୍ରମଣ କରିବା ସହିତ ଯୁବକଙ୍କ ନିକଟରେ ଥିବା ୧ଲକ୍ଷ ଟଙ୍କା ନେଇ ୬ଜଣ ଯୁବକ ଫେରାର ହୋଇଯାଇଥିବା ନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଝାଲପଡା ପଂଚାୟତସ୍ଥ ନିଳକଣ୍ଠପୁର ଗ୍ରାମର ଅରକ୍ଷିତ ଦାସଙ୍କ ପୁଅ ଅଭିମନ୍ୟୁ(୩୫)ଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମବରଦା ପୁଲିସ ଘଟଣାସ୍ଥଳରେ ପଂହଚି ଅଭିମନ୍ୟୁଙ୍କୁ ଉଦ୍ଧାର କରି ଆମ୍ବୁଲନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲା । ଏହି ଘଟଣାରେ ସ୍ଥାନୀୟ ଅଂଚଳର ୬ଜଣ ଯୁବକଙ୍କ ନାମରେ ବ୍ରହ୍ମବରଦା ଥାନାରେ ଗୁରୁତର ଯୁବକଙ୍କ ଖୁଡି ସରସ୍ୱତୀ ଦାସ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାରେ ପୁଲିସ ୭୪।୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖି ଥିଲା । ତେବେ ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରି ଆଜି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି । ଗିରଫ ଦ୍ୱୟ ହେଲେ ନୀଳକଣ୍ଠପୁର ଗ୍ରାମର ନିରଞ୍ଜନ ଗନ୍ତାୟତଙ୍କ ପୁଅ ଶରତ(୪୨) ଓ ଗଗନ ଜେନାଙ୍କ ପୁଅ ରଂଜିତ ଓରଫ ବାବୁ(୪୬) ବୋଲି ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସୂଚନା ଦେଇଛନ୍ତି । ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡିଛି । ସୂଚନା ଥାଉକି, ଚଳିତ ମାସ ୧୨ତାରିଖ ରବିବାର ରାତି ପ୍ରାୟ ୮ଟା ସମୟରେ ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଲପଡା ପଂଚାୟତସ୍ଥ ନିଳକଣ୍ଠପୁର ଗ୍ରାମର ଅରକ୍ଷିତ ଦାସଙ୍କ ପୁଅ ଅଭିମନ୍ୟୁ ଏକ ବାଇକ୍ରେ ବ୍ରହ୍ମବରଦା ଅଂଚଳରୁ ଜଣେ ବାଦାମ ବେପାରୀଙ୍କଠାରୁ ବାଦାମ ବିକା ହୋଇଥିବା ୧ଲକ୍ଷ ଟଙ୍କା ଧରି ଘରକୁ ଫେରିବା ସମୟରେ ବଡବାଗସାହି ନିକଟରେ ନିଳକଣ୍ଠପୁର ଗ୍ରାମର ମାନସ ଜେନାଙ୍କ ପୁଅ ଦିଲ୍ଲିପ ତାଙ୍କୁ ପ୍ରଥମେ ଅଟକାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ନିକଟରେ ଥିବା ଦିଲ୍ଲିପଙ୍କର ୫ ଜଣ ସହଯୋଗୀ ଘଟଣାସ୍ଥଳରେ ପଂହଚି ତାଙ୍କୁ କୋଦାଳ ବେଂଟ, ଲୁହା ରଡ ଓ ଭୁଜାଲିରେ ସଂଘବଦ୍ଧଭାବେ ଆକ୍ରମଣ କରି ଅଭିମନ୍ୟୁଙ୍କ ନିକଟରେ ଥିବା ୧ଲକ୍ଷ ଟଙ୍କା ନେଇ ସମସ୍ତେ ଫେରାର ହୋଇଯାଇଥିଲେ । ଖବର ପାଇ ବ୍ରହ୍ମବରଦା ପୁଲିସ ଘଟଣାସ୍ଥଳରେ ପଂହଚି ଅଭିମନ୍ୟୁଙ୍କୁ ଉଦ୍ଧାର କରି ଯାଜପୁର ମେଡିକାଲରେ ଭର୍ତି କରିଥିଲା। ଏନେଇ ରବିବାର ବିଳମ୍ବିତ ରାତିରେ ଖୁଡି ସରସ୍ୱତୀ ଦାସ ୬ଜଣ ଯୁବକଙ୍କ ନାମରେ ଅଭିଯୋଗ କରିଥିଲେ ।

# ବିଜେଡି ଛାଡି ବିଜେପିରେ ଯୋଗ ଦେଲେ ସରପଞ୍ଚ, ସମିତି ସଭ୍ୟ ଓ କର୍ମୀ



ବେତନଟୀ, ୩୦/୦୪ (ନି.ପ୍ର): ବେତନଟୀ ବିଜେପି କାର୍ଯ୍ୟାଳୟରେ ଆଜି ବ୍ଲକ ସ୍ତରୀୟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଶାସନ ଓ ମୋହନ ମାଝୀ ଙ୍କ ସରକାର ଉପରେ ଅନୁପ୍ରାଣିତ ହୋଇ ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ବଡ଼ସାହି ବିଧାୟକ ସନାତନ ବିଜୁଲିଙ୍କ ପୌରୋହିତ୍ୟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟ ଓ କର୍ମୀ ମାନେ ଯୋଗ ଦେଇଥିବା ବେଳେ ବେତନଟୀ ବ୍ଲକ ଅଧ୍ୟକ୍ଷା କୈସଲ୍ୟ ମାଝୀ, ବିଜେଡି ର ତୁଙ୍ଗ ନେତା ରାଜକିଶୋର ନାୟକ, ମହିଶାଶୁଳ ପଞ୍ଚାୟତର ବରିଷ୍ଠ ନେତା ବିଶିକେଶନ ଧୋଳ, ୱାର୍ଡ ସଭ୍ୟ ସମ୍ଭୁ ସିଂ, ୱାର୍ଡ ସଭ୍ୟା ଚମ୍ପାବତୀ ମହାନ୍ତ, ପୂର୍ବତନ ୱାର୍ଡ ସଭ୍ୟ ଧ୍ରୁବଧର ମହାନ୍ତ, ନେତା ଭାବଗ୍ରାହୀ ମହାନ୍ତ, ମୁକ୍ତାପୁର ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଧନଞ୍ଜୟ ସିଂ, ନାୟବ ସରପଞ୍ଚ ଅମର କୁମାର ବେହେରା, ୱାର୍ଡ ସଭ୍ୟ ମାଙ୍ଗାତ ମୁର୍ମୁ, ମେର୍ଦା ସମିତି ସଭ୍ୟ ବାସନ୍ତୀ ମୁର୍ମୁ, ସୁଜିତ କୁମାର ଲେଙ୍କା, ଗିରିଜା ଶଙ୍କର ଲେଙ୍କା, ବିଜୟ କୁମାର ସାହୁ, ଚନ୍ଦନ କୁମାର ବିନ୍ଧାଣୀ, ରଞ୍ଜୁ ମୁର୍ମୁ, ମଙ୍ଗଳା ବିନ୍ଧାଣୀ, ସାଇକା ଦେହୁରୀ, ପବନା ବିନ୍ଧାଣୀ, ରାମଚନ୍ଦ୍ର ଦେହୁରୀ, ମିନି ଦେହୁରୀ ପ୍ରମୁଖ ଯୋଗ ଦାନ କରିଥିବା ବେଳେ ଶତାଧିକ ବିଜେଡି ଛାଡି ଆଜି ବିଜେପି ରେ ଯୋଗ ଦାନ କରିଛନ୍ତି।

# ନିମ୍ନ ମାନର କାମ ଯୋଗୁଁ କଂକ୍ରିଟ ରାସ୍ତାରେ ଫାଟ

ବଲାଙ୍ଗୀର, ୩୦/୦୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗ୍ରାମାଂଚଳର ଗମନାଗମନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ରାସ୍ତା କାମ ନିମ୍ନମାନର ଯୋଗୁଁ ରାସ୍ତାଗୁଡ଼ିକ ନିର୍ମାଣର ଅଳ୍ପ ଦିନ ମଧ୍ୟରେ ଶୋଚନୀୟ ହୋଇପଡୁଛି। ବଙ୍ଗୋମୁଣ୍ଡା-ଟିଟିଲାଗଡ଼ ୨୧୭ ନମ୍ବର ଜାତୀୟ ରାଜପଥରୁ ଗୋଇମୁଣ୍ଡ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହୋଇ ରାସ୍ତା ନିର୍ମାଣ କରାଯାଇଛି। ରାସ୍ତା ପିଚୁ କାମ ସହିତ ଗୋଇମୁଣ୍ଡ ଗ୍ରାମ୍ୟ ବସ୍ତି କଂକ୍ରିଟକରଣ କରାଯାଇଛି। ରାସ୍ତାର ପିଚୁ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ରାସ୍ତା କଂକ୍ରିଟ କରାଯାଇଥିବାବେଳେ ଅତି ନିମ୍ନ ମାନର ଯୋଗୁଁ ରାସ୍ତା ତିଆରି ହେବାର ୨୪ ଘଂଟା ନପୁରୁଣୁ ଅନେକ ସ୍ଥାନରେ ଫାଟ ହୋଇଯାଇଛି। ନିମ୍ନ ମାନର ରାସ୍ତା କାମ ହୋଇଥିବା ଅଭିଯୋଗ ପରେ ମଧ ଠିକାଦାର କର୍ଣ୍ଣପାତ ନକରି କଂକ୍ରିଟ କାମ କରିଥିଲେ। ଏବେ କଂକ୍ରିଟ ରାସ୍ତାର ଅନେକ ସ୍ଥାନରେ ଫାଟ ଦେଖାଦେଇଛି। ରାସ୍ତାର ସ୍ଥାୟୀତ୍ୱ ନେଇ ଆଶଙ୍କା ଦେଖାଦେଇଥିବା ବେଳେ କଂକ୍ରିଟ କାମ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ମଡର୍ଣ୍ଣ ଇଂଲିଶ ସ୍କୁଲରେ ଭାଷା ଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ

ଜୟପୁର, ୩୦/୦୪ (ନି.ପ୍ର): ଭାଷା ର ସମୁଦ୍ର ମଧ ରେ ଆମେ ଏକ ଜଳ ବିନ୍ଦୁ ସଦୃଶ । ଏହି ଅଗଭୀର ସମୁଦ୍ର ମଧ ରେ ଆମେ କେତେ ଦୂର ଭାଷା ସହିତ ଅଛେ ତାହା ସମୟହିଁ କହିବ। ଆଜି ମଡର୍ନ ଇଂଗ୍ଲିଶ ବିଦ୍ୟାଳୟ ରେ ଭାଷା ଭୀତିକ କାର୍ଯ୍ୟକ୍ରମର ଆୟୋଜନ କରା ଗଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ବସ୍ତୁ ଥିଲା ଭାଷାର ଉନ୍ନତି କିପରି ହୋଇ ପାରିବ ଏବଂ ଭାଷା କୁ ଆମେ କିପରି ଆଗକୁ ନେଇ ତାର ଉନ୍ନତି କରିବା ଆଲୋଚନା ହୋଇ ଥିଲା। ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ଲେଖକ ଶ୍ରୀ ଲକ୍ଷ୍ମୀ କାନ୍ତ ପାଢୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଯୋଗ ଦେଇ ବିଭିନ ପ୍ରଶ୍ନ ଉତରର ଆଲୋଚନା କରିଥିଲେ। ଶ୍ରୀମତୀ ବିଜୟାଲକ୍ଷ୍ମୀ ପାଣିଗ୍ରାହୀ ମୁକ୍ଷ ବକ୍ତା ଭାବେ ଯୋଗ ଦେଇ ଭାଷାର ଶୁଦ୍ଧି କରଣ କିପରି ହୋଇ ପାରିବ ତାହା ଆଲୋଚନା କରି ଥିଲେ । ବିଦ୍ୟାଳୟର ଅଧକ୍ଷ ସଚ୍ଚିଦାନନ୍ଦ ମିହାପାତ୍ର ସଭାପତି ଭାବେ ଭାଷାର ଉନ୍ନତିରେ ହିଁ ଶିକ୍ଷାର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଓଡିଆ ଭାଷା ର ଧୀର ଧୀରେ ଲୋପ ପାଇ ବାକୁ ବସିଲାଣି ତେଣୁ ଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ବୋଲି କହିଥିଲେ । ଆମେ ତାର ଯଦି ପୁନରୁଦ୍ଧାର ନ କରିବା ତେବେ କେତେବେଳେ ଯେ ଏହା ଲୋପ ପାଇ ଯାଇ ଥିବ ତାହା ଅକଳ୍ପନୀୟ । ଓଡିଆ ଭାଷା ର ଶୁଦ୍ଧତା ଆଣିବା ଦିଗ ରେ ଏହା ଏକ ସୁନ୍ଦର ପ୍ରୟାସ ଥିଲା ଆଗକୁ ଆହୁରି ଏହି ପରି କାର୍ଯ୍ୟକ୍ରମର ପ୍ରସାର ହେବ ବୋଲି ଆବାହକ ଶ୍ରୀ ନିରଞ୍ଜନ ପାଣିଗ୍ରାହୀ କହିଥିଲେ। ଏଭଳି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ନିର୍ଦ୍ଦେଶିକା କୁମୁଦା ମାଳା ମହାନ୍ତି ପ୍ରଶଂସା କରିଥିଲେ। ଶେଷ ରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ବାସୁଦେବ ମହାପାତ୍ର କାର୍ଯ୍ୟକ୍ରମ ଶେଷ କରିବା ଘୋଷଣା କରିଥିଲେ ।

# ସୀମା ନିର୍ଦ୍ଧାରଣରେ ତ୍ରୁଟି: ଦୋ'ଛକିରେ କୁଲାବେଡ଼ାବାସୀ

ଜୟପୁର, ୩୦/୦୪ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଦଣ୍ଡାବାଡ଼ି ପଞ୍ଚାୟତର କୁଲାବେଡ଼ାରେ ଏପରି ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି । ସୀମା ନିର୍ଦ୍ଧାରଣରେ ତ୍ରୁଟି ଥିବାରୁ ସମସ୍ୟା ରେ ପଡିଛନ୍ତି କୁଲାବେଡ଼ାବାସୀ । ଘର, ଚାଷ ଜମି, ପାଠପଢ଼ା କୋରାପୁଟରେ । ଜୀବିକା ପଡ଼ୋଶୀ ଜିଲ୍ଲା ମାଲକାନଗିରି । ପ୍ରଶାସନ ମଧ ସୀମା ନିର୍ଦ୍ଧାରଣ ନ କରି ଯୋଗାଇ ଚାଲିଛି ସେବା । ଫଳରେ ଗୋଟିଏ ଗାଁରେ ୨ଟି ଜିଲ୍ଲାର ସ୍କୁଲ ଓ ଅଙ୍ଗନବାଡ଼ି ଚାଲିଛି । କୋରାପୁଟ ଜିଲ୍ଲା ପ୍ରଶାସନ ଦଣ୍ଡାବାଡ଼ିକୁ ରାଜସ୍ୱ ଗାଁ ମାନ୍ୟତା ଦେଇଛି । ଗ୍ରାମବାସୀଙ୍କ ଚାଷ ଜମି ଓ ରେକର୍ଡ଼ପତ୍ର ରହିଛି । କୋରାପୁଟ ଜିଲ୍ଲାରେ । ଅରପଟେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଖୁଟୁଣିପାଲ୍ଲି ପଞ୍ଚାୟତର କୁଲାବେଡ଼ା ଗାଁ ଭାବି ମାଲକନଗିରି ଜିଲ୍ଲା ସମସ୍ତ ସରକାରୀ ଯୋଜନା ଗ୍ରାମବାସୀଙ୍କୁ ଯୋଗାଇ ଚାଲିଛି । ଗାଁର ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଲୋକଙ୍କୁ ମାଲକାନଗିରି ଜିଲ୍ଲା ସୁବିଧା । ଏମିତିକି ଜନଗଣନା ସମୟରେ ଗାଁ ଲୋକ କୋରାପୁଟ ଜିଲ୍ଲା ଜନଗଣନା ଅଧିକାରୀଙ୍କୁ ବିରୋଧ କରି ମାଲକାନାଗିରି ଜିଲ୍ଲାରେ ସାମିଲ ପାଇଁ ଦାବି କରିଥିଲେ । ଜୟପୁର ଉପଜିଲ୍ଲାପାଳ ଓ ବୈପାରିଗୁଡ଼ା ତହସିଲଦାର ଗାଁକୁ ଯାଇ ଲୋକଙ୍କୁ ବୁଝାସୁଝା କରିଥିଲେ । କୁଲାବେଡାରୁ ଉଭୟ ଜିଲ୍ଲାର ପଞ୍ଚାୟତ କାର୍ଯ୍ୟାଳୟ ପ୍ରାୟ ୧୪ କିମି ଦୂର । ଦଣ୍ଡାବାଡ଼ିକୁ ଘାଟି ରାସ୍ତା ଦେଇ ଲୋକେ ଯାତାୟାତ କରୁଛନ୍ତି । ଅନ୍ୟ ଦିଗରେ ଖୁଟୁଣିପାଲ୍ଲିକୁ ସମତଳ ଓ ପକ୍କା ରାସ୍ତା ରହିଛି । ଗାଁରୁ ବୈପାରିଗୁଡ଼ା ବ୍ଲକ୍ ସଦରମହକୁମା ୩୫ କିମି ଓ ମାଥିଲି ବ୍ଲକ୍ ୧୭ କିମି । ଦୈନନ୍ଦିନ ଜୀବିକା ଓ ସରକାରୀ ସୁବିଧା ପାଇଁ କୁଲବେଡ଼ାବାସୀ ମାଲକାନାଗିରି ଜିଲ୍ଲା ଉପରେ ନିର୍ଭରଶୀଳ । ଗାଁର ୧୧୪ ପରିବାର ମଧ୍ୟରୁ କୋରାପୁଟ ଜିଲ୍ଲା ଅଧୀନରେ ୧୧୦ ଓ ମାଲକାନଗିରି ଜିଲ୍ଲାର ରାଜସ୍ୱ ଗାଁରେ ୪ଟି ପରିବାର ରହୁଛନ୍ତି । ଏହି ଗାଁରେ ଦୁଇଟି ଜିଲ୍ଲାର ୨ଟି ସ୍କୁଲ ଓ ୨ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି । କୋରାପୁଟ ଜିଲ୍ଲା ସ୍କୁଲରେ ପିଲା କମ୍, ମାଲକାନାଗିରି ଜିଲ୍ଲା ସ୍କୁଲରେ ଅଧିକ ପିଲା । ଉଚ୍ଚଶିକ୍ଷା ପାଇଁ ମାଥିଲି କଲେଜ ଉପରେ ଛାତ୍ରଛାତ୍ରୀ ନିର୍ଭରଶୀଳ । ମାଲକାନାଗିରି ଜିଲ୍ଲା ପ୍ରଶାସନ ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଭତ୍ତା, ରାସନ, ମନରେଗାରେ ଜବ୍କାର୍ଡ, ଆବାସ ଯୋଜନା, କୃଷି ଉପକରଣ, ସ୍ୱାସ୍ଥ୍ୟବୀମା ସମସ୍ତ ସୁବିଧା ଯୋଗାଉଛି । କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ବି ଅନୁରୂପ ସେବା ଯୋଗାଇଦିଆଯାଉଛି । ଗ୍ରାମବାସୀଙ୍କ ପାଖରେ ଉଭୟ ଜିଲ୍ଲାର ଭୋଟରକାର୍ଡ ରହିଛି । ବିଧାନସଭା ନିର୍ବାଚନରେ ଗାଁରେ ୩୭୫ ଭୋଟର କୋଟପାଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ । ତେଣୁ ପ୍ରଶାସନ ତୁରନ୍ତ ହସ୍ତ କ୍ଷେପ କରି ସୀମାନିର୍ଦ୍ଧାରଣ କରି ଗ୍ରାମବାସୀ ଙ୍କୁ ନ୍ୟାୟ ଦେବାକୁ ଦାବି ହୋଇଛି ।

# ହୃଦରୋଗ ପରୀକ୍ଷଣ ଶିବିର

ଜୟପୁର, ୩୦/୦୪ (ନି.ପ୍ର): ଜିଲ୍ଲା ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜିଲ୍ଲା ସହଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ପରିସରରେ ହୃଦଜନିତ ରୋଗ ସମ୍ବନ୍ଧୀୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୪ଟି ବ୍ଲକରୁ ଆସିଥିବା ୮୨ ଜଣ ଜନ୍ମରୁ ୧୮ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ହୃଦଜନିତ ରୋଗ ସମ୍ବନ୍ଧୀୟ ପରୀକ୍ଷଣ କରାଯାଇଥିଲା। ଏହି ଶିବିରରେ ଭୁବନେଶ୍ୱର ହାଇଟେକ ହସପିଟାଲ ଡାକ୍ତର ରିତେଶ ଆଚାର୍ଯ୍ୟ ଶିଶୁ ମାନଙ୍କର ଇକୋ ଯାଂଚ କରିଥିଲେ। ଏହି ଶିବିରରେ ମୋଟ ୮୨ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇଥିବା ବେଳେ ସେଥି ମଧ୍ୟରୁ ୩୮ ଜଣ ପିଲାଙ୍କର ହୃଦରୋଗ ଜନିତ ସମସ୍ୟ ଦେଖାଦେଇଥିଲା। ଏହି ୩୮ ଜଣ ପିଲାଙ୍କୁ ଉଚ୍ଚତର ଚିକିତ୍ସା ନିମନ୍ତେ ହାଇଟେକ ହସ୍ପିଟାଲ ଭୁବନେଶ୍ୱରକୁ ପଠାଯିବ ବୋଲି ରାଷ୍ଟ୍ରିୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମ୍ୟାନେଜର ସନୋଷୀ କୁମାରୀ ଗୋପୀ ପ୍ରକାଶ କରିଥିଲେ। ଏହି ଶିବିରରେ ଡା. ନୀଳମାଧବ ଶତପଥୀ, ଦେବଦତ ମଲ୍ଲିକ, ଡିଏମଓ ଡା. ଅକ୍ଷୟ ରଥଏବଂ ଡିପିଏମ ସୁଶାନ୍ତ କୁମାର ଶତପଥୀ, ମନୋଜ କୁମାର ଦାସ, ହସପିଟାଲ ମ୍ୟାନେଜର ରୁପସୀ ନାୟକ, ତଥାଗତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୃହ ଗଣନା କାର୍ଯ୍ୟ ସଫଳତା ପାଇଁ କ୍ଷେତ୍ର ନିରୀକ୍ଷଣ କଲେ ଅତିରିକ୍ତ ଜିଲ୍ଲାପାଳ

ସୁବର୍ଣ୍ଣପୁର, ୩୦/୦୪ (ନି.ପ୍ର): ସୁବର୍ଣ୍ଣପୁର ପୌରପରିଷଦ ର ବିଭିନ୍ନ ଏଚ୍ ଏଲ ବି ୨୨ , ୨୩ , ୦୦୨୬ ୱାର୍ଡ କୋଡ ନମ୍ବର ୦୦୦୮ ଯଥା ସୋନପୁର ମଝିପଡ଼ା ରଥଖଳା ଅଞ୍ଚଳ, କୁମ୍ଭାରପଡ଼ା,ଢେରାପଡା କୁ ଗ୍ରସ୍ତ କରି ଗୃହ ଗଣନା କାର୍ଯ୍ୟ ର ନିରୀକ୍ଷଣ କରି ଏନୁମେରେଟର ଓ ସୁପର ଭାଇଜର ଙ୍କ ସହ ଗୃହ ମାଲିକ, ପରିବାର ର ମୁଖ୍ୟ ଙ୍କ ସହ ଗୃହ ଗଣନା ବିଷୟରେ ଆଲୋଚନା କରି ଗୃହ ଗଣନା କାର୍ଯ୍ୟ ରାଷ୍ଟ୍ର ପାଇଁ କେତେ ଗୁରୁତ୍ୱ ପୂର୍ଣ୍ଣ ସେ ଉପରେ ବୁଝାଇ ଥିଲେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ଓ ନିଜେ ବିଭିନ୍ନ ପ୍ରଶ୍ନ କରି ଗୃହ ଗଣନା ଅଧିକାରୀ ମାନଙ୍କୁ ଏ କାର୍ଯ୍ୟ ରେ ସହଯୋଗ କରିବା କୁ ନିବେଦନ କରିଥିଲେ।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଦୁଇ ଛାତ୍ରୀଙ୍କ ଦୁଇଟି ସ୍ୱର୍ଣ୍ଣିମ ସଫଳତା

ଝାରସୁଗୁଡ଼ା, ୩୦/୦୪ (ନି.ପ୍ର): ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଯୁକ୍ତ ତିନି ସ୍ନାତକ ଶେଷ ବର୍ଷର ଫଳାଫଳରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ା ପୁଣିଥରେ ଗୌରବାନ୍ୱିତ ହୋଇଛି । ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀ ସୁଶ୍ରୀ ଗୀତା ସା ୯.୬୭ ସିଜିପିଏ ସହିତ ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରି ବେଷ୍ଟ ଗ୍ରାଜୁଏଟ ହେବାର ଗୌରବ ଅର୍ଜନ କରିଛନ୍ତି।

ଲଖନପୁର ବ୍ଲକ ଅନ୍ତର୍ଗତ ଗୁଡ଼ମ ଗ୍ରାମର ସାଧାରଣ ଚାଷୀ ହିମାଂଚଳ ସା ଓ ଶୈଳ ସାଙ୍କ କନିଷ୍ଠ କନ୍ୟା ଗୀତାଙ୍କ ଏହି ବିରଳ ସଫଳତାରେ ସମଗ୍ର ଅଂଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ସେ ନିଜ ସଫଳତା ପାଇଁ ନିଜ ବାପା-ମା, ପରିବାରବର୍ଗ, ବିଭାଗୀୟ ମୁଖ୍ୟ ଅଧ୍ୟାପିକା ନୀମା ପାଣିଗ୍ରାହୀ, ଅଧ୍ୟାପିକା ସୋନମ ଗେନେରୀୱାଲ ଓ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହାସହିତ, ଏହି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ରୀ ସୁଶ୍ରୀ ପୂଜା ସଉରା ୯.୦୮ ସିଜିପିଏ ସହିତ ବିଶ୍ୱବିଦ୍ୟାଳୟରେ ନବମ ସ୍ଥାନ ଅଧିକାର କରି କଲେଜ ପାଇଁ ଗୌରବ ଆଣିଦେଇଛନ୍ତି। କୋଲାବିରା ବ୍ଲକ୍ ଅନ୍ତର୍ଗତ ରଘୁନାଥପାଳି ଗ୍ରାମରେ ଜନ୍ମିତ ପୂଜା କୃଷି ଶ୍ରମିକ ମାଆ ସାବିତ୍ରୀ ସଉରାଙ୍କ ଦ୍ୱାରା ଏକାକୀ ପାଳିତ ହୋଇ ଅତ୍ୟନ୍ତ କଷ୍ଟରେ ପାଠ ପଢ଼ି ଏହି ସଫଳତା ଅର୍ଜନ କରିଛନ୍ତି। ସେ ନିଜ ସଫଳତାର ଶ୍ରେୟ ମାଆ, ପୂର୍ବତନ ପ୍ରାଧ୍ୟାପକ ବିଜ୍ଞାନ ଭୂଷଣ ଭଞ୍ଜ, ବିଭାଗୀୟ ମୁଖ୍ୟ ବ୍ରଜେଶ ସାହୁ ଓ ଅନ୍ୟାନ୍ୟ ଅଧ୍ୟାପକ-ଅଧ୍ୟାପିକାଙ୍କୁ ଦେଇଛନ୍ତି। ଦୁଇ ଛାତ୍ରୀଙ୍କ ଏହି ଉଲ୍ଲେଖନୀୟ ସଫଳତାରେ ମହାବିଦ୍ୟାଳୟ ପରିବାର ଓ ସମଗ୍ର ଅଂଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

# ୨୪ ଟିକିଆ ବଣୁଆ ହାତୀପଲ ଦଳିଦେଲେ ୧ ହଜାର କଦଳୀ ଗଛ

ବଲାଙ୍ଗୀର, ୩୦/୦୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅଂଚଳରେ ଦୀର୍ଘ ୨ବର୍ଷ ଧରି ୨୪ଟିକିଆ ବଣୁଆ ହାତୀପଲ ଆତଙ୍କ ସୃଷ୍ଟି କରୁଥିବାବେଳେ ଚାଷୀମାନେ ତ୍ରାହି ତ୍ରାହି ଡାକୁଛନ୍ତି। ରାତିରେ ଏହି ବଣୁଆ ହାତୀପଲ ଗୁଡ଼ିଘାଟ ନିକଟବର୍ତୀ ଯମୁନାବାହାଲ, ଖରବାହାଲି ଗ୍ରାମର ଚାଷୀ ସୁରେନ୍ଦ୍ର ମନହିରାଙ୍କ କଦଳୀ ବଗିଚାରେ ଥିବା ୧ ହଜାରରୁ ବେଶୀ କଦଳୀ ଗଛକୁ ସମ୍ପୂର୍ଣ୍ଣ ଭାଙ୍ଗି ରୁଚି ଦଳି ଦେଇଥିଲେ। ସେହିପରି ଗ୍ରାମର ଅନ୍ୟ କଦଳୀ ଚାଷୀଙ୍କ ବହୁ କଦଳୀ ଗଛ ଓ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ଚାଷୀମାନେ ଅଭିଯୋଗ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏହି ୨୪ଟିକିଆ ହାତୀପଲ ବିଭିନ୍ନ ଦଳରେ ବିଭକ୍ତ ହୋଇ ବେଳେ ବେଳେ ଚାଷୀଙ୍କ ସୋଲାର ବୋରୱେଲର ପ୍ୟାନେଲ ଭାଙ୍ଗୁଥିବାବେଳେ ପ୍ରବଳ ଗ୍ରୀଷ୍ମରେ ବହୁ କଷ୍ଟରେ କରିଥିବା ଚାଷ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଆଉ ବେଳେବେଳେ ଗାଁ ଭିତରକୁ ପଶିଆସି ଆତଙ୍କ ମଧ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ଗୁଡ଼ିଘାଟ ଫରେଷ୍ଟର ଜୟକୃଷ୍ଣ ଭୋଇଙ୍କୁ ପଚାରିବାରୁ ଚାଷୀଙ୍କୁ କ୍ଷତିପୂରଣ ପାଇଁ ଆବେଦନ କରିବାକୁ ପରାମର୍ଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

# ତପସ୍ୟା ଭବନ ବ୍ରହ୍ମାକୁମାରୀ ସଂସ୍ଥାର ବାର୍ଷିକୋତ୍ସବ

କେନ୍ଦ୍ରାପଡ଼ା, ୩୦/୦୪ (ନି.ପ୍ର): କେନ୍ଦ୍ରାପଡ଼ା ସହରର ବଡ଼ହାଟସ୍ଥିତ ତପସ୍ୟା ଭବନରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖାର ତ୍ରୟୋବିଂଶ ବାର୍ଷିକୋତ୍ସବ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ଚିନ୍ତନଯୁକ୍ତ ମୂଲ୍ୟବୋଧ ଭିତିକ ଜୀବନଚର୍ଯ୍ୟା ହିଁ ସମାଜ ପରିବର୍ତ୍ତନର ମହୌଷଧି ବୋଲି ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମାଜିକ ଓ ସାଂସ୍କୃତିକ କର୍ମୀ ଇଂ ଅକ୍ଷୟ କୁମାର ପାଣି କହିଥିଲେ। ବ୍ରହ୍ମାକୁମାର ଧରଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ନିଷ୍ଟିନ୍ତକୋଇଲି ଶାଖା ସଂଚାଳିକା ବିକେ ଗୌରୀ ଙ୍କ ସହ ବିକେ ବନଲତା, ବିକେ ପ୍ରତିଭା, ବଡ଼ହାଟ ଶାଖା ସଂଚାଳିକା ବିକେ ରାନୁ ଓ ବିକେ ମୁନୁ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ଆତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ ରାଜଯୋଗ ହିଁ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ। ପ୍ରାରମ୍ଭରେ ଉକ୍ତ ଶାଖା କେନ୍ଦ୍ରର ସଂସ୍ଥାପକ ଦିବଂଗତ ଶୈଳେନ୍ଦ୍ର ନାରାୟଣ ଦାସଙ୍କ ସ୍ମୃତିରେ ରାଜଯୋଗ କରାଯାଇଥିଲା। ବିକେ ତପସ୍ୱିନୀ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବିକେ ମିନତୀ, ବିକେ ପ୍ରଦୀପ, ବି କେ ପଦ୍ମଲୋଚନ, ବିକେ ସୁନୀଲ, ବିକେ ରବିନ୍ଦ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଭୋଜପୁର ପେଟ୍ରୋଲ ପମ୍ପରେ ମିଳୁନି ପେଟ୍ରୋଲ : କଳା ବଜାରରେ ଲିଟର ପ୍ରତି ୧୨୦

ସମ୍ବଲପୁର, ୩୦/୦୪ (ନି.ପ୍ର): ପାଶ୍ଚାତ୍ୟରେ ଚାଲିଛି ଯୁଦ୍ଧ ବିଭୀଷିକା। ତେଣୁ ବିଶ୍ୱ ବଜାରରେ ପରିବହନକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ବେଳେ ତୈଳ ପରିବହନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହେଲେ ଏହାର ପ୍ରଭାବ ଖୋଲାଖୋଲି ଭାବେ ଦେଶବାସୀ ଅନୁଭବ କରିବା ପୂର୍ବରୁ କିଛି କଳା ବେପାରୀ ସେମାନଙ୍କ କାରନାମା ଆରମ୍ଭ କରିଦେଇଛନ୍ତି। ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଭୋଜପୁର ପଂଚାୟତ ବସଷ୍ଟାଣ୍ଡ ନିକଟରେ ରହିଛି ଇଣ୍ଡିଆନ ଅଏଲର ଏକ ପେଟ୍ରୋଲ ପମ୍ପ। ଏହି ପମ୍ପରେ ଗତ ଦୁଇ ଦିନ ଧରି ପେଟ୍ରୋଲର କୃତ୍ରିମ ଅଭାବ ଦେଖିବାକୁ ମିଳୁଛି। ଯାହା ଫଳରେ ମୋଟର ସାଇକେଲ, ସ୍କୁଟି, ଅଟୋ, କାର୍ ଓ ଅନ୍ୟାନ୍ୟ ଭାରିଜାନ ଚଳାଚଳରେ ପେଟ୍ରୋଲ ଅଭାବ ଜନିତ କାରଣ ଏକ ପ୍ରକାରର ଅନିଶ୍ଚିତତା ଆଶଙ୍କାକୁ ବଢାଇ ଚାଲିଛି। ଗତ ଦୁଇଦିନ ଧରି ଭୋଜପୁର ପେଟ୍ରୋଲ ପମ୍ପରୁ ପେଟ୍ରୋଲ ମିଳୁନଥିବା ବେଳେ ପେଟ୍ରୋଲ ପକାଇବା ଆଶାରେ ଆସୁଥିବା ଯାନବାହାନ ଶେଷ ସମୟରେ ଏକ ପ୍ରକାର ହତାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଅପରପକ୍ଷେ ପମ୍ପରୁ ପେଟ୍ରୋଲ ବା ଡିଜେଲ ମିଳୁନଥିବା ବେଳେ କର୍ମଚାରୀଙ୍କୁ ପଚାରିଲେ ହେଇଆସୁଛି, କାଲି ଆସିବ, ବାଟରେ ଗାଡ଼ି ଖରାପ୍ ହୋଇଯାଇଛି ଭଳି ମିଥ୍ୟା ପ୍ରତିଶ୍ରୁତି ଓ ସୂଚନା ଦେଉଥିବା ଯୋଗୁଁ ପେଟ୍ରୋଲ ଡିଜେଲ ଆଶାରେ ଆସି ହତାଶ ହୋଇ ଫେରୁଥିବା ଗାଡି ଚାଳକ ଓ ଯାତ୍ରୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି କ୍ଷ ଏହି ପେଟ୍ରୋଲ ପମ୍ପରେ ଥରେ ଅଧେ ନୁହେଁ, ବାରମ୍ବାର ବିଭିନ୍ନ ସମୟରେ ପେଟ୍ରୋଲ ଓ ଡିଜେଲ ମହଜୁଦ ରହୁନଥିବା ନେଇ ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଏହି ଅଂଚଳରୁ ଭୋଜପୁର, ମାତାମହୁଲ, ଡ଼ିମିରିମୁଣ୍ଡା, ଆଶ୍ରମ, ରେଙ୍ଗାଲବେଡା, ଗୁଦ୍ରାପଡ଼ା, ଟାଙ୍ଗରାଣୀ, ବଡ଼ମାଳ, ତଥା ଦେବଗଡ଼ ଜିଲ୍ଲାର ଅନେକ ଗ୍ରାମବାସୀ ଏହି ପେଟ୍ରୋଲ ପମ୍ପକୁ ହିଁ ଭରସା କରିଥାନ୍ତି। ଚାଷ ଠୁଁ ଧରି ସମସ୍ତ କାର୍ଯ୍ୟରେ ସ୍ଥାନୀୟ ଅଂଚଳବାସୀ ଏହି ପେଟ୍ରୋଲ ପମ୍ପ ଉପରେ ଭରସା ରଖୁଥିବା ବେଳେ ବିଭିନ୍ନ ସମୟରେ ଏହି ପେଟ୍ରୋଲ ପମ୍ପର ମାଲିକଙ୍କ ମେରୀରାୟ ନୀତି ସାଧାରଣରେ ଅସନ୍ତୋଷର କାରଣ ପାଲଟିଛି। ଅପରପକ୍ଷେ ଏହି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ମିଳୁନଥିବା ବେଳେ କିଛି କଳା ବେପାରୀ ଡ୍ରମ୍ ଡ୍ରମ୍ ତେବେ ଏଠାରୁ ନେଇ ଆଖପାଖ ଅଂଚଳର ଛକ ସ୍ଥାନରେ ମାତ୍ରାଧିକ ଚଢା ଦରରେ ପ୍ଲାଷ୍ଟିକ ବୋତଲରେ ପୁରାଇ ବିକ୍ରି କରିବା ଘଟଣା ଦାଣ୍ଡରେ ପଡି ହାଟରେ ଗଡୁଛି। ଆଜିର ଘଟଣା କ୍ରମରେ ପେଟ୍ରୋଲ ପମ୍ପରେ ପେଟ୍ରୋଲ ନ ଥିବା ବେଳେ ପେଟ୍ରୋଲ ପମ୍ପ ଗେଟ୍ ନିକଟରେ ଜଣେ ବ୍ୟକ୍ତି ପ୍ଲାଷ୍ଟିକ ବୋତଲରେ ୧ ଲିଟର ପିଛା ୧୨୦ ଟଙ୍କା ଦରରେ ଖୋଲାଖୋଲି ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ପେଟ୍ରୋଲ ପମ୍ପ ମାଲିକ ଶ୍ରୀକାନ୍ତ ମହାପାତ୍ରଙ୍କୁ କିଛି ସାମ୍ବାଦିକ ଫୋନ୍ କରିଥିଲେ। ସାମ୍ବାଦିକମାନେ ତାଙ୍କୁ ଏସମ୍ପର୍କରେ ଫୋନ୍ କରୁଥିବା ସୁରାକ୍ ପାଇବା ମାତ୍ରେ 'ନଟ୍ ରିଚେବଲ, ବିଜି କହୁଥିବା ମୋବାଇଲଟି ହଠାତ୍ 'ସୁଇଚ୍ ଅଫ୍' କହିବା ସମ୍ଭବତଃ ତାଙ୍କ ଜାଣତରେ ଏହି ପେଟ୍ରୋଲ କଳାବଜାରୀ ହେଉଥିବା ପରୋକ୍ଷରେ ପ୍ରମାଣିତ କରାଉଛି।

# ଶ୍ରମିକ ଦିବସରେ ଶ୍ରମ ଅନୁଚିନ୍ତା



ଡକ୍ଟର ଲକ୍ଷ୍ମଣ ସାହୁ

ମଇ ପହିଲା ହେଉଛି ବିଶ୍ୱ ଶ୍ରମିକ ଦିବସ ବା ମଇ ଦିବସ । ପୃଥିବୀର ଅନ୍ୟାନ୍ୟ ଦେଶରେ ଏହା ଆନ୍ତର୍ଜାତିକ ଶ୍ରମ ଦିବସ ନାମରେ ମଧ୍ୟ ପାଳିତ ହୋଇଥାଏ । ବିଶେଷ କରି ୮ ଘଣ୍ଟା କାର୍ଯ୍ୟ ସମୟ ଦାବୀରୁ ଜନ୍ମ ନେଇଛି ବିଶ୍ୱ ଶ୍ରମିକ ଦିବସ । ପୁଞ୍ଜିବାଦୀ ବ୍ୟବସ୍ଥା ବିରୋଧରେ ବିଶ୍ୱ ଶ୍ରମଜୀବୀ ସମୁଦାୟର ଏହା ଥିଲା ପ୍ରଥମ ରାଜନୈତିକ ସଂଗ୍ରାମ । ୧୮୮୪ ମସିହା ପରଠାରୁ ଏହି ଦାବୀ ନେଇ ଧାରାବାହିକ ଆନ୍ଦୋଳନ ଆମେରିକାରେ ଚାଲିଲା । ୧୮୮୬ ପୂର୍ବରୁ ଆମେରିକାରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନରେ ଆମେରିକାର ଶ୍ରମିକମାନେ ରାସ୍ତାକୁ ଓହ୍ଲାଇ ଥିଲେ । ଶ୍ରମିକମାନେ ସେମାନଙ୍କର ଅଧିକାର ପାଇଁ ଧର୍ମଘଟରେ ବସିଥିଲେ । ଏହି ଆନ୍ଦୋଳନର କାରଣ ଥିଲା ଶ୍ରମିକମାନଙ୍କର କାର୍ଯ୍ୟ ସମୟ । ସେହି ସମୟରେ ଶ୍ରମିକମାନେ ଦିନରେ ୧୨-୧୫ ଘଣ୍ଟା କାମ କରୁଥିଲେ । ଏପରିକି ଶ୍ରମସ୍ଥଳରେ ସେମାନଙ୍କ ଜୀବନ ପ୍ରତି ଆସୁଥିବା ବିପଦକୁ ମଧ୍ୟ କମ୍ପାନୀମାନେ ଧ୍ୟାନ ଦେଉ ନଥିଲେ । ଏଇଭଳି ଦୁର୍ଘଟଣାକୁ ରୋକିବା ପାଇଁ ତଥା ନିଜର କାର୍ଯ୍ୟ ସମୟ ସୀମାକୁ ୮ ଘଣ୍ଟାରେ ସୀମିତ ରଖିବା ତଥା ଶ୍ରମିକମାନଙ୍କ ପାଇଁ ଗୋଟିଏ ଦିନ ସମ୍ପୂର୍ଣ୍ଣ ଅବକାଶ ନେବା ଉଦ୍ଦେଶ୍ୟରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଆନ୍ଦୋଳନର ସମୟରେ ପୋଲିସ ଶ୍ରମିକମାନଙ୍କ ଉପରକୁ ଗୁଳି ଚଳାଇଥିଲା । ସେହି ସମୟରେ ବହୁ ଶ୍ରମିକ ପ୍ରାଣ ମଧ୍ୟ ହରାଇଥିଲେ ଓ ଶତାଧିକ କର୍ମଚାରୀ ଆହତ ହୋଇଥିଲେ ।

ଘଟଣାର ତିନି ବର୍ଷ ପରେ ୧୮୮୯ ମସିହାରେ ଆନ୍ତର୍ଜାତୀୟ ସମାଜବାଦୀ ସଙ୍ଗଠନର ଏକ ସମ୍ମିଳନୀ ହୋଇଥିଲା । ସେହି ବୈଠକରେ ନିଷ୍ପତ୍ତି ନିଆଗଲା ଯେ ପ୍ରତ୍ୟେକ ଶ୍ରମିକଙ୍କୁ ଦିନକୁ ମାତ୍ର ୮ଘଣ୍ଟା କାମ କରିବା ସହିତ ମେ' ୧ ତାରିଖକୁ ଶ୍ରମ ଦିବସ ଭାବେ ପାଳନ କରିବାକୁ ଧାର୍ଯ୍ୟ କରାଗଲା । ପ୍ରତିବର୍ଷ ଏହି ଦିନ ଶ୍ରମିକମାନଙ୍କୁ ଛୁଟି ଦେବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ପରେ ଆମେରିକାର ଶ୍ରମିକମାନଙ୍କ ପରି ଅନ୍ୟ ଦେଶରେ ସେହି ନିୟମ ଲାଗୁ ହେଲା । ତେଣୁ ଶ୍ରମିକମାନଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ସାରା ବିଶ୍ୱରେ ପ୍ରତିବର୍ଷ ଶ୍ରମିକ ଦିବସ ପାଳନ କରାଯାଉଛି । ଶ୍ରମିକମାନଙ୍କ ପାଇଁ ଉତ୍ସର୍ଗୀକୃତ ଏହି ଦିନଟି ହେଉଛି ମେ ୧ ବା ଆଜିର ଦିନ । ଏବେ ମେ ୧ ଶ୍ରମ ଦିବସ ବା ଶ୍ରମିକ ଦିବସ ଭାବରେ ବିଶ୍ୱରେ ବେଶ୍ ଜଣାଶୁଣା ହୋଇ ସାରିଛି । ଶ୍ରମିକମାନଙ୍କୁ ସମ୍ମାନ ଦେବା ସହିତ ଶ୍ରମିକମାନଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ଉଦ୍ଦେଶ୍ୟରେ ଏହି ଦିନ ମଧ୍ୟ ପାଳନ ହେଉଛି । ଯଦ୍ୱାରା ସମାଜରେ ଶ୍ରମିକମାନଙ୍କର ସ୍ଥିତି ମଜବୁତ ହୋଇପାରିବ । ପ୍ରତ୍ୟେକ ଦେଶର ବିକାଶରେ ଶ୍ରମିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ପ୍ରତ୍ୟେକ କାର୍ଯ୍ୟ କ୍ଷେତ୍ର ସେମାନଙ୍କ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଶ୍ରମିକମାନେ କଠିନ ଶ୍ରମଦାନ କରିଥାନ୍ତି । ଯେଉଁ ଦେଶରେ ଶ୍ରମିକଙ୍କ ଶ୍ରମଦାନ ଅଧିକ ସେ ଦେଶ ସେତେ ଉନ୍ନତ ।

ଅବଶ୍ୟ ମେ'ଡେ ବା ଶ୍ରମିକ ଦିବସକୁ ଆନ୍ତର୍ଜାତିକ ସ୍ତରରେ ୮୦ ଟି ଦେଶ ଏହି ଗୋଟିଏ ତାରିଖରେ ପାଳନ କରିଥାନ୍ତି । ଶ୍ରମିକ ଦିବସକୁ ଆମେରିକା ଓ କାନାଡା ସମେତ ଅନେକ ଦେଶରେ ଶ୍ରମିକ ଆନ୍ଦୋଳନ ଦ୍ୱାରା କରାଯାଇଥିବା ଇତିହାସିକ ସଂଘର୍ଷ ଓ ସଫଳତାକୁ ସ୍ମରଣୀୟ ଦିନ ଅଟେ । ଶ୍ରମ ଦିବସ ଭାବରେ ସେପଟ୍ଟେମ୍ବର ପ୍ରଥମ ସୋମବାରରେ ହୋଇଥାଏ । ୧୮୮୯ ମସିହାରେ ସମାଜବାଦୀ ଗୋଷ୍ଠୀ ଓ ଟ୍ରେଡ ୟୁନିଅନର ଏକ ଆନ୍ତର୍ଜାତୀୟ ଶ୍ରମିକ ସଂଘ ସମର୍ଥନରେ ମେ ୧ କୁ ଶ୍ରମିକ ଦିବସ ଭାବରେ ପାଳନ କଲା । ଚିକାଗୋରେ ୧୮୮୬ ରେ ହେମାର୍କେଟ୍ ଦଙ୍ଗାର ପାଞ୍ଚ ବର୍ଷ ପରେ,ସମାଜବାଦୀ ଉପୃତ୍ତିରେ ଅସନ୍ତୁଷ୍ଟ ଗ୍ରୋଭର କ୍ଲିଭଲ୍ୟାଣ୍ଡ, ଶ୍ରମ ଦିବସ ପାଳନ ପାଇଁ ଆଇନ ସ୍ୱାକ୍ଷର କରିଥିଲେ । ମାତ୍ର କାନାଡ଼ାରେ ସେପଟ୍ଟେମ୍ବର ମାସର ପ୍ରଥମ ସୋମବାର ଦିନକୁ ଶ୍ରମିକ ଦିବସ ଭାବରେ ପାଳନ କରାଯାଇଥାଏ।

ଶ୍ରମିକମାନଙ୍କର ମହତ୍ତ୍ୱ ବଡ଼ ବଡ଼ କମ୍ପାନୀ କରୋନା ସମୟରେ ନିଶ୍ଚିତ ଅନୁଭବ କରିଥିବେ । ଶ୍ରମିକଟି ନିଜ ପାରିଶ୍ରମିକ ଅନୁଯାୟୀ ଗୁଜୁରାଣ ମେଣ୍ଟାଇ ଥାଏ । କିନ୍ତୁ ସେହି ଶ୍ରମିକର ଅନୁପସ୍ଥିତିରେ ବଡ଼ ବଡ଼ କଳ କାରଖାନା ଗୁଡିକରେ ଅନେକ କ୍ଷତି ହୋଇଥାଏ । ଅବଶ୍ୟ ବର୍ତ୍ତମାନ ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେବାରେ ଲାଗିଛି । ଶ୍ରମିକ ଶ୍ରେଣୀ ବିଷୟରେ ଚିନ୍ତା କରିବା ଅତ୍ୟନ୍ତ ଜରୁରୀ । କୌଣସି ଦେଶର ଅର୍ଥନୈତିକ ପ୍ରଗତି ଓ ଜାତୀୟ ସ୍ୱାର୍ଥ ପୂରଣର ମୁଖ୍ୟ ଭାର ଶ୍ରମିକ ଶ୍ରେଣୀର କାନ୍ଧରେ ରହିଛି । ଶିଳ୍ପ, ବାଣିଜ୍ୟ, କୋଠା ନିର୍ମାଣ, ସେତୁ ନିର୍ମାଣ, ରାସ୍ତା, କୃଷି ଇତ୍ୟାଦି ଶ୍ରମିକ ଉପରେ ନିର୍ଭରଶୀଳ । ଭାରତରେ ଶ୍ରମ ଦିବସ ପାଳନ ମେ ୧ , ୧୯୨୩ ରେ କିସାନ ମଜଦୁର ପାର୍ଟିର ନେତା ସିଙ୍ଗାରାଭେଲୁ ଚେଟିଆରଙ୍କ ପରାମର୍ଶରେ ଆରମ୍ଭ ହୋଇଛି । ତାଙ୍କର ବକ୍ତବ୍ୟ ଥିଲା ଯେ, ସାରା ବିଶ୍ୱରେ ଶ୍ରମିକମାନେ ଏହି ଦିନ ପାଳନ କରୁଥିବାରୁ ଭାରତରେ ମଧ୍ୟ ପାଳନ କରାଯିବା ଉଚିତ୍ । ତେଣୁ ୧୯୨୩ ମେ ୧ ଠାରୁ ଏହି ଦିନକୁ ଜାତୀୟ ଛୁଟି ଭାବରେ ମାନ୍ୟତା ଦିଆଯାଇଛି ।



ତେବେ କହିବାକୁ ଗଲେ ଦେଶରେ ନବ ଉଦାର ଅର୍ଥନୀତି ଲାଗୁ ହେବା ପରେ ଶ୍ରମିକଙ୍କ ଅବସ୍ଥା ପୂର୍ବାପେକ୍ଷା ଅଧିକ ଖରାପ ହେବାରେ ଲାଗିଛି । ମାଲିକମାନେ ଅଧିକ ଲାଭ ପାଇଁ କଳ କାରଖାନାରେ ଅଧିକରୁ ଅଧିକ ଯନ୍ତ୍ରୀକରଣ କରିବା ଫଳରେ ନିଯୁକ୍ତିର ହାର କମିଛି । ଯାହା ବି ନିଯୁକ୍ତି ମିଳୁଛି ତାହା ନିୟମିତ ନିଯୁକ୍ତି ନୁହେଁ । ପ୍ରାୟତଃ ଅସ୍ଥାୟୀ ନିଯୁକ୍ତି ଦିଆଯାଉଛି । ଦେଶରେ ଦରଦାମ୍ ଆକାଶଛୁଆଁ ହେଉଥିବା ବେଳେ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ନପାଇ ଶ୍ରମିକ ଗୋଷ୍ଠୀ ଭୋକିଲା ରହୁଚି । ପ୍ରତିବର୍ଷ ବଜାରର ଦର ଅନୁସାରେ ସେମାନଙ୍କ ଦରମା ବଢୁ ନାହିଁ । ଅର୍ଥନୀତିର ଅସଙ୍ଗଠିତ କ୍ଷେତ୍ରରେ ନିୟୋଜିତ ଦେଶର ଶ୍ରମିକ ଶ୍ରେଣୀର ସିଂହଭାଗ ଅର୍ଥାତ୍ ପ୍ରାୟ ୯୨% ଶ୍ରମିକ ସରକାରୀ ଘୋଷିତ ଶ୍ରମ ଅଧିକାର ଓ ସାମାଜିକ ସୁରକ୍ଷାରୁ ବି ବଞ୍ଚିତ ହେଉଛନ୍ତି । କୃଷି କ୍ଷେତ୍ରରେ ଦେଶର ସର୍ବାଧିକ ଶ୍ରମିକ କାର୍ଯ୍ୟରତ ଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରବାସୀ ଶ୍ରମିକ ଭାବେ ମହାନଗର ଓ ସହରର ବସ୍ତିଗୁଡ଼ିକରେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଜୀବନ ବିତାଇଥାନ୍ତି । ସେମାନଙ୍କର ନା ରହିଛି କୌଣସି ଶ୍ରମ ଅଧିକାର ନା ସେମାନେ ସରକାରୀ ଘୋଷିତ ସାମାଜିକ ସୁରକ୍ଷାର ସୁବିଧା ପାଇପାରୁଛନ୍ତି । କହିବାକୁ ଗଲେ ସେମାନେ ମନ୍‌ରେଗା, କେନ୍ଦୁପତ୍ର ସଂଗ୍ରହ, ବାଉଁଶ, ବିଡ଼ି, ଇଟାଭାଟି ଭଳି ଦେଶର ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଅଧିକାଂଶ ଶ୍ରମିକ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ଓ ଶ୍ରମ ଅଧିକାରରୁ ବଞ୍ଚିତ ଅଛନ୍ତି । ଅପରପକ୍ଷରେ ଦେଶରେ ନବ-ଉଦାର ଅର୍ଥନୀତିର ଆରମ୍ଭ ଫଳରେ ରୋଜଗାରର ଠିକାକରଣ ଶ୍ରମିକ ଶ୍ରେଣୀର ବଡ଼ ଶତ୍ରୁ ପାଲଟିଛି । ଯାହା ଫଳରେ ଘରୋଇ କ୍ଷେତ୍ର କି ସରକାରୀ କ୍ଷେତ୍ରରେ ସ୍ଥାୟୀ ନିଯୁକ୍ତି ବଦଳରେ ଅସ୍ଥାୟୀ, ଠିକା ନିଯୁକ୍ତିର ହାର ବଢ଼ିଚାଲିଛି ।

ଦେଶର ମୋଟ ଶ୍ରମ ଶକ୍ତିର ଠିକା ଶ୍ରମିକଙ୍କ ଅଂଶ ୧୯୯୯-୨୦୦୦ରେ ୨୦% ଥିବାବେଳେ ତାହା ବୃଦ୍ଧି ପାଇ ୨୦୧୮-୧୯ରେ ୪୧%ରେ ପହଞ୍ଚି ଥିବା ବେଳେ ବର୍ତ୍ତମାନ ଦେଶର ଅନେକଗୁଡ଼ିଏ କ୍ଷେତ୍ରରେ ଠିକା ଓ ଆଉଟସୋର୍ସିଂ ଶ୍ରମିକ ଓ କର୍ମଚାରୀଙ୍କ ସଂଖ୍ୟା ନିୟମିତ ଶ୍ରମିକଙ୍କ ସଂଖ୍ୟାକୁ ଟପି ଯାଇଛି । ଆଶା, ଅଙ୍ଗନୱାଡି, ମଧ୍ୟାହ୍ନଭୋଜନ ପାଚିକା-ସହାୟିକା ପରି ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ନିଯୁକ୍ତ ସ୍କିମ୍ କର୍ମଚାରୀମାନଙ୍କୁ ସରକାର ନିଜର ନିୟମିତ କାମରେ ନିୟୋଜିତ କରୁଥିଲେ ମଧ୍ୟ ସେମାନଙ୍କୁ ଯଥାର୍ଥ ଦରମା କିମ୍ବା ସରକାରୀ କର୍ମଚାରୀର ମାନ୍ୟତା ମିଳୁନାହିଁ । ପ୍ରତିଦିନ ନୂଆ ନୂଆ ସରକାରୀ ଯୋଜନାରେ ନିଯୁକ୍ତି ପାଇଥିବା ଓ ପରେ ସେହି ସ୍କିମ୍ କର୍ମଚାରୀମାନେ କିଛି ବର୍ଷ ପରେ ସେସବୁ ଯୋଜନା ବନ୍ଦ ହେବା ଯୋଗୁ ନିଜର ଚାକିରି ହରାଉଛନ୍ତି ।

ଏପରିକି ସରକାରୀ ଓ ବେସରକାରୀ ଉଭୟ କ୍ଷେତ୍ରରେ ବର୍ଷ ବର୍ଷ ଧରି ନିୟମିତ କାମ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ-କର୍ମଚାରୀଙ୍କୁ ସିଧାସଳଖ ଓ ସ୍ଥାୟୀ ନିଯୁକ୍ତି ନଦେଇ ମୁନାଫା ପାଇଁ କମ୍ ପାରିଶ୍ରମିକରେ ଠିକା ଓ ଆଉଟ୍‌ସୋର୍ସିଂରେ ନିଯୁକ୍ତି ଦିଆଯାଉଛି । ବିଭିନ୍ନ କଳ କାରଖାନା ଓ ସେବାରେ ଠିକା ଓ ଆଉଟସୋର୍ସିଂରେ ନିଯୁକ୍ତ ଥିବା ଏହି କୋଟି କୋଟି ଶ୍ରମିକ ତଥା କର୍ମଚାରୀ ସ୍ୱଳ୍ପ ବେତନ ସହ ସମସ୍ତ ପ୍ରକାର ଶ୍ରମ ଅଧିକାର ଓ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି । ଖଜୁରୀ ଗଛର କିସ ବାହୁନିବି ମୂଳରୁ ପାହାଚ ପାହାଚ ଭଳି ଆମ ରାଜ୍ୟର ଶ୍ରମିକ ମାନଙ୍କ ସମଦଶା କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ ରାଜ୍ୟରେ ବି ଆଉଟସୋର୍ସିଂ କର୍ମଚାରୀ ଭାବେ ପରିଚିତ ଲକ୍ଷ ଲକ୍ଷ ଶିକ୍ଷିତ ଯୁବତୀ ଯୁବକ ସରକାରୀ ସେବାରେ ବର୍ଷ ବର୍ଷ ଧରି ନିୟୋଜିତ ଥିଲେ ମଧ୍ୟ ସରକାର ସେମାନଙ୍କୁ ନିଜର କର୍ମଚାରୀ ବୋଲି ମାନୁନାହାନ୍ତି । ସେମାନଙ୍କୁ ସରକାରୀ କର୍ମଚାରୀ ପରି କୌଣସି ସୁବିଧା ଓ ଅଧିକାର ଦେଉନାହାନ୍ତି ।

ଦେଶୀ ବିଦେଶୀ କର୍ପୋରେଟ୍?ଙ୍କ ସୁପର ମୁନାଫା ପାଇଁ ଶ୍ରମ ସଂସ୍କାର ନାଁରେ ଦେଶର ଶ୍ରମ ଆଇନଗୁଡ଼ିକୁ ଦୁର୍ବଳ ଓ ପ୍ରଭାବହୀନ କରିବାକୁ ବିଶ୍ୱବ୍ୟାଙ୍କ, ଆଇଏମ୍‌ଏଫ୍ ପରି ସାମ୍ରାଜ୍ୟବାଦୀ ସଂସ୍ଥାମାନେ ଅନେକ ଦିନ ଧରି ଦେଶର ଶାସକ ଶ୍ରେଣୀ ଉପରେ ଚାପ ପକାଇ ଆସିଛନ୍ତି । କିନ୍ତୁ ଶ୍ରମିକମାନଙ୍କ ଏହି କଷ୍ଟାର୍ଜିତ ଶ୍ରମ ଅଧିକାରକୁ ସମାପ୍ତ କରିବାକୁ ଦୀର୍ଘ ୨୦ ବର୍ଷ ଧରି ସାହସ ଜୁଟାଇ ପାରି ନ ଥିବା ଶାସକ ଶ୍ରେଣୀ ଗତବର୍ଷ କୋଭିଡ୍ ମହାମାରୀର ଆଳରେ ତାକୁ ଲାଗୁ କରିବାରେ ସଫଳ ହୋଇଛି । ବ୍ରିଟିଶ ସମୟରୁ ଲଗାତର ସଂଘର୍ଷ ଜରିଆରେ ଦେଶର ଶ୍ରମିକ ଶ୍ରେଣୀ ହାସଲ କରିଥିବା ୪୪ଟି ଶ୍ରମ ଆଇନକୁ କେନ୍ଦ୍ର ସରକାର କର୍ପୋରେଟ୍‌ଙ୍କ ସ୍ୱାର୍ଥରେ ସମାପ୍ତି କରି ତାରି ସ୍ଥାନରେ ଚାରୋଟି ଶ୍ରମ କୋଡ୍ ତିଆରି କରିଛନ୍ତି । ଏହାଦ୍ୱାରା ଦେଶର ଶ୍ରମିକମାନଙ୍କୁ ଶ୍ରମ ଅଧିକାରରୁ ବଞ୍ଚିତ କରି ସେମାନଙ୍କୁ ଶୋଷଣ ଓ ଲୁଟ୍ କରିବାକୁ ମାଲିକମାନଙ୍କୁ ଅବାଧ କ୍ଷମତା ଦିଆଯାଇଛି । ଦେଶର ଅନେକ ରାଜ୍ୟରେ ଆଠ ଘଣ୍ଟିଆ ଶ୍ରମ ଦିବସକୁ ସମାପ୍ତି କରି ତାକୁ ବାରଘଣ୍ଟିଆ କରାଯାଇଛି ।

ନବ ଉଦାର ଆର୍ଥିକ ନୀତିକୁ ଅନୁସରଣ ଫଳରେ ସମାଜର ସବୁ ମେହନତୀ ମଣିଷଙ୍କ ଶୋଷଣ ତୀବ୍ର ହେବାରେ ଲାଗିଛି । ସମାଜରେ ଅର୍ଥନୈତିକ ବୈଷମ୍ୟ ବୃଦ୍ଧି ପାଇ ଅଳ୍ପକିଛି ଧନକୁବେରଙ୍କ ହାତରେ ସମାଜର ଅଧିକାଂଶ ସମ୍ପତ୍ତି ଠୁଳ ହେବାରେ ଲାଗିଥିବା ବେଳେ ଶ୍ରମିକ ଓ କୃଷକଙ୍କ ଆର୍ଥିକ ସ୍ଥିତି ଖରାପ ହେବାରେ ଲାଗିଛି । ଦେଶରେ ବର୍ତ୍ତମାନ ବେରୋଜଗାରୀର ହାର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କୁ ଲକ୍ଷ ଲକ୍ଷ କୋଟିର ବିଭିନ୍ନ ରିହାତି ଦିଆଯାଉଥିବା ବେଳେ ସାମାଜିକ କ୍ଷେତ୍ରରେ ସରକାରୀ ବିନିଯୋଗ କମିବାରେ ଲାଗିଛି । ବ୍ୟାଙ୍କ, ବୀମା, ପ୍ରତିରକ୍ଷା ଉତ୍ପାଦନ , ରେଳ, ବିମାନ ଚଳାଚଳ, କୋଇଲା, ଇସ୍ପାତ ପରି ଦେଶର ସରକାରୀ କ୍ଷେତ୍ରରେ ରହିଥିବା ବିଭିନ୍ନ ଲାଭଜନକ ସଂସ୍ଥା ଓ କାରଖାନାକୁ ଘରୋଇକରଣ ନାଁରେ ଦେଶୀ ବିଦେଶୀ କର୍ପୋରେଟ୍‌ଙ୍କୁ ବିକ୍ରି କରିବାର ପ୍ରକ୍ରିୟା ଆରମ୍ଭ ଫଳରେ ଦେଶର ସରକାରୀ ସମ୍ପତ୍ତି ପୁଞ୍ଜିପତିଙ୍କ ହାତକୁ ଚାଲିଯିବା ସହିତ ସେଥିରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀ ଛଟେଇ ଓ ଶୋଷଣର ଶିକାର ହେବେ ଏହା ବିଚାର କରିବାର ବେଳ ।

ତେଣୁ ଦେଶର ଶାସକ ପୁଞ୍ଜିପତି ଶ୍ରେଣୀ ଦ୍ୱାରା ଶ୍ରମିକଙ୍କ ଉପରେ ବର୍ଦ୍ଧିତ ଆକ୍ରମଣକୁ ଦୃଢ଼ତାର ସହିତ ପ୍ରତିରୋଧ କରି ସମ୍ମାନଜନକ ଜୀବନ ପାଇଁ ଶ୍ରମିକ ଶ୍ରେଣୀ ନିଜର ଲଢ଼େଇ ଜରୁରୀ ହୋଇପଡ଼ିଛି । ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ ଶ୍ରମିକ ଶ୍ରେଣୀ ନିଜର ଅଧିକାର ପାଇଁ ତଥା ଶୋଷଣ ଓ ଅତ୍ୟାଚାର ବିରୋଧରେ ଆଗରେ ରହି ଆସିଛନ୍ତି । ମଇ ଦିବସ କେବଳ ଆଠ ଘଣ୍ଟିଆ ଶ୍ରମ ଦିବସର କଥା କହେନାହିଁ ବରଂ ପୁଞ୍ଜି ଦ୍ୱାରା ଶ୍ରମର ଶୋଷଣ ବିରୋଧରେ ଅବିରାମ ସଂଘର୍ଷର ବାର୍ତ୍ତା ଦେଇ ଆସିଛି । ବାସ୍ତବରେ ଏହି ମହାନ୍ ଦିବସ ଅବସରରେ ସମାଜର ପ୍ରତ୍ୟେକ ଶ୍ରମଜୀବୀ ମଣିଷ ନିଜର ଅର୍ଥନୈତିକ ତଥା ରାଜନୈତିକ ଦାବି ହାସଲ ପାଇଁ ଲଢ଼େଇ କରିବାକୁ ଶପଥ ନେବା ଆବଶ୍ୟକ ରହିଛି । ସମାଜରୁ ଶୋଷଣକୁ ହଟାଇ ଏକ ମାନବବାଦୀ ସମାଜ ଗଠନ ହିଁ ଅନ୍ତର୍ଜାତୀୟ ଶ୍ରମିକ ଦିବସର ଆହ୍ୱାନ ସଂକଳ୍ପ ହେଉ..!!!

+ ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ : ୯୦୪୦୧୫ ୧୪୭୫

# ଶ୍ରମ, ଶ୍ରମିକ ଓ ବିଭିନ୍ନ ଯୋଜନା

ଅମ୍ରିତା ମହାନ୍ତି

"Labor is the fabled magician's wand, the philosophers stone, and the cap of good fortune."
- James Weldon Johnson



ସୁନ୍ଦର ଆପ୍ତବାକ୍ୟଟିଏ ଔବଙ୍କରଣ୍ଡ ଡରକ୍ଷୟକ୍କଭ ଔକ୍କଷଭଣ୍ଟକ୍କଭଙ୍କର । କିଛି ବି କାର୍ଯ୍ୟର ସମାପନ ହେଉ ବା କିଛି ବି ପାଇବା ପାଇଁ ହେଉ ଶ୍ରମର ଗୁରୁତ୍ୱ ନିଶ୍ଚିତ ଭାବରେ ରହିଛି । ସେଇଥିପାଇଁ ତ କୁହାଯାଏ, କୌଣସି କାମରେ ଆଗକୁ ଆଗେଇ ସଫଳତା ପାଇବାକୁ ହେଲେ ସେଥିପାଇଁ ଆବଶ୍ୟକ ଆନ୍ତରିକ ଉଦ୍ୟମ, ପ୍ରଚଣ୍ଡ ନିଷ୍ଠା, ଗଭୀର ସାଧନା, ସଠିକ ସମୟ ଏବଂ କଠୋର ଶ୍ରମ । ତେଣୁ କଠୋର ଶ୍ରମ କରିବା ସହିତ ଭାଗ୍ୟ ଓ ଭଗବାନଙ୍କ ଉପରେ ବିଶ୍ୱାସ ରଖି ନିଜ ନିଜ କାମ କରିଚାଲିଲେ ସଫଳତା ନିଶ୍ଚିତ ମିଳିଥାଏ ।

ସକାଳର କଅଁଳିଆ କିରଣରେ ଚାରିଆଡ ଆଲୋକିତ ହେବା ପୂର୍ବରୁ ଯେଉଁ ହାତ ମାଟି ହାଣେ, ଇଟ ଉଠାଏ, ଲୁହା ସାଙ୍ଗରେ ଲୁହା ପାଲଟିଯାଏ, ରାସ୍ତା ଗଢ଼େ; ସେହି ହାତ ହେଉଛି ଶ୍ରମିକଙ୍କର। ତାଙ୍କ ଶ୍ରମରେ ଗଢ଼ାଯାଏ ନଗର, ତାଙ୍କ ପରିଶ୍ରମରେ ସବୁଜ ହୁଏ ମାଟି, ତାଙ୍କ ନିରବ ସଂଘର୍ଷରେ ଚାଲେ ଅର୍ଥନୀତିର ଚକ୍ର। ଶ୍ରମ ଯେ କେବଳ ଶ୍ରମିକ କରିଥାନ୍ତି ସେ କଥା ଆଦୌ ନୁହେଁ । ଆମେ ପ୍ରତ୍ୟେକ ଦିନ କିଛି ନା କିଛି ଶ୍ରମ କରିଥାଉ ଦିନଚର୍ଯ୍ୟାକୁ ସୁରୁଖୁରୁରେ କାଟିବା ପାଇଁ । ତେବେ ମଣିଷ ଜୀବନରେ ଗୁରୁତ୍ୱ ବହନ କରୁଥିବା ସେଇ ଶ୍ରମକୁ ନେଇ ପ୍ରତ୍ୟେକ ବର୍ଷ ମଇ ମାସ ୧ ତାରିଖରେ ପାଳିତ ହୋଇଥାଏ ଦିବସଟିଏ; ଶ୍ରମିକ ଦିବସ ଯାହା ସମର୍ପିତ ଆମ ଶ୍ରମିକମାନଙ୍କ ପାଇଁ । ବିଶ୍ୱର ସମସ୍ତ ଶ୍ରମିକଙ୍କ ସମ୍ମାନ ପାଇଁ ସମର୍ପିତ ଏହି ଦିନଟି। ସମଗ୍ର ବିଶ୍ୱର ଏକ ଶହରୁ ଊର୍ଦ୍ଧ୍ୱ ଦେଶରେ ଏହି ଦିନଟିକୁ ଶ୍ରମିକ ଦିବସ, କର୍ମଜୀବୀ ଦିବସ ଅଥବା ମେ ଡେ ଭାବରେ ପାଳନ କରାଯାଇଥାଏ। ଏହି ଦିନଟିକୁ ନେଇ ରହିଥିବା ଇତିହାସକୁ ଦେଖୁଲେ ଜଣାଯାଏ ଏହି ଦିବସଟି ପ୍ରଥମେ ଯୁକ୍ତରାଷ୍ଟ୍ର ଆମେରିକାରେ ପାଳିତ ହୋଇଥିଲା। ଆଠ ଘଣ୍ଟା କାର୍ଯ୍ୟ ସମୟ ଦାବିରୁ ଆରମ୍ଭ ହୋଇ କ୍ରମେ ଏକ ବିରାଟ ଆନ୍ଦୋଳନରେ ପରିଣତ ହୋଇଥିଲା ଏହି ଦିବସଟି।

ସମୟରେ ବିଶ୍ୱରେ ପୁଞ୍ଜିପତି ଶ୍ରେଣୀ ଲୋକମାନେ ଶ୍ରମିକମାନଙ୍କୁ ମନଇଚ୍ଛା କାମ କରାଉଥିଲେ । ନା' ଥିଲା ସମୟ ନିର୍ଘଣ୍ଟ ନା ଥିଲା ନିର୍ଦ୍ଦିଷ୍ଟ ପ୍ରାପ୍ୟ । ଏହାକୁ ବିରୋଧ କରି ଆମେରିକାର ଶ୍ରମିକ ସଂଗଠନ ପ୍ରଥମେ ରାଜରାସ୍ତାକୁ ଓହ୍ଲାଇଥିଲେ। ସେହି ସଂଗଠନର ପ୍ରଥମ ଦାବି ଥିଲା ଶ୍ରମ ନିର୍ଘଣ୍ଟ ୮ ଘଣ୍ଟା ମଧ୍ୟରେ ସୀମିତ ରଖାଯାଉ । ଏହାକୁ ପୁଞ୍ଜିପତି ଶ୍ରେଣୀ ମାନି ନଥିଲେ ଯାହାର ଫଳ ଥିଲା ହଜାର ହଜାର ଶ୍ରମିକ ରାସ୍ତାକୁ ଆସି ଆନ୍ଦୋଳନ ଆରମ୍ଭ କରିଥିଲେ । ହେଲେ ପୁଞ୍ଜିପତି ଶ୍ରେଣୀ ଏହାକୁ ଦମନ କରିବାକୁ ପଛାଇ ନଥିଲା । ଆମେରିକାର ଚିକାଗୋ ଠାରେ ଆନ୍ଦୋଳନ ଚାଲିଥିବା ବେଳେ ଆନ୍ଦୋଳନକାରୀଙ୍କ ଉପରେ ବୋମାମାଡ ହୋଇଥିଲା । ବୋମାମାଡ କିଏ କରିଥିଲା ପୁଲିସ ତାର ଅନୁସନ୍ଧାନ କରିବା ପରିବର୍ତ୍ତେ ଏହା ଶ୍ରମିକମାନଙ୍କ କାମ କହି ଶ୍ରମିକଙ୍କ ଉପରେ ଆଖିବୁଜା ଗୁଳିଚାଳନା କରିଥିଲା। ଏହି ଗୁଳିଚାଳନା ଫଳରେ ନିଜର ହକ୍ ମାଗିବାକୁ ରାସ୍ତାରେ ଆନ୍ଦୋଳନ କରୁଥିବା ଶ୍ରମିକଙ୍କ ମଧ୍ୟରୁ ୮ ଜଣଙ୍କର ଜୀବନ ଚାଲି ଯାଇଥିଲା । ଏଥିରେ କ୍ଷୁବ୍ଧ ହୋଇ ଆନ୍ଦୋଳନକାରୀମାନେ ପୁଲିସ ଉପରେ ପ୍ରତିଆକ୍ରମଣ କରିବା ଆରମ୍ଭ କରିଦେଲେ ।' ପରିସ୍ଥିତି ଅସମ୍ଭାଳ ଓ ଅଣାୟତ୍ତ । ଏହାକୁ ନଜରରେ ରଖି ଆମେରିକା ସରକାର ତୁରନ୍ତ ଶ୍ରମିକ ମାନଙ୍କର ଦାବି ମାନିନେଲେ ଓ ଦୈନିକ ଶ୍ରମ ନିର୍ଘଣ୍ଟକୁ ୮ ଘଣ୍ଟା ମଧ୍ୟରେ ସୀମିତ ରଖିଲେ । ଏହି ଦିନଠାରୁ ସାରା ବିଶ୍ୱରେ ଏହି ଆଇନ ପ୍ରଣୟନ ହେଲା । ଏହାକୁ ଶ୍ରମିକମାନେ ନିଜର ବିଜୟ ଦିବସ ଭାବେ ଏବେ ବି ପାଳନ କରିଆସୁଛନ୍ତି ।

ଚଳିତ ବର୍ଷ ଶ୍ରମିକ ଦିବସର ଥିମ୍ ରହିଛି Safety and Health of Workers । ଯାହାର ଅର୍ଥ କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କର ସୁରକ୍ଷା ଏବଂ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା । ସାମ୍ପ୍ରତିକ ସମୟର ଏହା ଗୋଟିଏ ଅତ୍ୟନ୍ତ ଜରୁରୀ କଥା । ଉଭୟ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ । ଭାରତରେ ଶ୍ରମିକ ଦିବସର ଆରମ୍ଭ ୧୯୨୩ରେ ଚେନ୍ନାଇରେ ଆରମ୍ଭ ହୋଇଥିଲା । ଯାହାର ଆରମ୍ଭ ଲେଫ୍ଟ ପାର୍ଟୀ ଦ ଲେବର କୃଷକ ପାର୍ଟୀ ଅଫ ହିନ୍ଦୁସ୍ତାନ ଆରମ୍ଭ କରିଥିଲେ । ଏହାପରେ ସାରା ଦେଶରେ ଅନେକ ସଂଗଠନ ଏହାକୁ ପାଳନ କରିବା ଆରମ୍ଭ କରିଥିଲେ । ଭାରତରେ ମଧ୍ୟ ପ୍ରତି ବର୍ଷ ୧ ମେ ରେ ଶ୍ରମିକ ଦିବସ ପାଳନ କରାଯାଉଛି । ଅନେକ ରାଜ୍ୟରେ ଏହି ଦିନ ସାର୍ବଜନୀନ ଭାବେ ଛୁଟି ରହିଥାଏ।

ଏହି ଦିନକୁ ଭାରତରେ ପ୍ରଥମେ ମାଡ୍ରାସ ଦିବସ ଭାବେ ପାଳନ କରାଯାଉଥିଲା । ଭାରତରେ ଶ୍ରମିକଙ୍କ ଶ୍ରମ ନିର୍ଘଣ୍ଟ ୮ ଘଣ୍ଟା କରିବାକୁ ପ୍ରଥମେ ଦାବି ଜଣାଇଥିଲା ଭାରତୀ ମଜଦୁର କିଷାନ ପାର୍ଟି । ଏହାର ନେତୃତ୍ୱ ନେଇଥିଲେ କମ୍ରେଡ ସିଙ୍ଗରବେଲୁ ଚେଟିଆର । ଏନେଇ ମାଡ୍ରାସ ହାଇକୋର୍ଟ ଆଗରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଫଳରେ ହାଇକୋର୍ଟ ଏକ ସଂକଳ୍ପ ପାରିତ କରି ୮ ଘଣ୍ଟା ଶ୍ରମ ନିର୍ଘଣ୍ଟକୁ ସ୍ୱୀକୃତି ଦେଇଥିଲେ । ସେହିଦିନ ଠାରୁ ଭାରତରେ ବି ଶ୍ରମିକ ଦିବସକୁ ସରକାର ଛୁଟି ଦିନ ଭାବେ ଘୋଷଣା କରିଥିଲେ।

କିନ୍ତୁ ଏବେ ବି ଦେଖାଯାଉଛି, ଯେଉଁ ଶ୍ରମ ଦେଶକୁ ଶକ୍ତି ଦେଉଛି, ସେଇ ଶ୍ରମିକ ଦୀର୍ଘଦିନ ଧରି ରହିଛନ୍ତି ଅସୁରକ୍ଷା, ଅନିଶ୍ଚିତତା ଓ ଅବହେଳାର ଛାୟାରେ। ଏହାକୁ ଦୂରେଇବା ପାଇଁ ରହିଛି ଶ୍ରମିକମାନଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ ଯୋଜନା; ଯାହା କେବଳ ସେମାନଙ୍କ ପ୍ରତି ସହାୟତା ନୁହେଁ, ଏକ ନୂଆ ଜୀବନ ଦୃଷ୍ଟି। ଏହି ଯୋଜନାଗୁଡ଼ିକ ଶ୍ରମିକଙ୍କ ଜୀବନରେ ଆଣୁଛି ସୁରକ୍ଷା, ସମ୍ମାନ ଓ ସଶକ୍ତିକରଣର ପଥ।

ଅସଂଗଠିତ ଶ୍ରମିକଙ୍କୁ ପରିଚୟ ଦେଇଛି ଇ-ଶ୍ରମ । ଦୀର୍ଘଦିନ ଧରି ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କର ସ୍ଥାୟୀତ୍ୱ ଉପରେ ଥିଲା ପ୍ରଶ୍ନବାଚୀ । ଦିନମଜୁରିଆ, ଘରୋଇ କର୍ମଚାରୀ, ଫେରିୱାଲା, ରିକ୍ସାଚାଳକ, କୃଷି ଶ୍ରମିକ ଆଦି ବିଭିନ୍ନ ଶ୍ରେଣୀର ଶ୍ରମିକମାନଙ୍କ ପାଇଁ ଇ-ଶ୍ରମ କାର୍ଡ ଏକ ପରିଚୟପତ୍ର ଠାରୁ ଅଧିକ; ଗୋଟିଏ ସ୍ୱୀକୃତି।

ଏହା ମାଧ୍ୟମରେ ଶ୍ରମିକମାନେ ସରକାରୀ ଯୋଜନାର ସହଜ ଅଭିଗମ୍ୟତା ପାଉଛନ୍ତି। ଦୁର୍ଘଟଣା ବୀମା, ଜରୁରୀ ସହାୟତା, ଭବିଷ୍ୟତ ପେନସନ ସୁବିଧା ଏସବୁ ତାଙ୍କ ଜୀବନକୁ ଦେଉଛି ଏକ ନୂଆ ନିଶ୍ଚିତତା। ସେହିଭଳି ଆଉ ଗୋଟିଏ ଯୋଜନା ହେଉଛି ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା । ଶ୍ରମିକଙ୍କ ଜୀବନରେ ବୃଦ୍ଧାବସ୍ଥା ପ୍ରାୟତଃ ଅନିଶ୍ଚିତତାର ପର୍ଯ୍ୟାୟ। ଯେଉଁ ହାତ ଜୀବନ ସାରା ଶ୍ରମ କରିଛି, ସେଇ ହାତ ବୃଦ୍ଧାବସ୍ଥାରେ ଅସହାୟ ହେବା ଉଚିତ୍ ନୁହେଁ । ସେହି ଭାବନାକୁ ନେଇ ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା ଶ୍ରମିକଙ୍କୁ ଦେଉଛି ପେନସନର ନିଶ୍ଚିତତା। ଏହା କେବଳ ମାସିକ ଅର୍ଥ ସହାୟତା ନୁହେଁ, ବରଂ ଜୀବନର ଶେଷ ପର୍ଯ୍ୟାୟରେ ସମ୍ମାନ ସହ ବଞ୍ଚିବାର ଆଶ୍ୱାସ।

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ହେଉଛି ଏହି ଧରଣର ଶ୍ରମିକଙ୍କ ପାଇଁ ସୁରକ୍ଷାର ଛତା । ଶିକ୍ଷା ସହାୟତାରୁ ଆରମ୍ଭ କରି ମାତୃତ୍ୱ ସହାୟତା, ବିବାହ ଅନୁଦାନ, ଚିକିତ୍ସା ଓ ଦୁର୍ଘଟଣା କ୍ଷତିପୂରଣ ଭଳି ସମସ୍ତ ଜିନିଷକୁ ଏହି ଯୋଜନା ଶ୍ରମିକଙ୍କ ପରିବାରକୁ ମଧ୍ୟ ସୁରକ୍ଷାର ଛତା ତଳେ ଆଣିଛି। ପୁଣି ସ୍ୱାସ୍ଥ୍ୟ ସୁରକ୍ଷାରେ ରହିଛି ଆୟୁଷ୍ମାନ ଯୋଜନା । ଦାରିଦ୍ର୍ୟ ଓ ରୋଗ ଅନେକ ଶ୍ରମିକ ପରିବାର ପାଇଁ ଏକ ଦୁଇମୁଖୀ ସଙ୍କଟ । ଚିକିତ୍ସା ଖର୍ଚ୍ଚ ଅନେକଙ୍କୁ ଋଣ ଓ ଦୁର୍ଦ୍ଦଶାରେ ବୁଡ଼ାଇଦେଇଥାଏ। ଆୟୁଷ୍ମାନ ଭାରତ ଭଳି ଯୋଜନା ତାଙ୍କ ପାଇଁ ଆଶୀର୍ବାଦ ଭଳି ପାଲଟିଛି । ସେହିଭଳି ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଶ୍ରମିକଙ୍କ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ନିର୍ମାଣ ଶ୍ରମିକ ବୋର୍ଡ, କାଳିଆ ଯୋଜନା, ସାମାଜିକ ସୁରକ୍ଷା ପେନସନ, ମମତା ଭଳି ଯୋଜନା ଶ୍ରମଜୀବୀ ପରିବାରକୁ ଦେଉଛି ସହାୟତା ଓ ସ୍ଥିରତା। ତେବେ ଏହି ସବୁ ଯୋଜନାର ସୁଫଳ କେବଳ ସହାୟତା ନୁହେଁ, ସଶକ୍ତିକରଣ । ଏହି ସବୁ ଯୋଜନାର ସଫଳତା କେବଳ ଆର୍ଥିକ ସହାୟତାରେ ନୁହେଁ। ଏହା ଶ୍ରମିକଙ୍କୁ ଦେଉଛି ସାମାଜିକ ସୁରକ୍ଷା, ଆର୍ଥିକ ଭରସା, ଶିକ୍ଷା ଓ ସ୍ୱାସ୍ଥ୍ୟର ସୁଯୋଗ, ପରିବାରର ଭବିଷ୍ୟତ ନିରାପତ୍ତା ସହିତ ସମ୍ମାନ ଓ ଆତ୍ମବିଶ୍ୱାସ । ତେବେ ବେଳେବେଳେ ଦେଖାଯାଉଛି ସଚେତନତାର ଅଭାବ, ଶିକ୍ଷାର ଅଭାବ, ସଠିକ ତଥ୍ୟର ଅଭାବ ଓ କେତେକ ସ୍ଥାନରେ ଯୋଜନା ପ୍ରୟୋଗର ଅସୁବିଧା ପାଇଁ ଅନେକ ଶ୍ରମିକ ଆଜିବି ଜାଣନ୍ତି ନାହିଁ ତାଙ୍କ ପାଇଁ ସରକାରୀ ସ୍ତରରେ କ'ଣ ସୁବିଧା ରହିଛି। ଏଥିପ୍ରତି ସମସ୍ତେ ସଚେତନ ହେଲେ ଭଲ କାରଣ ଯେକୌଣସି ଯୋଜନାର ସଫଳତା ସେତିକିବେଳେ ହେବ ସେହି ସୁବିଧା ପ୍ରକୃତ ଲାଭାନ୍ୱିତଙ୍କ ନିକଟରେ ପହଞ୍ଚିବ।

+ ମୋ: ୭୯୭୮୯୪୯୧୧୦

# ନିମ୍ନଗାମୀ ସ୍ୱାଧୀନତା: ବିଶ୍ୱ ଦରବାରରେ ଭାରତୀୟ ଗଣମାଧ୍ୟମର ମଳିନ ଚିତ୍ର

ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବରେ ଗଣମାଧ୍ୟମର ସ୍ଥିତି ଏବଂ ଏହାର ସ୍ୱାଧୀନତା ସର୍ବଦା ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଆସିଛି । ରିପୋର୍ଟର୍ସ ବିଦାଉଟ୍ ବର୍ଡର୍ସ (ଆରଏସଏଫ) ଦ୍ୱାରା ପ୍ରକାଶିତ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କ ୨୦୨୬ରେ ଭାରତର ସ୍ଥାନ ୧୮୦ଟି ଦେଶ ମଧ୍ୟରୁ ୧୫୭ତମ ସ୍ଥାନରେ ରହିବା ଦେଶର ସାମ୍ବାଦିକତା କ୍ଷେତ୍ରରେ ଥିବା ଆହ୍ୱାନଗୁଡ଼ିକୁ ସ୍ପଷ୍ଟ ଭାବରେ ଦର୍ଶାଉଛି । ଏହି ରିପୋର୍ଟ ଏକ ଗଭୀର ଆତ୍ମସମୀକ୍ଷାର ବିଷୟ । ଗତ କିଛି ବର୍ଷ ଧରି ଭାରତ କ୍ରମାଗତ ଭାବରେ ଏହି ସୂଚକାଙ୍କର ନିମ୍ନ ଭାଗରେ ରହିଆସିଛି, ଯାହା ପ୍ରମାଣିତ କରୁଛି ଯେ ସ୍ୱାଧୀନ ସାମ୍ବାଦିକତା ପାଇଁ ପରିବେଶ ଅନୁକୂଳ ନୁହେଁ । ଏହି ସୂଚକାଙ୍କ ଅନୁଯାୟୀ ଭାରତର ସ୍ଥିତି ବର୍ତ୍ତମାନ ଅତି ଗମ୍ଭୀର ଶ୍ରେଣୀରେ ରହିଛି । ସବୁଠାରୁ ଉଦବେଗର ବିଷୟ ହେଉଛି ଯେ, ଭାରତର ମାନ୍ୟତା ଏବେ ବି ଆର୍ଥିକ ତଥା ରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବା ପଡ଼ୋଶୀ ପାକିସ୍ତାନ କିମ୍ବା ଶ୍ରୀଲଙ୍କା ଭଳି ଦେଶମାନଙ୍କ ତୁଳନାରେ ନିରାଶାଜନକ ରହିଛି । ନେପାଳ ଏବଂ ଭୁଟାନ ଭଳି ଛୋଟ ପଡ଼ୋଶୀ ରାଷ୍ଟ୍ରମାନେ ମଧ୍ୟ ଗଣମାଧ୍ୟମ ସ୍ୱାଧୀନତା କ୍ଷେତ୍ରରେ ଭାରତ ଠାରୁ ବହୁତ ଆଗରେ ଅଛନ୍ତି । କେବଳ ଚୀନ୍, ଉତ୍ତର କୋରିଆ ଏବଂ ଆଫଗାନିସ୍ତାନ ଭଳି ଏକଛତ୍ରବାଦୀ ରାଷ୍ଟ୍ର ଭାରତ ପଛରେ ରହିଛନ୍ତି । ଏହି ତଥ୍ୟଗୁଡ଼ିକ ସୂଚାଉଛି ଯେ ଭାରତରେ ସ୍ୱାଧୀନ ସାମ୍ବାଦିକତା ଏବଂ ମତ ପ୍ରକାଶର ଅଧିକାର ଉପରେ କ୍ରମାଗତ ଭାବରେ ଚାପ ବୃଦ୍ଧି ପାଉଛି ।

ବିଶ୍ୱ ସ୍ତରରେ ଗଣମାଧ୍ୟମ ସ୍ୱାଧୀନତାର ଚିତ୍ର ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ ରହିଛି । ଆରଏସଏଫ୍ ରିପୋର୍ଟ ଅନୁଯାୟୀ, ବିଶ୍ୱର ଅଧାରୁ ଅଧିକ ଦେଶ ବର୍ତ୍ତମାନ ସାମ୍ବାଦିକତା ପାଇଁ କଷ୍ଟକର କିମ୍ବା ଅତି ଗମ୍ଭୀର ପରିସ୍ଥିତିରେ ଅଛନ୍ତି । ନରୱେ, ଡେନମାର୍କ ଏବଂ ସ୍ୱିଡେନ ଭଳି ସ୍କାଣ୍ଡିନେଭିଆନ୍ ଦେଶଗୁଡ଼ିକ ଶୀର୍ଷ ସ୍ଥାନ ବଜାୟ ରଖିଥିବା ବେଳେ ଆମେରିକା ଏବଂ ବ୍ରିଟେନ ଭଳି ବିକଶିତ ଗଣତନ୍ତ୍ର ମଧ୍ୟ ନିଜର ମାନ୍ୟତାରେ ଅବନତି ଦେଖିଛନ୍ତି । ଏହି ବୈଶ୍ୱିକ ଅବନତିର ପୃଷ୍ଠଭୂମିରେ ଭାରତର ସ୍ଥିତି ଅଧିକ ଚିନ୍ତାଜନକ, କାରଣ ଭାରତ କେବଳ ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ନୁହେଁ, ବରଂ ବିଶ୍ୱ ଗଣତାନ୍ତ୍ରିକ ମୂଲ୍ୟବୋଧର ଏକ ପ୍ରମୁଖ ପ୍ରତିନିଧି । ଏହି ସୂଚକାଙ୍କ ମୁଖ୍ୟତଃ ପାଞ୍ଚୋଟି ମାନଦଣ୍ଡ ଉପରେ ଆଧାରିତ, ଯଥା ରାଜନୈତିକ, ଅର୍ଥନୈତିକ, ଆଇନଗତ, ସାମାଜିକ ଏବଂ ସୁରକ୍ଷା ପରିବେଶ । ଭାରତ କ୍ଷେତ୍ରରେ ବିଶେଷ କରି ଆଇନଗତ ଏବଂ ସୁରକ୍ଷା ସୂଚକାଙ୍କରେ ବ୍ୟାପକ ଅବନତି ପରିଲକ୍ଷିତ ହୋଇଛି, ଯାହା ସୂଚାଉଛି ଯେ ସାମ୍ବାଦିକତାକୁ କ୍ରମଶଃ ଅପରାଧିକ ରୂପ ଦିଆଯାଉଛି ଏବଂ ସାମ୍ବାଦିକମାନେ ନିଜ କାର୍ଯ୍ୟ ପାଇଁ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି । ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଦକ୍ଷିଣ ଆଫ୍ରିକା ଏବଂ ବ୍ରାଜିଲ ଭାରତ ଠାରୁ ବହୁତ ଭଲ ପ୍ରଦର୍ଶନ କରିଛନ୍ତି ।

ସରକାରଙ୍କ ସମାଲୋଚନା କରୁଥିବା ସାମ୍ବାଦିକମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆଇନର ବ୍ୟାପକ ବ୍ୟବହାର କରାଯାଉଛି । ଔପନିବେଶିକ ଯୁଗର ଆଇନ ଯଥା ରାଷ୍ଟ୍ରଦ୍ରୋହ ଏବଂ ମାନହାନି ଆଇନର ବହୁଳ ପ୍ରୟୋଗ ଦେଖିବାକୁ ମିଳୁଛି । ଏହାବ୍ୟତୀତ ୟୁଏପିଏ ଏବଂ ପିଏମଏଲଏ ଭଳି କଠୋର ଆଇନ, ଇନଫରମେସନ୍ ଟେକ୍ନୋଲୋଜି ନିୟମ ଏବଂ ନୂତନ ଟେଲିକମ୍ୟୁନିକେସନ୍ ଆଇନକୁ ଢାଲ କରି ସ୍ୱାଧୀନ ସାମ୍ବାଦିକ ଏବଂ ଅନୁସନ୍ଧାନମୂଳକ ନ୍ୟୁଜ୍ ପ୍ଲାଟଫର୍ମଗୁଡ଼ିକୁ ହଇରାଣ କରାଯାଉଥିବାର ଅଭିଯୋଗ ହେଉଛି । ନିକଟ ଅତୀତରେ ଆସିଥିବା ବ୍ରଡକାଷ୍ଟିଂ ସର୍ଭିସେସ୍ ରେଗୁଲେସନ୍ ବିଲ୍ ଭଳି ପଦକ୍ଷେପଗୁଡ଼ିକ ଡିଜିଟାଲ୍ କ୍ରିଏଟର୍ ଏବଂ ସ୍ୱାଧୀନ ୟୁଟ୍ୟୁବ୍ ସାମ୍ବାଦିକମାନଙ୍କ ଉପରେ ସରକାରୀ ନିୟନ୍ତ୍ରଣ ବୃଦ୍ଧି କରିବାର ଆଶଙ୍କା ସୃଷ୍ଟି କରିଛି । ସାମ୍ବାଦିକମାନଙ୍କ ଉପରେ ଏହି ଆଇନଗତ ଚାପ କେବଳ ସେମାନଙ୍କୁ ଭୟଭୀତ କରୁନାହିଁ, ବରଂ ଏକ ପ୍ରକାର ସ୍ୱ-ନିୟନ୍ତ୍ରଣ ବା ସେଲ୍ଫ-ସେନ୍ସରସିପ୍ କୁ ବାଧ୍ୟ କରୁଛି । ଯେଉଁ ସାମ୍ବାଦିକମାନେ ସରକାରୀ ନୀତିର ସମାଲୋଚନା କରୁଛନ୍ତି, ସେମାନେ ନିୟମିତ ଭାବରେ ମାମଲା, ଗିରଫଦାରୀ ଏବଂ ନ୍ୟାୟିକ ପ୍ରକ୍ରିୟାର ସମ୍ମୁଖୀନ ହେଉଛନ୍ତି, ଯାହାଦ୍ୱାରା ପ୍ରକ୍ରିୟା ହିଁ ଏକ ପ୍ରକାର ଦଣ୍ଡରେ ପରିଣତ ହୋଇଛି । ଡିଜିଟାଲ୍ ସେନ୍ସରସିପ୍ କ୍ଷେତ୍ରରେ ମଧ୍ୟ ଭାରତର ସ୍ଥିତି ଉଦବେଗଜନକ ଅଟେ। ବିଶ୍ୱରେ ସର୍ବାଧିକ ଇଣ୍ଟରନେଟ୍ ସଟଡାଉନ୍ କରୁଥିବା ଦେଶମାନଙ୍କ ତାଲିକାରେ ଭାରତ ଆଗଧାଡ଼ିରେ ରହିଛି, ଯାହା ଖବର ସଂଗ୍ରହ ଏବଂ ପ୍ରସାରଣରେ ଏକ ବଡ଼ ପ୍ରତିବନ୍ଧକ ସୃଷ୍ଟି କରୁଛି।

ଏହି ସମସ୍ୟାର ଅନ୍ୟ ଏକ ପ୍ରମୁଖ ଦିଗ ହେଉଛି ଗଣମାଧ୍ୟମର ଅର୍ଥନୈତିକ ନିୟନ୍ତ୍ରଣ ଏବଂ କର୍ପୋରେଟ୍ ମାଲିକାନାର କେନ୍ଦ୍ରୀକରଣ । ଆରଏସଏଫ୍ ରିପୋର୍ଟ ସ୍ପଷ୍ଟ ଭାବରେ ଦର୍ଶାଇଛି ଯେ ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଥିବା ବଡ଼ କର୍ପୋରେଟ୍ ସଂସ୍ଥାଗୁଡ଼ିକ ଏବଂ ରାଜନୈତିକ କ୍ଷମତା ମଧ୍ୟରେ ଏକ ସମନ୍ୱୟ ଦେଖିବାକୁ ମିଳୁଛି । ମୁଷ୍ଟିମେୟ କିଛି ଶିଳ୍ପପତିଙ୍କ ହାତରେ ଦେଶର ଅଧିକାଂଶ ପ୍ରମୁଖ ଖବରକାଗଜ ଏବଂ ଟେଲିଭିଜନ ଚ୍ୟାନେଲର ମାଲିକାନା ରହିଛି, ଯାହା ଭାରତୀୟ ମୁଖ୍ୟଧାରା ଗଣମାଧ୍ୟମରେ ବିବିଧତାର ଅନ୍ତ ଘଟାଉଛି । ଏହା ସହିତ ସରକାରୀ ବିଜ୍ଞାପନକୁ ଏକ ନିୟନ୍ତ୍ରଣ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଛି । ଭାରତୀୟ ଗଣମାଧ୍ୟମ ମୁଖ୍ୟତଃ ବିଜ୍ଞାପନ ଆୟ ଉପରେ ନିର୍ଭରଶୀଳ ଏବଂ ସରକାର ଏହାର ଏକ ପ୍ରମୁଖ ଉତ୍ସ ହୋଇଥିବାରୁ, ନିଜ ସୁବିଧା ଅନୁଯାୟୀ ଖବର ପରିବେଷଣ କରିବାକୁ ଗଣମାଧ୍ୟମ ଉପରେ ପରୋକ୍ଷ ଚାପ ପକାଯାଉଛି । ଏହି ପରିପ୍ରେକ୍ଷୀରେ ସରକାରଙ୍କ ସମର୍ଥନରେ ପ୍ରଚାର କରୁଥିବା ଏବଂ ପ୍ରକୃତ ସାମ୍ବାଦିକତା ଧର୍ମରୁ ବିଚ୍ୟୁତ ହୋଇଥିବା ସମ୍ବାଦ ସଂସ୍ଥାଗୁଡ଼ିକର ସଂଖ୍ୟା ବୃଦ୍ଧି ପାଉଛି । ଅନ୍ୟପକ୍ଷରେ, ସ୍ୱାଧୀନ ଭାବରେ କାର୍ଯ୍ୟ କରୁଥିବା ଛୋଟ ଏବଂ ମଧ୍ୟମ ଧରଣର ଡିଜିଟାଲ୍ ମିଡିଆ ସଂସ୍ଥାଗୁଡ଼ିକ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ଏବଂ ବିଦେଶୀ ପାଣ୍ଠି ଗ୍ରହଣ ଉପରେ ଥିବା କଟକଣା ସେମାନଙ୍କ ସ୍ଥିତିକୁ ଆହୁରି ଦୁର୍ବଳ କରୁଛି ।

ସାମାଜିକ ଦୃଷ୍ଟିକୋଣରୁ ବିଚାର କଲେ, ଭାରତୀୟ ନ୍ୟୁଜ୍ ରୁମ୍ ଗୁଡ଼ିକରେ ବିବିଧତାର ଘୋର ଅଭାବ ପରିଲକ୍ଷିତ ହେଉଛି । ବିଭିନ୍ନ ସର୍ବେକ୍ଷଣରୁ ଜଣାପଡିଛି ଯେ ଗଣମାଧ୍ୟମର ପରିଚାଳନା ଏବଂ ସମ୍ପାଦନା ସ୍ତରରେ ମୁଖ୍ୟତଃ କିଛି ନିର୍ଦ୍ଦିଷ୍ଟ ବର୍ଗର ଆଧିପତ୍ୟ ରହିଛି, ଯାହାର ପ୍ରଭାବ ଖବରର ଦୃଷ୍ଟିକୋଣ ଉପରେ ପଡୁଛି । ଟେଲିଭିଜନର ପ୍ରମୁଖ ବିତର୍କ କାର୍ଯ୍ୟକ୍ରମଗୁଡ଼ିକରେ ମହିଳା, ଦଳିତ ଏବଂ ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧିତ୍ୱ ଅତ୍ୟନ୍ତ ନଗଣ୍ୟ ରହୁଛି । ଏହା ସହିତ ସାମାଜିକ ମେରୁକରଣ ଏବଂ ଧାର୍ମିକ ବିଦ୍ୱେଷ ବର୍ତ୍ତମାନ ଅନେକ ଟେଲିଭିଜନ ଚ୍ୟାନେଲର ମୁଖ୍ୟ ବିଷୟବସ୍ତୁ ପାଲଟିଛି । ଏଭଳି ବାତାବରଣ ମଧ୍ୟରେ ସାମ୍ବାଦିକମାନେ ନିଜର ବୃତ୍ତିଗତ କାର୍ଯ୍ୟ ପାଇଁ ବିଭିନ୍ନ ସମୟରେ ଆକ୍ରମଣର ଶିକାର ହେଉଛନ୍ତି। ସରକାରଙ୍କ ସମାଲୋଚକମାନଙ୍କୁ ସାମାଜିକ ଗଣମାଧ୍ୟମରେ ଟ୍ରୋଲ୍ କରାଯିବା ସହ ସେମାନଙ୍କ ବିରୋଧରେ ହିଂସାତ୍ମକ ପ୍ରତିଶୋଧ ନେବାକୁ ଖୋଲା ଆହ୍ୱାନ ଦିଆଯାଉଛି। ବିଶେଷକରି ମହିଳା ସାମ୍ବାଦିକମାନଙ୍କ କ୍ଷେତ୍ରରେ ଏହି ଅନଲାଇନ୍ ଆକ୍ରମଣ ଅତ୍ୟନ୍ତ ଭୟଙ୍କର ରୂପ ନେଉଛି, ଯେଉଁଠାରେ ସେମାନଙ୍କର ବ୍ୟକ୍ତିଗତ ତଥ୍ୟ ସାର୍ବଜନୀନ କରାଯାଇ ସେମାନଙ୍କୁ ହଇରାଣ କରାଯାଉଛି । କାଶ୍ମୀର କିମ୍ବା ଉତ୍ତର-ପୂର୍ବାଞ୍ଚଳ ଭଳି ସମ୍ବେଦନଶୀଳ ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନେ ଅଧିକ ସୁରକ୍ଷା ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଗଣମାଧ୍ୟମ ସ୍ୱାଧୀନତା କେବଳ ରାଜନୈତିକ ସ୍ତରରେ ସୀମିତ ନୁହେଁ, ବରଂ ଏହା ସାଧାରଣ ଜନତାଙ୍କ ଦୈନନ୍ଦିନ ଜୀବନ ସହିତ ଜଡ଼ିତ । ଯେତେବେଳେ ସ୍ଥାନୀୟ ସ୍ତରରେ ଦୁର୍ନୀତି କିମ୍ବା ପ୍ରଶାସନିକ ଅବହେଳା ବିରୋଧରେ ଖବର ସଂଗ୍ରହ କରୁଥିବା ଆଞ୍ଚଳିକ ସାମ୍ବାଦିକମାନେ ଆକ୍ରମଣର ଶିକାର ହୁଅନ୍ତି, ସେତେବେଳେ ସମଗ୍ର ସୂଚନା ବ୍ୟବସ୍ଥା ଭୁଶୁଡ଼ି ପଡ଼େ । ବିଭିନ୍ନ ରିପୋର୍ଟ ଅନୁଯାୟୀ, ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନେ ଅଧିକ ଅସୁରକ୍ଷିତ ଅଟନ୍ତି କାରଣ ସେମାନଙ୍କ ପାଖରେ ବଡ଼ ମିଡିଆ ସଂସ୍ଥାର ସୁରକ୍ଷା ଛତ୍ର ନଥାଏ । ବେଆଇନ ଖଣି ଖାଦାନ, ଜଙ୍ଗଲ ମାଫିଆ ଏବଂ ସ୍ଥାନୀୟ ରାଜନେତାଙ୍କ ବିରୋଧରେ ଲେଖିଲେ ସେମାନଙ୍କୁ ମିଥ୍ୟା ମାମଲାରେ ଫସାଇ ଦିଆଯାଉଛି କିମ୍ବା ଶାରୀରିକ ଆକ୍ରମଣ କରାଯାଉଛି । ଏହା ସହିତ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିପ୍ ଫେକ୍ ଭଳି ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ମିଥ୍ୟା ଖବରର ପ୍ରସାର ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯାହା ପ୍ରକୃତ ସାମ୍ବାଦିକତା ପାଇଁ ଏକ ନୂତନ ଆହ୍ୱାନ ସୃଷ୍ଟି କରିଛି । ସରକାରୀ ସ୍ତରରେ ଏହି ମିଥ୍ୟା ଖବରକୁ ରୋକିବା ନାମରେ ଯେଉଁ ନିୟମଗୁଡ଼ିକ ଅଣାଯାଉଛି, ତାହା ପରୋକ୍ଷରେ ସରକାରୀ ସେନ୍ସରସିପ୍ କୁ ପ୍ରୋତ୍ସାହିତ କରୁଥିବାର ଅଭିଯୋଗ ହେଉଛି । ଏକ ନିରପେକ୍ଷ ଏବଂ ସ୍ୱାଧୀନ ଫ୍ୟାକ୍ଟ-ଚେକିଂ ବ୍ୟବସ୍ଥାର ଅଭାବ ଯୋଗୁଁ ସାଧାରଣ ଲୋକମାନେ ସଠିକ୍ ଏବଂ ଭୁଲ୍ ଖବର ମଧ୍ୟରେ ପାର୍ଥକ୍ୟ ବୁଝିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଏକ ସ୍ୱାଧୀନ, ନିରପେକ୍ଷ ଏବଂ ଭୟମୁକ୍ତ ଗଣମାଧ୍ୟମ ନିତାନ୍ତ ଆବଶ୍ୟକ । ଯେତେବେଳେ ସରକାରୀ କଳ, ଆଇନ ବ୍ୟବସ୍ଥା ଏବଂ କର୍ପୋରେଟ୍ ଶକ୍ତି ମିଳିତ ଭାବରେ ଗଣମାଧ୍ୟମର କଣ୍ଠରୋଧ କରନ୍ତି, ସେତେବେଳେ ସାଧାରଣ ନାଗରିକଙ୍କର ସଠିକ୍ ସୂଚନା ପାଇବାର ଅଧିକାର କ୍ଷୁର୍ଣ୍ଣ ହୁଏ । ସରକାରଙ୍କୁ ଉତ୍ତରଦାୟୀ କରିବା ପରିବର୍ତ୍ତେ ଗଣମାଧ୍ୟମ ଯଦି କେବଳ ପ୍ରଚାରର ମାଧ୍ୟମ ପାଲଟିଯାଏ, ତେବେ ଗଣତନ୍ତ୍ର ତାର ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇଯାଏ। ଏହି ସମସ୍ୟାର ସମାଧାନ ପାଇଁ ବହୁମୁଖୀ ପଦକ୍ଷେପର ଆବଶ୍ୟକତା ରହିଛି । ପ୍ରଥମତଃ, ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ କଠୋର ଆଇନ ପ୍ରଣୟନ କରାଯିବା ଉଚିତ୍ ଏବଂ ସେମାନଙ୍କ ଉପରେ ହେଉଥିବା ଆକ୍ରମଣର ତ୍ୱରିତ ବିଚାର ହେବା ଆବଶ୍ୟକ । ଦ୍ୱିତୀୟତଃ, ଜାତୀୟ ନିରାପତ୍ତା ଆଳରେ ବ୍ୟବହାର କରାଯାଉଥିବା କଠୋର ଆଇନଗୁଡ଼ିକର ଅପବ୍ୟବହାର ଉପରେ ନ୍ୟାୟପାଳିକା ସ୍ୱତନ୍ତ୍ର ଦୃଷ୍ଟି ରଖିବା ଉଚିତ୍, ଯାହାଦ୍ୱାରା ସାମ୍ବାଦିକମାନେ ନିର୍ଭୟରେ ଅନୁସନ୍ଧାନମୂଳକ ଖବର ପରିବେଷଣ କରିପାରିବେ । ତୃତୀୟତଃ, ଗଣମାଧ୍ୟମର ଆର୍ଥିକ ସ୍ୱାଧୀନତା ସୁନିଶ୍ଚିତ କରିବା ପାଇଁ ବିଜ୍ଞାପନ ବଣ୍ଟନରେ ସ୍ୱଚ୍ଛତା ଆଣିବା ନିତାନ୍ତ ଜରୁରୀ। କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ୍ ଟେକ୍ନୋଲୋଜିର ପ୍ରସାର ଯୋଗୁଁ ବ୍ୟାପୁଥିବା ମିଥ୍ୟା ଖବରକୁ ରୋକିବା ପାଇଁ ସ୍ୱାଧୀନ ଫ୍ୟାକ୍ଟ-ଚେକିଂ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଦରକାର । ସମାଜର ସବୁ ବର୍ଗ ଏହି ସଙ୍କଟକୁ ହୃଦୟଙ୍ଗମ କରି ଗଣମାଧ୍ୟମର ସ୍ୱାଧୀନତା ସପକ୍ଷରେ ସ୍ୱର ଉତ୍ତୋଳନ କରିବା ଉଚିତ୍ । ଗଣମାଧ୍ୟମର ସ୍ୱାଧୀନତା କେବଳ ସାମ୍ବାଦିକମାନଙ୍କର ଅଧିକାର ନୁହେଁ, ବରଂ ଏହା ପ୍ରତ୍ୟେକ ଦେଶବାସୀଙ୍କର ସତ୍ୟ ଜାଣିବାର ମୌଳିକ ଅଧିକାର ଅଟେ, ଯାହା ବିନା ଏକ ଜୀବନ୍ତ ଗଣତନ୍ତ୍ରର କଳ୍ପନା ଅସମ୍ଭବ ।

# ଗୋଟି ଶ୍ରମିକ ନିରୋଧ ଆଇନର ଆବଶ୍ୟକତା



**ଅଲେଖ ଚନ୍ଦ୍ର ସାମଲ**

ଦେଶରେ କେତେ ସଂଖ୍ୟାରେ ଗୋଟି ଶ୍ରମିକ ଅଛନ୍ତି ତାର ସର୍ଭେ କରି ସେମାନଙ୍କ ଥଇଥାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ସମସ୍ତ ରାଜ୍ୟ ସରକାର ଗୋଟି ଶ୍ରମିକ ସର୍ଭେ ସଂକ୍ରାନ୍ତରେ ଏକ ଦ୍ୱିବାର୍ଷିକ ରିପୋର୍ଟ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଦାଖଲ କରିବେ । କମିଶନ ଗୋଟିଶ୍ରମିକ ବ୍ୟବସ୍ଥା ଆକ୍ଟର ପ୍ରଚଳନ ବିଷୟ ଉପରେ ତଦାରଖ କରିବେ । ଗୋଟିଶ୍ରମିକ ପ୍ରଥା ଉଚ୍ଛେଦ ଆଇନ୍‌ର ଉପଯୁକ୍ତ ପ୍ରଚଳନ ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ପବ୍ଲିକ୍ ୟୁନିୟନ ଫର ଲିବରଟିଜ୍ ନାମକ ଏକ ସଂସ୍ଥା ପକ୍ଷରୁ ଆଗତ ପିଟିସନ୍ ଉପରେ କୋର୍ଟ ଏହି ଆଦେଶ ପ୍ରଦାନ କରିଛନ୍ତି । ଭାରତ ସରକାର ୨୦୨୧ ଏପ୍ରିଲ ୨୫ରେ ଏକ ସତ୍ୟପାଠରେ ଦର୍ଶାଇଥିଲେ ଯେ କେନ୍ଦ୍ରଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ୨୦୦୫-୨୦୧୦ରୁ ୨୦୧୦-୨୦ ମଧ୍ୟରେ ଗୋଟିଶ୍ରମିକ ସର୍ଭେ ପାଇଁ ୭୯୪ କୋଟି ଟଙ୍କା ସହାୟତା ଦେଇଥିଲେ । ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, କର୍ଣ୍ଣାଟକ, ବିହାର, ଝାଡ଼ଖଣ୍ଡ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼ ଓ ଉତ୍ତରାଖଣ୍ଡରେ ସର୍ଭେ ହୋଇନଥିଲା । କୋର୍ଟ କହିଛନ୍ତି ଯେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତି ୩ବର୍ଷରେ ଥରେ ନୂଆ ସର୍ଭେ କରାଯାଇ ସଂଶୋଧିତ ତଥ୍ୟ ୱେବସାଇଟରେ ଦେବାକୁ ହେବ । ଜିଲ୍ଲାସ୍ତରୀୟ ଭିଜିଲାନ୍ସ କମିଟି ଏବଂ ସବ୍‌ଡ଼ିଭିଜନାଲ ଭିଜିଲାନ୍ସ କମକିଟି ସର୍ଭେ ଦାୟିତ୍ୱ ନେବେ । କମିଟି ତାର ରିପୋର୍ଟ ଜାତୀୟ ମାନବାଧିକାର କମିଶନଙ୍କୁ ଦେବେ । ଏହି କମିଟି ପ୍ରତି ୩ବର୍ଷରେ ଥରେ ପୁନର୍ଗଠନ କରାଯିବ। ଇଟାଭାଟି, ପଥରଖଣି, କ୍ରସର, ବିଡ଼ି କାରଖାନା, ନିର୍ମାଣକ୍ଷେତ୍ର, କୃଷି, ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ସୂତାକଳ ଆଦିରେ ଗୋଟିଶ୍ରମିକ ବ୍ୟାପକ ସଂଖ୍ୟାରେ ଥିବାରୁ ଏହି କମିଟି ଏସବୁ ଅଞ୍ଚଳର ସର୍ଭେ ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ସେଠାରେ ଗୋଟିଶ୍ରମିକ ପ୍ରଥା ଆଇନ୍‌ର ଉଲ୍ଲଂଘନ ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

୨୦୦୯ରେ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ୍‌ରେ ୧ରୁ ୮ମ ଶ୍ରେଣୀ ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଥିଲେ ହେଁ ଏବେ ବି ସହର ଏବଂ ଗାଁରେ ଅନେକ ଶିଶୁ ଗୋଟିଶ୍ରମ ଭାବେ ତଥା ଘରୋଇ ଚାକର ଭାବେ କାମ କରୁଛନ୍ତି ଏବଂ ସେମାନେ ସ୍କୁଲକୁ ଯାଉନାହାନ୍ତି । ଗ୍ରାମାଞ୍ଚଳ ସ୍ତରରେ ପଞ୍ଚାୟତ ଓ ସହରାଞ୍ଚଳ ସ୍ତରରେ ପୌରସଂସ୍ଥା ଏଭଳି ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା ନିଶ୍ଚିତ କରାଇବାକୁ ରାୟରେ କୁହାଯାଇଛି । ଆକ୍ଟର ଧାରା ୧୦, ୧୧ ଓ ୧୨ ସଠିକ୍ ଭାବେ କାର୍ଯ୍ୟକାରି ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସର୍ବନିମ୍ନ ମଜୁରୀ ଆକ୍ଟ, ଶ୍ରମିକ କ୍ଷତିପୂରଣ ଆକ୍ଟ, ଆନ୍ତଃରାଜ୍ୟ ଦେଶାନ୍ତର ଶ୍ରମିକ ଆଇନ୍, ଶିଶୁଶ୍ରମିକ ଉଚ୍ଛେଦ ଓ ନିୟନ୍ତ୍ରଣ ଆଇନ ଯେପରି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ ଏ ଦିଗରେ ଜିଲା ମାଜିଷ୍ଟ୍ରେଟ୍ ଏବଂ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ଦୃଷ୍ଟିଦେବା ଆବଶ୍ୟକ । ଗୋଟିଶ୍ରମିକଙ୍କ ସମ୍ପର୍କରେ କୌଣସି ତଥ୍ୟ ପାଇଲେ ଏ ବିଷୟରେ ଜିଲା ମାଜିଷ୍ଟ୍ରେଟଙ୍କୁ ଜଣାଇବା ପାଇଁ ସମସ୍ତ ଗ୍ରାମପଞ୍ଚାୟତ, ସ୍ୱାୟତଶାସନ ସଂସ୍ଥା ଓ ଲୋକାଲ ବଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଜାତୀୟ ମାନବାଧିକାର କମିଶନଙ୍କୁ ପଠାଯାଇଥିବା ୬ ମାସିଆ ରିପୋର୍ଟ ଅପରିବର୍ତ୍ତିତ ରଖିବାକୁ କୁହାଯାଇଛି । ଯେଉଁ ଅଞ୍ଚଳରେ ଭିଜିଲାନ୍ସ କମିଟି ଗଠନ ହୋଇନାହିଁ ସେସବୁ ୬ମାସ ଭିତରେ ତୁରନ୍ତ ଗଠନ କରିବାକୁ କୁହାଯାଇଛି । ଏହା ନିଶ୍ଚିତ ଭାବରେ ଦୁଃଖଦ ପ୍ରସଙ୍ଗ ଯେ ଭାରତ ସ୍ୱାଧୀନତା ପ୍ରାପ୍ତିର ଢ଼େର ବର୍ଷ ବିତିଗଲା ପରେ ବି ଆମ ସାମାଜିକ ପରିବେଶରେ ଗୋଟି ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି । ଅନେକ ବିପଜ୍ଜନକ କ୍ଷେତ୍ରରେ ସେମାନଙ୍କ ଜୀବନ ହାନୀ ହେଉଥିବାର ଖବର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥାଏ। ସେଥିସହ କିଛି କାର୍ଯ୍ୟକ୍ଷେତ୍ରରେ ଏହି ଶ୍ରମିକମାନେ ଶୋଷିତ ହେଉଥିବାର ଖବର ମଧ୍ୟ ପ୍ରକାଶ ପାଏ । ଗୋଟିଶ୍ରମିକ ପ୍ରଥା ବନ୍ଦ ନେଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ପୂର୍ବରୁ ଭାରତର ବିଭିନ୍ନ ହାଇକୋର୍ଟରେ ଏ ନେଇ ମାମଲା ରୁଜୁ ହୋଇଛି ଆଉ ବିଭିନ୍ନ ସମୟରେ ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟ ମଧ୍ୟ ଦୃଷ୍ଟାନ୍ତମୂଳକ ରାୟ ପ୍ରଦାନ କରିଛନ୍ତି। ତେବେ ସରକାରୀ ସ୍ତରରେ ପ୍ରଶାସନକୁ ସତର୍କ କରିବା ସହ ଶ୍ରମବିଭାଗକୁ ଏନେଇ ଆର୍ଲଟ କରାଯିବା ଜରୁରୀ । ଗୋଟିଶ୍ରମିକଙ୍କ ସୁରକ୍ଷା ପାଇଁ ବିଧିବଦ୍ଧ ଆଇନର ଫାଙ୍କ ରହୁଥିବାରୁ ଅନେକ କ୍ଷେତ୍ରରେ ଶ୍ରମଜିବୀମାନେ ଦାଦନଭାବେ କେବଳ ବାହାର ରାଜ୍ୟ ନୁହେଁ ବିଦେଶକୁ ଯାଇ ଅକଥନୀୟ ଯନ୍ତ୍ରଣା ପାଇଥାନ୍ତି । ଏ କ୍ଷେତ୍ରରେ ଦାଦନ ଶ୍ରମିକ ନିରୋଧ ଆଇନର ବିଧି ବ୍ୟବସ୍ଥା ସେପରି ନଥିବାରୁ ଏହାର ଫାଇଦା ତଥା କଥିତ ଦଲାଲ ଓ ଠିକାଦାରମାନେ ଉଠାଇଥାନ୍ତି। ଗୋଟି ଶ୍ରମିକଙ୍କ ସୁରକ୍ଷା ପାଇଁ ଭାରତର ବିଭିନ୍ନ ରାଜ୍ୟରେ ଆଇନ କାର୍ଯ୍ୟକାରୀ କରୁଥିଲେ ବି କିଛି ରାଜ୍ୟରେ ଏହି ଆଇନ ପ୍ରଣୀତ ହୋଇନଥିବାରୁ ଏହାର ଫାଇଦା ଉଠାଯାଉଛି । ଶୋଷିତ ହେବା ସହ ସୁରକ୍ଷିତ ଆଇନ ନଥିବାରୁ ଏହି ଶ୍ରମିକମାନେ ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ହୋଇଥାନ୍ତି । ପ୍ରତିବର୍ଷ ଶ୍ରମଦିବସରେ ଗୋଟିଶ୍ରମିକଙ୍କ ସୁରକ୍ଷା ପାଇଁ ଫମ୍ପା ଘୋଷଣାର ଆବାଜ୍ ଶୁଭିଥାଏ ସିନା କିନ୍ତୁ ଏହା କାର୍ଯ୍ୟକାରୀ ହୋଇନଥିବାରୁ ଏବଂ ଏନେଇ ସଚେତନତା ସୃଷ୍ଟି ହୋଇନଥିବାରୁ ଆଇନର ଦୁର୍ବଳତାରୁ ଫାଇଦା ଉଠାଇଥାନ୍ତି ତଥାକଥିତ ଶୋଷକ ବର୍ଗର ଠିକାଦାର ଓ ସର୍ଦ୍ଦାରମାନେ । ତେଣୁ ତୁରନ୍ତ ଗୋଟିଶ୍ରମିକ ନିରୋଧ ଆଇନ କଡ଼ାକଡ଼ି କାର୍ଯ୍ୟକାରୀ କରାଗଲେ ବର୍ଷ ବର୍ଷର ଏହି ଯନ୍ତ୍ରଣାକୁ ଭୋଗୁଥିବା ଶ୍ରମଜିବୀଙ୍କ ମୁହଁରେ ହସ ଫୁଟିପାରନ୍ତା।



+ପୂର୍ବତନ ଡିଏଫ୍‌ଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ: ୯୪୩୭୨୫୬୧୨୩

# ବୁଦ୍ଧ ପୂର୍ଣ୍ଣିମା (ବୈଶାଖ ପୂର୍ଣ୍ଣିମା)



**ବିଷ୍ଣୁ ପ୍ରସାଦ ଦାସ**

ଖ୍ରୀଷ୍ଟ ପୂର୍ବ ୫୬୩ ପବିତ୍ର ବୈଶାଖ ପୂର୍ଣ୍ଣିମା ତିଥି, ସେଦିନ ପୃଥିବୀ ପୃଷ୍ଠରେ ହଜାର ହଜାର ଶିଶୁ ଜନ୍ମ ନେଇଥିଲେ, କିନ୍ତୁ ତନ୍ମଧ୍ୟରୁ ଆମେ ଜଣଙ୍କୁ ଆଜି ମନେ ରଖିଛୁ ଆଗକୁ ମଧ୍ୟ ମନେ ରଖିଥିବୁ। କାଳର କରାଳ ଗତିରେ ଅନେକ କିଛି ଆସେ ଆଉ ଲୀନ ହୋଇଯାଏ। ଯେଉଁମାନେ ଯୁଗଜନ୍ମା, ସମାଜର ତ୍ରାଣକର୍ତ୍ତା, ଯାହାଙ୍କ ବାଣୀ ଦ୍ୱାରା ଆମେ ଚିରନ୍ତନ ସତ୍ୟର ସାମ୍ନା କରି ପାରୁଛୁ, ଆଧ୍ୟାତ୍ମିକ ଜ୍ଞାନର ଅଧିକାରୀ ହୋଇ ପାରୁଛୁ ତା'ଙ୍କର ପଦାନୁସରଣ କରି ଆଜି ଲକ୍ଷ ଲକ୍ଷ ଅନୁଗାମୀ ଶାନ୍ତି, ମୈତ୍ରୀ ତଥା ଶୃଙ୍ଖଳିତ ନିରାମୟ ଜୀବନଚର୍ଯ୍ୟା କରୁଛନ୍ତି । ଏହି ଉଜ୍ଜ୍ୱଳ ନକ୍ଷତ୍ରଟି ନେପାଳ ଦେଶରର 'ଲୁମ୍ବିନି' ଠାରେ ଶାକ୍ୟ ବଂଶର ରାଜା ଶୁଦ୍ଧୋଦନ ଓ ରାଣୀ ମାୟା ଦେବୀଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ । ରାଜପରିବାର ପୁତ୍ର ସନ୍ତାନ ପ୍ରାପ୍ତି ଖବର ପ୍ରଚାରିତ ହ୍ୱେ ପରେ ରାଜ୍ୟ ବାସୀ ନିଜ ଭାବି ରାଜାଙ୍କୁ ଦର୍ଶନ କରି ଅନେକ ଉପହାର ଦେଇଥିଲେ । ମହା ଆଡମ୍ବର ସହକାରେ ରାଜ ପରିବାରର ନୂତନ ସଦସ୍ୟ ତଥା ରାଜ କୁମାରଙ୍କ ନାମ କରଣ ହୋଇଥିଲା । ସେ 'ସିଦ୍ଧାର୍ଥ ଗୌତମ' ନାମରେ ପରିଚିତ ହେଲେ । ବିଧିର ବିଡମ୍ବନା ଗୌତମଙ୍କ ଜନ୍ମର ସପ୍ତମ ଦିନ ତା'ଙ୍କ ମାତୃ ବିୟୋଗ ଘଟିଲା। ରାଜା ଶୁଦ୍ଧୋଦନ ଗୌତମଙ୍କ ଲାଳନ ପାଳନ ଦାୟିତ୍ୱ ସ୍ୱର୍ଗତ ମାୟା ଦେବୀଙ୍କ ଭଗ୍ନୀ ଗୌତମୀଙ୍କୁ ଦେଇଥିଲେ। ରାଜ ଜ୍ୟୋତିଷ ଯେଉଁଦିନ ଗୌତମଙ୍କ ଜାତକ ପ୍ରସ୍ତୁତ କଲେ ସେ ରାଜାଙ୍କୁ ଜଣାଇଥିଲେ ଯେ, ଗୌତମଙ୍କ 'ସନ୍ୟାସୀ' ହେବାର ଯୋଗ ଅଛି। ରାଜା ଜ୍ୟୋତିଷଙ୍କ ଗଣନାକୁ ନଜରରେ ରଖି ଶିଶୁ ପୁତ୍ରକୁ ସଂସାରର ଜଞ୍ଜାଳ ଠାରୁ ଦୁରେଇ ରଖିବାକୁ ଆପ୍ରାଣ ଚେଷ୍ଟା କରିଥିଲେ ।

ବାଲୁତ ଗୌତମଙ୍କ ବାଲ୍ୟାବସ୍ଥା ଯାଇ କୈଶୋର ଅବସ୍ଥା ଆସିବାପରେ ସେ ଅନେକ ସମୟରେ ଖୁବ୍ ଚିନ୍ତିତ ଥିବା ପରି ମନେ ହେଉଥିଲେ । ରାଜା ଶୁଦ୍ଧୋଦନ ପୁତ୍ରର ଏହିସବୁ ବ୍ୟତିକ୍ରମ ଅବଲୋକନ କରି ଶେଷରେ ୧୬ ବର୍ଷରେ ରାଜକନ୍ୟା ଯଶୋଧାରା ସହିତ ଗୌତମଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରି ଦେଇଥିଲେ । ତା'ଙ୍କର ଆଶା ଥିଲା ପୁତ୍ର ବୈବାହିକ ଜୀବନ ସହିତ ଜଡିତ ହୋଇ ନିଜ ଚିନ୍ତାଧାରା ପରିବର୍ତ୍ତନ କରିପାରିବ ଏବଂ ଜ୍ୟୋତିଷଙ୍କ ଭବିଷ୍ୟ ବାଣୀକୁ ମଧ୍ୟ ବଦଳାଇ ଦେଇ ହେବ । ସାଂସାରିକ ସୁଖ ଗୌତମଙ୍କୁ ବାନ୍ଧି ରଖି ପାରିନଥିଲା । ତା'ଙ୍କ ଔରସରୁ ପୁତ୍ର ସନ୍ତାନଟିଏ ମଧ୍ୟ ଜନ୍ମ ଗ୍ରହଣ କରିଥିଲା ଏବଂ ରାହୁଲ ନାମରେ ପରିଚିତ ହୋଇଥିଲା । ଏକଦା ହସ୍ତୀ ପୃଷ୍ଠରେ ନଗର ପରିଭ୍ରମଣ କରିବା ସମୟରେ ଗୌତମଙ୍କୁ ଚାରୋଟି ଦୃଶ୍ୟ ସଂସାର ପ୍ରତି ବିତୃଷ୍ଣା ଆଣିବାର କାରଣ ହୋଇ ଥିଲା । ତାହା ଥିଲା (୧) ବୃଦ୍ଧାବସ୍ଥା, (୨) ରୋଗଗ୍ରସ୍ତ ମାନବ (୩) ଶବ (୪) ସନ୍ୟାସୀ । ଜୀବନର ଚାରୋଟି ଅବସ୍ଥାକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ଶେଷରେ ଗୌତମ 'ସନ୍ୟାସୀ' ହେବାପାଇଁ ମନସ୍ଥ କରିଥିଲେ । ଗୌତମ ୨୯ ବର୍ଷ ବୟସରେ ରାଜପ୍ରାସାଦର ବିଳାସପୂର୍ଣ୍ଣ ଜୀବନ ତଥା ପତ୍ନୀ ଯଶୋଧାରା ଏବଂ ନିଜର ପ୍ରିୟ ପୁତ୍ର ରାହୁଲଙ୍କୁ ଛାଡ଼ି ଚିରଦିନ ପାଇଁ ସନ୍ୟାସୀ ହୋଇ ଚାଲି ଯାଇ ଥିଲେ। ସନ୍ୟାସ ଜୀବନରେ ଅନେକ ଘାତ ପ୍ରତିଘାତ ସହି ନିଜର ଲକ୍ଷ୍ୟ ପୂରଣ ପାଇଁ ସର୍ବଦା ଚେଷ୍ଟିତ ଥିଲେ । ମଗଧ ରାଜ୍ୟର ରାଜଧାନୀ ରାଜଗିରି ଗୁମ୍ଫାରେ କିଛିଦିନ ଧ୍ୟାନ ତଥା ବୋଧଗୟା ଠାରେ ଛଅ ବର୍ଷ କଠୋର ତପସ୍ୟା ତା'ଙ୍କୁ ସେମିତି କିଛି ସନ୍ତୁଷ୍ଟ କରି ପାରିନ'ଥିଲା। ଶେଷରେ ବୋଧଗୟା ନିକଟସ୍ଥ ନିରଞ୍ଜନା ନାମକ ନଦୀ (ଯାହାକି ଫଲ୍ଗୁ ନଦୀ ନାମରେ ପରିଚିତ) ତୀରରେ ଅବସ୍ଥିତ ଏକ ବିଶାଳ ଅଶ୍ୱସ୍ଥ ବୃକ୍ଷ ମୂଳେ ୪୯ ଦିନ ଗଭୀର ଧ୍ୟାନରେ ବସିବା ପରେ ତାଙ୍କୁ ୩୫ ବର୍ଷ ବୟସରେ 'ଦିବ୍ୟ ଜ୍ଞାନ' ପ୍ରାପ୍ତି ହେଲା । ଆଜି ମଧ୍ୟ 'ବୋଧି ଦ୍ରୁମ' ନାମରେ ପରିଚିତ ସେହି ପବିତ୍ର ବୃକ୍ଷର ଜୀବନ୍ତ ଅଂଶ ବିଶେଷ ସେଠାରେ ଦେଖିବାକୁ ମିଳେ । ବଡ଼ ଆଶ୍ଚର୍ଯ୍ୟର କଥା ସେହି ଦିନ ମଧ୍ୟ ବୈଶାଖ ପୂର୍ଣ୍ଣିମା ଥିଲା । ସେହି ଦିନ ଠାରୁ ସିଦ୍ଧାର୍ଥ ଗୌତମଙ୍କ ନାମ ପରିବର୍ତ୍ତନ ହୋଇ 'ଗୌତମ ବୁଦ୍ଧ' ହୋଇଥିଲା । ବୁଦ୍ଧ ମାନେ 'ମହାଜ୍ଞାନୀ' ଯିଏ କି ଅନ୍ଧକାର ମଧ୍ୟରେ ଆଲୋକର ଉତ୍ସ ଦେଖଇ ସମାଜର ମଙ୍ଗଳ କରିବାକୁ ସକ୍ଷମ । ଯିଏ ଯେଉଁ ଧର୍ମର ହୁଅନ୍ତୁ କିନ୍ତୁ ସାରା ପୃଥିବୀ ଆଜି ତାଙ୍କୁ 'ବୁଦ୍ଧଦେବ'ଙ୍କ ନାମରେ ଜାଣିଛନ୍ତି ।

ସଂସାର ଦୁଃଖମୟ ...ଦୁଃଖର କାରଣ 'କାମନା' ଆଉ 'କାମନାର ବିନାଶ ରେ ଦୁଃଖର ବିନାଶ', କାମନାର ବିନାଶ ପାଇଁ ବୁଦ୍ଧ ଆଠଗୋଟି ପନ୍ଥା ବା ଅଷ୍ଟାଙ୍ଗ ମାର୍ଗ ଆବିଷ୍କାର କରିଛନ୍ତି ଯାହା (୧) ସତ୍ ବାକ୍ୟ, (୨) ସତ୍ ଚିନ୍ତା (୩) ସତ୍ ଉଦ୍ଦେଶ୍ୟ (୪) ସତଭୀବନ (୭) ସତ୍ ଚେଷ୍ଟା (୮) ସମକ୍ୟ ସମାଧି (ନିର୍ବାଣ ପ୍ରାପ୍ତି ପରେ ସ୍ୱୟଂ ଲୀନ ହୋଇଯିବା) ତା'ଙ୍କର ଦ୍ୱାରା ପ୍ରଚାରିତ ଧର୍ମ ହେଲା 'ବୌଦ୍ଧ ଧର୍ମ' ଧର୍ମଗ୍ରନ୍ଥ 'ତ୍ରିପିଟକ' ତ୍ରି ମାନେ ତିନି , ପିଟକ ମାନେ ପେଡି, ସେଗୁଡିକ ହେଲା ୧ - ସୂତ୍ର ପିଟକ (ବୁଦ୍ଧଦେବଙ୍କ କଥୋପକଥନ), ୨- ବିନୟ ପିଟକ (ବୌଦ୍ଧଧର୍ମର ନିୟମାବଳୀ), ୩- ଅଭିଧାମ୍ମ ପିଟକ (ବୌଦ୍ଧ ଧର୍ମର ପ୍ରଧାନ ତତ୍ତ୍ୱ) ବୌଦ୍ଧ ଧର୍ମରେ ମୂର୍ତ୍ତିପୂଜା କରାଯାଏ ନାହିଁ । ବୌଦ୍ଧ ଧର୍ମାବଲମ୍ବୀ ମାନେ ବୁଦ୍ଧଙ୍କୁ ପୂଜା କରନ୍ତି ଦିବ୍ୟଜ୍ଞାନ ସହିତ ନିର୍ବାଣ ପ୍ରାପ୍ତି ଏହି ଧର୍ମର ମୂଳ ଉଦ୍ଦେଶ୍ୟ। ବୁଦ୍ଧଙ୍କ ଜ୍ଞାନ ପ୍ରାପ୍ତି ପୂର୍ବରୁ ତା'ଙ୍କୁ ଛାଡ଼ି ଚାଲିଯାଇଥିବା ପାଞ୍ଚ ଜଣ ଶିଷ୍ୟଙ୍କୁ ସେ ସାରନାଥ ଠାରେ ପ୍ରଥମେ ଦୀକ୍ଷା ଦେଇଥିଲେ । ପରବର୍ତ୍ତୀ ସମୟରେ କପିଳାବାସ୍ତୁ ଯାଇ ପତ୍ନୀ ଓ ପୁତ୍ର ରାହୁଲଙ୍କୁ ବୌଦ୍ଧ ଧର୍ମରେ ଦୀକ୍ଷିତ କରିଥିଲେ ।



ଇତିହାସକୁ ପାଥେୟ କରି ଆମେ ଜାଣୁଛୁ ଯେ, ବୌଦ୍ଧଧର୍ମ ପ୍ରଚାର ପ୍ରସାର ପାଇଁ 'ସଙ୍ଘର' ଗଠନ ହୋଇଥିଲା, ବୁଦ୍ଧମ୍ ସରଣମ୍ ଗଛାମୀ, ଧର୍ମଂ ସରଣମ୍ ଗଛାମୀ, ସଙ୍ଘମ୍ ସରଣମ ଗଛାମୀ' ତଥା 'ଓଁ ମଣି ପଦ୍ମେ ହୁମ୍' ଏହି ପ୍ରାର୍ଥନା ବୌଦ୍ଧ ଧର୍ମାବଲମ୍ବି ମାନଙ୍କୁ ଖୁବ୍ ଆଧ୍ୟାତ୍ମିକ ଭାବ ଆଣିଦିଏ । ପ୍ରାର୍ଥନା ଗୃହ ରେ 'ଓଁ'ର ଗୁଞ୍ଜନ ଏବଂ ଆଧ୍ୟାତ୍ମିକ ଶକ୍ତିର ତୁଳନା ନାହିଁ । ମହାତ୍ମା ବୁଦ୍ଧଙ୍କର ଖ୍ରୀଷ୍ଟ ପୂର୍ବ ୪୮୩ ରେ କୁଶୀନଗର ଠାରେ ମହାପ୍ରୟାଣ ହୋଇଥିଲା । ସେତେବେଳେ ତାଙ୍କୁ ୮୦ ବର୍ଷ ହୋଇଥିଲା, ଆଉ ଏକ ସଂଯୋଗର କଥା ଯେ ସେଇଦିନ ମଧ୍ୟ ବୈଶାଖ ପୂର୍ଣ୍ଣିମା ତିଥି ଥିଲା । ଦିବ୍ୟ ଜ୍ଞାନ ପ୍ରାପ୍ତିର ୪୫ ବର୍ଷ ପର୍ଯ୍ୟନ୍ତ ସେ ତା'ଙ୍କର ଧର୍ମ ପ୍ରଚାର କରିଥିଲେ । ହଜାର ହଜାର ଭକ୍ତ ଏବଂ ଅନୁଗାମୀ ପୃଥିବୀର କୋଣ ଅନୁକୋଣ ଯାଇ ସାଧାରଣ ଜନତାଙ୍କୁ ନିର୍ବାଣ ପ୍ରାପ୍ତିର ପଥ ବିଷୟରେ ବୁଝାଇ ବୌଦ୍ଧ ଧର୍ମର ପ୍ରସାର କରିଥିଲେ । ତେଣୁ ବୁଦ୍ଧ ପୂର୍ଣ୍ଣିମାକୁ ଗୌତମ ବୁଦ୍ଧଙ୍କ ଜନ୍ମ ଦିବସ, ଜ୍ଞାନପ୍ରାପ୍ତି ଦିବସ ତଥା ମହାପ୍ରୟାଣ ଦିବସ ରୂପେ ସାରା ପୃଥିବୀରେ ସବୁ ବୌଦ୍ଧ ଧର୍ମାବଲମ୍ବୀ ମାନେ ପାଳନ କରନ୍ତି । ସୁଖ ଏବଂ ଦୁଃଖର ଏକ ମିଶ୍ରିତ ଆବେଗ ଏହି ବୁଦ୍ଧ ପୂର୍ଣ୍ଣିମା । ବୁଦ୍ଧ ଧର୍ମର ସାରକଥା ହେଲା 'କାମନାର ବିନାଶରେ ଦୁଃଖର ବିନାଶ' ଏବଂ ନିର୍ବାଣ ପ୍ରାପ୍ତି।

ପୃଥିବୀର ଅନେକ ଦେଶରେ ବୁଦ୍ଧଦେବଙ୍କ ପୂଜାର୍ଚ୍ଚନା କରାଯାଏ । ପୂର୍ବ ତଥା ଦକ୍ଷିଣ ପୂର୍ବ ଏସିଆ ମହାଦେଶର ଶ୍ରୀଲଙ୍କା, ମିଆଁମାରଦ, ଶ୍ୟାମ୍ ଦେଶ ବା ଥାଇଲାଣ୍ଡ, ମାଲେସିଆ, କାମ୍ବୋଡ଼ିଆ, ଲାଓସ, ଭିଏତନାମ, ଫିଲିପାଇନ୍ସ, ଜାପାନ, ଚୀନ, ଭୁଟାନ ଇତ୍ୟାଦି ଦେଶର ଲୋକମାନେ ଅଧିକାଂଶ ବୌଦ୍ଧ ଧର୍ମାବଲମ୍ବୀ । ସେଠାରେ ଅନେକ ବଡ଼ ବଡ଼ ବୁଦ୍ଧ ମୂର୍ତ୍ତି ପ୍ରତିଷ୍ଠା ହୋଇଛି ଭକ୍ତମାନେ ଖୁବ ନିଷ୍ଠାର ସହିତ ବୁଦ୍ଧଙ୍କୁ ଆରାଧନା କରନ୍ତି ଏବଂ ପ୍ରାର୍ଥନା ଗୃହରେ 'ଓଁ ମଣି ପଦ୍ମେ ହୁମ୍' ମନ୍ତ୍ରୋଚ୍ଚାରଣ କରନ୍ତି । ଭୁଟାନ୍, ମାଲେସିଆ, ଇଣ୍ଡୋନେସିଆ, ଭିଏତନାମ୍, ଥାଇଲାଣ୍ଡ ଦେଶର ଅନେକ ବୌଦ୍ଧ ମନ୍ଦିର ଯିବାର ତଥା ପ୍ରାର୍ଥନା କରିବାର ସୁଯୋଗ ପାଇଛି। ସେଠାରେ ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କ ଆତ୍ମୀୟତା, ବୁଦ୍ଧଙ୍କ ପ୍ରତି ଭକ୍ତି ଏବଂ ନିଜକୁ ବୁଦ୍ଧଙ୍କ ଠାରେ ସମର୍ପଣ ଭାବ, ସରଳ ନିଷ୍କାମ ଜୀବନଚର୍ଯ୍ୟା ଦେଖି ଅଭିଭୂତ ହୋଇ ଯାଇଥିଲି । ଥରେ ଭିଏତନାମ୍‌ର ଜନୈକ ବୌଦ୍ଧ ଗୁରୁଙ୍କ ଆମନ୍ତ୍ରଣ କ୍ରମେ ଭିଏତନାମ୍ ଯାଇ ତାଙ୍କ ସଂସ୍ପର୍ଶ ରେ ଆସିଥିଲି ଏବଂ ତା'ଙ୍କର ବୁଦ୍ଧଙ୍କ ଉପରେ ଅସୀମ ଜ୍ଞାନ ଦେଖି ଆଚମ୍ବିତ ହୋଇ ଯାଇଥିଲି, ତା'ଙ୍କ ଆତିଥ୍ୟ ଏବଂ ଦୀକ୍ଷା ମୋର ସବୁ ଗର୍ବ, ଅହଂକାରକୁ ନେଇ 'ଓଁ ମଣି ପଦ୍ମେ ହୁମ୍' ମନ୍ତ୍ର ମଧ୍ୟରେ ଲୀନ କରିଦେଇଛି । ନିଜ ଅନୁଭୂତି ତଥା ସମ୍ୟକ ଜ୍ଞାନରୁ ଯାହା ଶିଖିଛି ସେଇଥିରୁ କିଛି ଉପସ୍ଥାପନ କରିଛି। ବୁଦ୍ଧଙ୍କ ଉପରେ ଲେଖିବା ପରି ସେତେଟା ଜ୍ଞାନର ଅଧିକାରୀ ହେବାକୁ ମୋତେ ହୁଏତ ଆହୁରି ଅନେକ ବର୍ଷ ଲାଗିପାରେ । ବର୍ତ୍ତମାନ ଲୋଭ, ମୋହ, ମାୟାରେ ବୁଡ଼ି ରହି ମାନବିକତା ଶୂନ୍ୟ ମନୁଷ୍ୟ ମାନେ ନିଜେ କଷ୍ଟ ପାଇବା ସହିତ ଅନ୍ୟ ମାନଙ୍କୁ ମଧ୍ୟ କଷ୍ଟ ଦେଉଛନ୍ତି । ଆମ ମାନଙ୍କର ଧର୍ମ ଏବଂ ଏହାର ଉପକାରିତା, ସମାଜରେ ଏହାର ପ୍ରଭାବ ଉପରେ ଜ୍ଞାନ ଦିନକୁ ଦିନ କମି ଯାଉଛି। ସମାଜକୁ ସକାରାତ୍ମକ ଢଙ୍ଗରେ ଦିଗ୍ଦର୍ଶନ ଦ୍ୱୋ ଧର୍ମ ର ଲକ୍ଷ୍ୟ । ଶେଷରେ ବିଶ୍ୱ ଶାନ୍ତି ପାଇଁ 'କାମନାର ବିନାଶ ରେ ଦୁଃଖର ବିନାଶ .... ଓଁ ମଣି ପଦ୍ମେ ହୁମ୍ 'ସହିତ ବୁଦ୍ଧଦେବଙ୍କୁ ପ୍ରଣାମ ଜଣାଉଛି ।

+ସମ୍ମାନ ସହ।
ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭






## ଶୂନ୍ୟ ଜୀବନ

**ସଦାଶିବ ବିଶ୍ୱାଳ**

ଆଧୁନିକ ଅର୍ଥନୀତି ଓ
ନିଗମ ସଂସ୍କୃତି କହେ
ଅଧିକ ସଞ୍ଚୟ ଓ ନିବେଶେ
ଭବିଷ୍ୟତ ସୁରକ୍ଷିତ ରହେ

କିନ୍ତୁ ଏଇ ସୁରକ୍ଷାର ମାୟା ଜାଲେ
ଜୀବନ ହୁଏ କବଳିତ
ସଞ୍ଚୟ, ନିବେଶ ଆନନ୍ଦ ଦିଏ ସିନା
ଆନନ୍ଦ କ୍ଷଣିକ ପରିସଂଖ୍ୟାନେ ସୀମିତ

ଦାମିଖାଦ୍ୟ ଖାଇବାକୁ ମିଳେ
କିନ୍ତୁ ସେଥିରେ ସ୍ୱାଦ ନ ଥାଏ
ଶୋଇବାକୁ ମିଳେ ନରମ ଶେଯ
ଆଖିରୁ ନିଦ ଦୂରେଇ ଯାଏ

ଯାନ୍ତ୍ରିକ ଜୀବନ ଶୈଳୀରେ
ବିରକ୍ତିକର, ଏବେ ଏକ ମହାମାରୀ
ଜୀବନ ରୋମାଞ୍ଚ ରହିତ
ମନ ସଂକୁଚିତ ହୋଇ ଯାଏ ମରି

ପ୍ରକୃତିଠାରୁ ଦୂରେଇଯାଇ ଆପଣାଉ
ଆଧୁନିକ ଜୀବନ ଶୈଳୀ
ସୁଖ ବସ୍ତୁରୁ ପାଇ
ଶାନ୍ତିଠୁ ଦୂରେଇ କାନ୍ଦୁ ଆଖି ମଳି ମଳି

ଜୀବନରେ ଦୂରେଇ ରହୁ
ମାଟିର ମହକ,
ଆକାଶର ବିଶାଳତାଠାରୁ
ଜୈବିକସତ୍ତା ହରାଉ ଦୂରେଇ ରହି
ଗଛଲତା ସବୁଜିମାଠାରୁ

ଜୀବନ ପାଲଟିଯାଇଛି ଶୂନ୍ୟ
ଲୋଭ ମୋହ ମାୟା କବଳିତ
ଜୀବନର ଗତି ଧୀମା କରି
ପ୍ରକୃତି ସହ ରହି
ପାଇ ହୁଏ ଶାନ୍ତି, ଶାଶ୍ୱତ ।

+ଅଙ୍ଗାରୁଆ, ଜିଲ୍ଲା - କେନ୍ଦୁଝର

## ଶ୍ରମିକ ଦିବସ

**ନିରଞ୍ଜନ ସାହୁ**

ଶ୍ରମିକ ଦିବସ ପାଳନ କରିବା
ମଇ ଏକ ତାରିଖରେ
ଯେଉଁ ଶ୍ରମିକଙ୍କ ପରିଶ୍ରମ ପାଇଁ
ଆମ ମନେ ଖୁସି ଭରେ ।
କେତେବେଳେ ସିଏ ବିଲରେ ଖଟନ୍ତି
ଚାଷୀ ସହିତରେ ଯାଇ
କେତେବେଳେ ସିଏ ନିର୍ମାଣ ଶ୍ରମିକ
ଖରା - ବର୍ଷା -ଶୀତ ଖାଇ
କେବେ ସେ ଦେଶରେ କେବେ ଯେ
ବିଦେଶରେ
ଶାନ୍ତିରେ ନଥାନ୍ତି ଘରେ ।
କଳକାରଖାନା କାମରେ ଖଟନ୍ତି
ପାଉଣା ସାମାନ୍ୟ ମିଳେ
ଅତି ପରିଶ୍ରମ କରନ୍ତି ସେମାନେ
ବିଶ୍ରାମ ନଥାଏ ତିଳେ
ଠିକାଦାର ଦିଏ ଧମକଚମକ
ମନରେ ବେଦନା ଭରେ ।
ଦେଶର ପ୍ରଗତି ସେମାନଙ୍କ ପାଇଁ
ତାଙ୍କ ଦୁଃଖ ବୁଝେ କିଏ
ମରିଗଲା ଅବା ବଞ୍ଚିଅଛି ସିଏ
ସେ ଖବର କିଏ ନିଏ
ତାଙ୍କ ପାଇଁ ଗଢ଼ା ଆଇନକାନୁନ
କେଉଁ ଦୁଃଖ ତାଙ୍କ ହରେ ।
ସମୟ ଆସିଛି ତାଙ୍କ କଥା ଭାବି
ସଭିଏଁ ଆଗେଇ ଆସ
ତାଙ୍କରି ସୁରକ୍ଷା ତାଙ୍କ ଭବିଷ୍ୟତ
ତାଙ୍କ ଦୁଃଖ କର ନାଶ
ଶ୍ରମିକ ବଞ୍ଚିଲେ ସମସ୍ତେ ବଞ୍ଚିବା
ଏହା ପୁରା ମଗଜରେ ।

+ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ଜାପାନରେ ଧୂଆଁଧାର ବ୍ୟବସାୟ ଲକ୍ଷ୍ୟରେ 'ଧୁରନ୍ଧର'



ରଣବୀର ସିଂହଙ୍କ ଅଭିନୀତ ଚଳଚ୍ଚିତ୍ର 'ଧୁରନ୍ଧର'ର ଦୁଇଟି ପାର୍ଟ ସୁପରହିଟ୍ ହୋଇଛି। ଉଭୟ ୩୦୦୦ କୋଟିରୁ ଅଧିକ ଆୟ କରିଛନ୍ତି। ଭାରତରେ ଏହି ଫିଲ୍ମ ବହୁତ ଭଲ ବ୍ୟବସାୟ କରିବା ପରେ, ଏହି ଚଳଚ୍ଚିତ୍ରଟି ଏବେ ଜାପାନରେ ରିଲିଜ ହେବାକୁ ପ୍ରସ୍ତୁତ ହେଉଛି । ଏହି ଚଳଚ୍ଚିତ୍ରଟି ଜୁଲାଇ ୧୦ ତାରିଖରେ ଜାପାନରେ ମୁକ୍ତିଲାଭ କରିବାକୁ ଯାଉଛି। ଜିଓଷ୍ଟୁଡିଜ୍ ଆଜି ଏକ ପୋଷ୍ଟ ସେୟାର କରି ଏହା ଘୋଷଣା କରିଛି। ଚଳଚ୍ଚିତ୍ର ନିର୍ମାତାମାନେ ଭାରତୀୟ ଆକ୍ସନ୍ ଥ୍ରୀଲର 'ଧୁରନ୍ଧର'ର ଜାପାନୀ ପ୍ରମୋସନାଲ୍ ପୋଷ୍ଟର ମଧ୍ୟ ରିଲିଜ୍ କରିଛନ୍ତି। ଉଲ୍ଲେଖନୀୟ ଯେ ଏହି ଚଳଚ୍ଚିତ୍ରଟି ଜାପାନରେ 'ଅପରେସନ୍ ଧୁରନ୍ଧର' ଶୀର୍ଷକରେ ମୁକ୍ତିଲାଭ କରୁଛି। ତଥାପି, ରଣବୀର ସିଂହ ଏବଂ ସଞ୍ଜୟ ଦତ୍ତଙ୍କ ଦ୍ୱାରା ଏକ ଦୃଢ଼ ଉପସ୍ଥିତି ସହିତ ଚଳଚ୍ଚିତ୍ରଟିର ପ୍ରଚାର କରାଯାଉଛି।

ଭାରତୀୟ ଚଳଚ୍ଚିତ୍ର ପାଇଁ ଜାପାନ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଭାବରେ ଉଭା ହେଉଛି ଏବଂ ଏହି ରିଲିଜ ଚଳଚ୍ଚିତ୍ରର ବିଶ୍ୱସ୍ତରୀୟ ଆୟକୁ ଆହୁରି ବୃଦ୍ଧି କରିବ । ଇଣ୍ଡଷ୍ଟ୍ରି ଟ୍ରାକର ସାକନିଲ୍କ ଅନୁଯାୟୀ, 'ଧୁରନ୍ଧର' ଏପର୍ଯ୍ୟନ୍ତ ଭାରତରେ ୧୩୦୭.୩୫ କୋଟି ଏବଂ ବିଦେଶରେ ୨୯୯.୫୦ କୋଟି ରୋଜଗାର କରିଛି। ଫିଲ୍ମର ଦ୍ୱିତୀୟ ଭାଗ, ଧୁରନ୍ଧର: ଦି ରିଭେଞ୍ଜ, ୧୯ ମାର୍ଚ୍ଚ ୨୦୨୬ରେ ସିନେମା ହଲରେ ମୁକ୍ତିଲାଭ କରିଥିଲା ଏବଂ ଭାରତରେ ଏହା ପୂର୍ବରୁ ୧୦୦୦ କୋଟି ଟଙ୍କା ଆୟ କରିସାରିଛି। ଏହା ବ୍ୟତୀତ, ଏହା ପୁଷ୍ପା ୨: ଦି ରୁଲକୁ ପଛରେ ପକାଇ ସାରା ବିଶ୍ୱରେ ତୃତୀୟ ସର୍ବାଧିକ ଆୟ କରିଥିବା ଫିଲ୍ମ ହୋଇସାରିଛି। ଏହି ଫିଲ୍ମରେ ରଣବୀର ସିଂହ ଏବଂ ସଞ୍ଜୟ ଦତ୍ତଙ୍କ ସହିତ ଅକ୍ଷୟ ଖାନ୍ନା, ଅର୍ଜୁନ ରାମପାଲ, ଆର. ମାଧବନ, ସାରା ଅର୍ଜୁନ, ଦାନିଶ ପାଣ୍ଡୋର, ରାକେଶ ବେଦୀ, ଗୌରବ ଗେରା ଏବଂ ସୌମ୍ୟା ଟଣ୍ଡନ ଅଭିନୟ କରିଛନ୍ତି।

ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ଧୁରନ୍ଧର ମୁକ୍ତିଲାଭ ପରେ ବକ୍ସ ଅଫିସରେ ଚହଳ ସୃଷ୍ଟି କରିଥିଲା। ଫିଲ୍ମଟି ପ୍ରଥମ ସପ୍ତାହରେ ସୁପରହିଟ୍ ଘୋଷଣା କରାଯାଇଥିଲା। ପ୍ରଥମ ଫିଲ୍ମଟି ୧୩୦୦ କୋଟି ଟଙ୍କାରୁ ଅଧିକ ଆୟ କରିଥିଲା। ଧୁରନ୍ଧର ୨ ମୁକ୍ତିଲାଭ କରିଥିଲା ଏବଂ ବକ୍ସ ଅଫିସରେ ଝଡ଼ ସୃଷ୍ଟି କରିଥିଲା। ଧୁରନ୍ଧର ୨ ମଧ୍ୟ ୧୭୦୦ କୋଟି ଟଙ୍କା ଆୟ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଧୁରନ୍ଧର ଫିଲ୍ମ ସିରିଜ୍ ୩୦୦୦ କୋଟି ଟଙ୍କାରୁ ଅଧିକ ଆୟ କରିଥିବା କିଛି ଫିଲ୍ମ ତାଲିକାରେ ସାମିଲ ହୋଇଛି।

# ବରୁଣ ଧୱନଙ୍କ 'ହୈ ଜୱାନି ତୋ ଇସ୍କ ହୋନା ହୈ' ର ରିଲିଜ୍ ତାରିଖ ଘୁଞ୍ଚିଲା

ବଲିଉଡର ଉଦୀୟମାନ ନାୟକ ବରୁଣ ଧୱନଙ୍କ ଅଭିନୀତ ନୂଆ ସିନେମା 'ହୈ ଜୱାନି ତୋ ଇସ୍କ ହୋନା ହୈ' ଜୁନ୍ ୫ ତାରିଖରେ ମୁକ୍ତିଲାଭ କରିବ।

ଡେଭିଡ୍ ଧୱନ୍ ବ୍ରାଣ୍ଡର ସିନେମାର ପ୍ରଶଂସକମାନଙ୍କୁ ଆଉ ଟିକିଏ ଅପେକ୍ଷା କରିବାକୁ ପଡିବ। ବହୁ ପ୍ରତୀକ୍ଷିତ ରୋମାଣ୍ଟିକ କମେଡି, ହୈ ଜୱାନି ତୋ ଇସ୍କ ହୋନା ହୈ, ଏହାର ଥିଏଟର ରିଲିଜକୁ ଆନୁଷ୍ଠାନିକ ଭାବରେ ଘୁଞ୍ଚାଇ ଦିଆଯାଇଛି। ପ୍ରଥମେ ୨୨ ମଇ, ୨୦୨୬ ରେ ରିଲିଜ ହେବାର ଯୋଜନା ଥିଲା, କିନ୍ତୁ ଏବେ ଏହି ଫିଲ୍ମଟି ୫ ଜୁନ୍, ୨୦୨୬ ରେ ପ୍ରିମିୟର ହେବାକୁ ଯାଉଛି।

ଟିପ୍ସ ଫିଲ୍ମସ୍ ବ୍ୟାନରରେ ରମେଶ ତୌରାନିଙ୍କ ଦ୍ୱାରା ପ୍ରଯୋଜିତ (ମାକ୍ସିମିଲିଆନ୍ ଫିଲ୍ମସ୍ ୟୁକେ ସହିତ ମିଳିତ ଭାବରେ), ଏହି ସିନେମା ପିତା-ପୁତ୍ର ଯୋଡ଼ି ନିର୍ଦ୍ଦେଶକ ଡେଭିଡ୍ ଧୱନ ଏବଂ ଷ୍ଟାର ବରୁଣ ଧୱନଙ୍କ ଆଉ ଏକ ସିନେମା।

ନିକଟରେ ରିଲିଜ ହୋଇଥିବା ପୋଷ୍ଟରରେ ଡେଭିଡ୍ ଧୱନଙ୍କ ଶୈଳୀ ଦର୍ଶକଙ୍କୁ ଖୁବ୍ ପସନ୍ଦ ହୋଇଛି। ଏଥିରେ ବରୁଣ ଧୱନଙ୍କୁ ଯମଜ ବେବି ଷ୍ଟ୍ରୋଲର୍ସ ଉପରେ ଏକ ଅଦ୍ଭୁତ ପୋଜ୍ ରେ ଦେଖାଯାଇଛି, ଯାହାଙ୍କ ପାଖରେ ଦୁଇ ନାୟିକା ପୂଜା ହେଗଡେ ଏବଂ ମୃଣାଲ ଠାକୁର ଅଛନ୍ତି। ପୋଷ୍ଟରରେ ମନୀଷ ପଲ୍, ମୌନି ରୟ ଏବଂ ଜିମି ଶେରଗିଲ୍ ଏବଂ ରାକେଶ ବେଦୀ ଭଳି ବରିଷ୍ଠ ଅଭିନେତାଙ୍କ ସମେତ ଏକ ଚମତ୍କାର ସହାୟକ କାଷ୍ଟର ଝଲକ ମଧ୍ୟ ଦିଆଯାଇଛି। ଏହା ଏକ ଜବରଦସ୍ତ ରୋମାଣ୍ଟିକ୍ -କମେଡି ହେବ ବୋଲି କୁହାଯାଉଛି।



# ଡ୍ରଗ୍ସ ମାମଲାରୁ ମୁକ୍ତ

୨୦୨୨ରେ ମୁମ୍ବାଇ ପୁଲିସ ଜଣେ ଡ୍ରଗ୍ସ ଚାଲାଣକାରୀକୁ ଗିରଫ କରିବା ପରେ ସେ ବିଭିନ୍ନ ହାଇପ୍ରୋଫାଇଲ୍ ସେଲିବ୍ରିଟିଙ୍କୁ ଡ୍ରଗ୍ସ ଯୋଗାଉଥିବା କଥା ପ୍ରଘଟ କରିଥିଲା। ସେଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ଶ୍ରଦ୍ଧା କପୁର ଓ ନୋରା ଫତେହୀଙ୍କ ନାମ ମଧ୍ୟ ସାମ୍ନାକୁ ଆସିଥିଲା। ତେଣୁ ଏ ଦୁଇଜଣଙ୍କୁ ଡ୍ରଗ୍ସ ମାମଲାରେ ସାମିଲ କରି ଗତ ବର୍ଷ ପୁଲିସ ପଚରାଉଚୁରା ମଧ୍ୟ କରିଥିଲା। ଏମାନଙ୍କ ସମେତ ଇନ୍‌ଫ୍ଲୁଏନ୍‌ସର ଓରି, ଅଭିନେତା ସିଦ୍ଧାନ୍ତ କପୁର ଓ ରାଜନେତା ଜୀଶାନ ସିଦ୍ଦିକି ମଧ୍ୟ ଏହି ଡ୍ରଗ୍ସ ମାମଲାରେ ଛନ୍ଦି ହୋଇଯାଇଥିଲେ। ତେବେ ୨୦୨୨ରୁ ଚାଲିଥିବା ଅନୁସନ୍ଧାନରୁ ପୁଲିସକୁ ଚାଲାଣକାରୀଙ୍କ ସହିତ ଏହି ସେଲିବ୍ରିଟିଙ୍କୁ ଯୋଡ଼ିବା ଭଳି କୌଣସି ଠୋସ୍ ପ୍ରମାଣ ମିଳିଲା ନାହିଁ। ବଲିଉଡ୍ ଜଗତର ସୁପ୍ରସିଦ୍ଧ ବ୍ୟକ୍ତିବିଶେଷ ଏହି ମାମଲାରେ ସଂପୃକ୍ତ ଥିବାରୁ ଏହା ଦୀର୍ଘ ସମୟ ଧରି ଚର୍ଚ୍ଚାରେ ଥିଲା। ଏବେ





ଏହି ମାମଲା ଓ ତଦନ୍ତରୁ ମୁକ୍ତ ହେବା ପରେ ଶ୍ରଦ୍ଧା ଓ ନୋରା ନିଶ୍ଚିତ ଭାବେ ଶାନ୍ତିରେ ନିଃଶ୍ୱାସ ଛାଡୁଥିବେ। ସେମାନେ ଏ ନେଇ କୌଣସି ମନ୍ତବ୍ୟ ଦେଇ ନଥିବା ବେଳେ ଓରି ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ତାଙ୍କୁ ବଦନାମ କରିବାକୁ ସପ୍ତାହ ସପ୍ତାହ ଧରି ଉଦ୍ୟମ କରୁଥିବା ଈର୍ଷାଳୁ ଲୋକମାନେ ଏବେ କୁଆଡ଼େ ଗଲେ ?

# ଶହେ କୋଟି କ୍ଲବ୍‌ରେ ୨୦ଟି ଚଳଚ୍ଚିତ୍ର



ଆଜି ଭାରତୀୟ ସିନେମା ପରିସରରେ କୌଣସି ଚଳଚ୍ଚିତ୍ର ୧୦୦ କୋଟି ଟଙ୍କାର ବ୍ୟବସାୟ କରିବା ଖୁବ୍ ବଡ଼ ସଫଳତା ଭାବରେ ଗଣାଯାଉନାହିଁ। କିନ୍ତୁ ମାତ୍ର ଦୁଇ ଦଶନ୍ଧି ତଳେ କୌଣସି ଚଳଚ୍ଚିତ୍ର ଭାରତୀୟ ପ୍ରେକ୍ଷାଳୟରେ ୧୦୦ କୋଟି ଟଙ୍କା ଆୟ କରିବାର ନଜିର ନଥିଲା। ଆମିର ଖାଁଙ୍କ 'ଗଜନି' ୨୦୦୮ରେ ପ୍ରଥମ ଥର ପାଇଁ ଏହି ଅଙ୍କ ଟପି '୧୦୦ କୋଟି କ୍ଲବ୍'ର ଶୁଭାରମ୍ଭ କରିଥିଲେ। ଏହା ପରେ ପାଖାପାଖି ୧୫୦ଟି ଚଳଚ୍ଚିତ୍ର ୧୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିସାରିଲେଣି। କିଛି ବଡ଼ ତାରକାଙ୍କ ଏକାଧିକ ଚଳଚ୍ଚିତ୍ର ଏହି ସଫଳତା ହାସଲ କରିବାର ନଜିର ରହିଛି। କିଛି ଚଳଚ୍ଚିତ୍ର ତ ୧୦୦୦ କୋଟି ଟଙ୍କାର ବ୍ୟବସାୟ ମଧ୍ୟ କଲେଣି। ତେବେ ଜଣେ ମାତ୍ର ଅଭିନେତାଙ୍କ ୨୦ଟି ଚଳଚ୍ଚିତ୍ର ଭାରତରେ ଶତାଧିକ କୋଟି ଟଙ୍କା ଆୟ କରିଛି। ସେ ହେଉଛନ୍ତି ଅକ୍ଷୟ କୁମାର। ନିକଟରେ ମୁକ୍ତିଲାଭ କରିଥିବା 'ଭୂତ ବଙ୍ଗଳା' ଚଳଚ୍ଚିତ୍ରଟି ବକ୍ସ ଅଫିସରେ ୧୦୦ କୋଟି ଟଙ୍କାରୁ ଅଧିକ ଆୟ କରିବା ପରେ ଅକ୍ଷୟ କୁମାର ଏହି ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଅକ୍ଷୟଙ୍କ ଏହି ୨୦ଟି ଚଳଚ୍ଚିତ୍ର ମଧ୍ୟରୁ ଛଅଟି କୋଭିଡ୍ ମହାମାରୀ ପରେ ଆସିଥିଲା। ଶହେ କୋଟି ଟଙ୍କା ଟପିଥିବା ତାଙ୍କର ପ୍ରଥମ ଚଳଚ୍ଚିତ୍ର ଥିଲା ୨୦୧୨ରେ ମୁକ୍ତିଲାଭ କରିଥିବା 'ହାଉସ୍‌ଫୁଲ୍ ୨'। '୧୦୦ କୋଟି କ୍ଲବ୍' ତାଲିକାରେ ତାଙ୍କ ପଛକୁ ଅଛନ୍ତି ସଲମାନ ଖାଁ (୧୮ଟି), ଅଜୟ ଦେବଗନ (୧୬ଟି) ଓ ଶାହରୁଖ ଖାଁ (୧୦ଟି)।

# ଶ୍ରେଷ୍ଠ ଦକ୍ଷିଣ ଏସୀୟ ବ୍ୟକ୍ତିତ୍ୱ

ଅଭିନେତ୍ରୀ ଭାବେ କ୍ୟାରିଅର ଆରମ୍ଭ କରି ଚଳଚ୍ଚିତ୍ର ନିର୍ମାତା ପାଲଟିଥିବା ସୟାନୀ ଗୁପ୍ତା ନିକଟରେ ବିଶ୍ୱପ୍ରସିଦ୍ଧ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ସାଉଥ୍ ଏସିଆନ୍ ଆସୋସିଏସନ୍ ପକ୍ଷରୁ ୨୦୨୬ ମସିହାର ଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ସମ୍ମାନିତ ହୋଇଛନ୍ତି। ଚଳଚ୍ଚିତ୍ର, କାହାଣୀ କଥନ ଓ ବିଶ୍ୱ ମଞ୍ଚରେ ଦକ୍ଷିଣ ଏସୀୟ ପରିଚିତିର ପ୍ରଭାବଶାଳୀ ପ୍ରତିନିଧିତ୍ୱ ପାଇଁ ସୟାନୀଙ୍କୁ ଏହି ମର୍ଯ୍ୟାଦାଜନକ ସ୍ୱୀକୃତି ମିଳିଛି। 'ଆର୍ଟିକଲ୍ ୧୫' ଚଳଚ୍ଚିତ୍ର ଓ 'ଫୋର ମୋର ସର୍ଟସ୍ ପ୍ଲିଜ୍!' ପରି ଧାରାବାହିକରେ ତାଙ୍କ ନିର୍ଭୀକ ଚରିତ୍ର ଚୟନ ତଥା ବାସ୍ତବବାଦୀ ଅଭିନୟ ଦ୍ୱାରା ସେ ଭାରତୀୟ କାହାଣୀ କଥନର ଆକାଶକୁ ପରିବ୍ୟାପ୍ତ କରିଛନ୍ତି ବୋଲି ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଉକ୍ତ ସଂଗଠନ ଉଲ୍ଲେଖ କରିଛି।

ଏହି ସମ୍ମାନ ଗ୍ରହଣ କରିବା ପରେ ସୟାନୀ କହିଛନ୍ତି, "ଏଭଳି ଏକ ବିଶ୍ୱସ୍ତରୀୟ ମଞ୍ଚରେ ଆମ ଦେଶ ଭାରତ ଓ ଦକ୍ଷିଣ ଏସିଆର ପ୍ରତିନିଧିତ୍ୱ କରିବା ଖୁବ୍ ସମ୍ମାନର କଥା।... ମୁଁ ମୋ ଭବିଷ୍ୟତର ପ୍ରତିଟି କାମରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଚେଷ୍ଟା ଜାରି ରଖିବି ଏବଂ ଜଣେ ଦାୟିତ୍ୱସମ୍ପନ୍ନ କାହାଣୀକାର ହେବାକୁ ପାରୁପର୍ଯ୍ୟନ୍ତ ଉଦ୍ୟମ କରିବି।'' ଏହି ମାଇଲଖୁଣ୍ଟ ଅତିକ୍ରମ କରିବା ସଙ୍ଗେ ସଙ୍ଗେ ସୟାନୀ ଏବେ ତାଙ୍କର ପ୍ରଥମ କ୍ଷୁଦ୍ର ଚଳଚ୍ଚିତ୍ର 'ଆସମାନୀ' ନେଇ ଖୁବ୍ ଆଶାବାଦୀ ଅଛନ୍ତି। ଗତ ମାସ ସେ ତାଙ୍କ ନିଜସ୍ୱ ପ୍ରଯୋଜନା ସଂସ୍ଥା 'ସୟାନୀ ଗୁପ୍ତା ମୁଭିଜ୍' ଉନ୍ମୋଚନ କରିଥିଲେ। ସେ ଆଗକୁ ଚଳଚ୍ଚିତ୍ର ନିର୍ମାଣରେ ଅଧିକ ମନୋନିବେଶ କରିବେ ବୋଲି ଆଶା କରାଯାଉଛି।



# କରିସ୍ମା କପୁରଙ୍କ ସନ୍ତାନଙ୍କ ବଡ଼ ବିଜୟ; ଦିଲ୍ଲୀ ହାଇକୋର୍ଟଙ୍କ କଡ଼ା ପଦକ୍ଷେପ, ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍





ସଞ୍ଜୟ କପୁରଙ୍କ ସମ୍ପତ୍ତି ବିବାଦ ସମ୍ପର୍କରେ ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ହାଇକୋର୍ଟ ସଞ୍ଜୟ କପୁରଙ୍କ ସମ୍ପତ୍ତିକୁ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ରାୟ କରିସ୍ମା କପୁରଙ୍କ ପିଲା ସମାଇରା ଏବଂ କିୟାନଙ୍କୁ ବହୁତ ଆଶ୍ୱସ୍ତି ଦେଇଛି । ଅନ୍ୟପଟେ ଏହା ସଞ୍ଜୟ କପୁରଙ୍କ ବର୍ତ୍ତମାନର ପତ୍ନୀ ପ୍ରିୟା କପୁରଙ୍କ ପାଇଁ ଏକ ବଡ଼ ଝଟକା।

କୋର୍ଟ କହିଛନ୍ତି ଯେ ଇଚ୍ଛାପତ୍ର ସମ୍ପର୍କରେ ପିଲାମାନଙ୍କର ସନ୍ଦେହ ଦୂର କରିବାର ଦାୟିତ୍ୱ ପ୍ରିୟା କପୁରଙ୍କ ଉପରେ ରହିଛି । କୋର୍ଟ କହିଛନ୍ତି ଯେ ସନ୍ତାନମାନେ ଇଚ୍ଛାପତ୍ରର ବୈଧତା ଉପରେ ସନ୍ଦେହ ସୃଷ୍ଟି କରି ଏକ ପ୍ରଥମ ଦୃଷ୍ଟିକୋଣ ମାମଲା ପ୍ରତିଷ୍ଠା କରିଛନ୍ତି। କରିସ୍ମାଙ୍କ ପିଲାମାନଙ୍କ ଦ୍ୱାରା ଦାୟର ଆବେଦନର ଜବାବରେ ଦିଲ୍ଲୀ ହାଇକୋର୍ଟ ଏକ ମଧ୍ୟବର୍ତ୍ତୀକାଳୀନ ନିଷେଧାଦେଶ ପ୍ରଦାନ କରିଛନ୍ତି । ଏହା ବ୍ୟତୀତ, ସଞ୍ଜୟ କପୁରଙ୍କ ସମ୍ପତ୍ତି ସମ୍ପର୍କରେ ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ସଞ୍ଜୟ କପୁରଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଦିଲ୍ଲୀ ହାଇକୋର୍ଟଙ୍କ ଏହି ରାୟ ରାଣୀ କପୁର ଏବଂ କରିସ୍ମା କପୁରଙ୍କୁ ଆଶ୍ୱସ୍ତି ଦେଇଛି। ହାଇକୋର୍ଟ କହିଛନ୍ତି ଯେ ପ୍ରିୟା କପୁରଙ୍କୁ କରିସ୍ମାଙ୍କ ପିଲାମାନେ ଉଠାଇଥିବା ସନ୍ଦେହର ସମାଧାନ କରିବାକୁ ପଡିବ। ବଲିଉଡ୍ ଅଭିନେତ୍ରୀ କରିସ୍ମା କପୁରଙ୍କ ଦୁଇ ପିଲାଙ୍କ ଦ୍ୱାରା ଦାୟର ମଧ୍ୟବର୍ତ୍ତୀକାଳୀନ ଆଦେଶ ଆବେଦନକୁ ମଞ୍ଜୁର କରିବା ସହିତ, ଦିଲ୍ଲୀ ହାଇକୋର୍ଟ ସେମାନଙ୍କ ସାବତ ମା ପ୍ରିୟା କପୁରଙ୍କୁ ସଞ୍ଜୟ କପୁରଙ୍କ ସମ୍ପତ୍ତି ବଣ୍ଟନ କରିବାରୁ ନିଷେଧ କରିଛନ୍ତି। ବିଚାରପତି ଜ୍ୟୋତି ସିଂ କହିଛନ୍ତି ଯେ ସମ୍ପତ୍ତିଗୁଡ଼ିକୁ ନଷ୍ଟ କରାଯିବା ଉଚିତ୍ ନୁହେଁ; ବରଂ ସେଗୁଡ଼ିକୁ ସଂରକ୍ଷଣ କରାଯିବା ଉଚିତ୍। ଦିଲ୍ଲୀ ହାଇକୋର୍ଟ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା ଉପରେ ମଧ୍ୟ କଟକଣା ଲଗାଇଛନ୍ତି। କୋର୍ଟ ସଞ୍ଜୟ କପୁରଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିଛନ୍ତି। ବିଚାରପତି ଟିପ୍ପଣୀ କରିଛନ୍ତି ଯେ ଯଦି ବିଚାର ସମୟରେ ଇଚ୍ଛାପତ୍ର ଜାଲ୍ ବୋଲି ପ୍ରମାଣିତ ହୁଏ, ତେବେ ଏହା ସମାଇରା ଏବଂ କିୟାନଙ୍କ ପ୍ରତି ଅନ୍ୟାୟ ହେବ। କୋର୍ଟ ପ୍ରିୟା କପୁରଙ୍କୁ ଭାରତୀୟ କମ୍ପାନୀଗୁଡ଼ିକର ଇକ୍ୱିଟି କିମ୍ବା ସେୟାରହୋଲ୍ଡିଂ ବିକ୍ରୟ, ସ୍ଥାନାନ୍ତର, ପ୍ରତିବନ୍ଧକ ରଖିବା କିମ୍ବା ପରିବର୍ତ୍ତନ କରିବା ଉପରେ ରୋକ ଲଗାଇଛନ୍ତି। କୋର୍ଟ ଆହୁରି କହିଛନ୍ତି ଯେ ପିଲାମାନଙ୍କ ପ୍ରତି ଦାୟିତ୍ୱ ପରିଶୋଧ କରିବା ବ୍ୟତୀତ ଦୁଇଟି ଭାରତୀୟ ବ୍ୟାଙ୍କରେ ଥିବା ତିନୋଟି ବ୍ୟାଙ୍କ ଆକାଉଣ୍ଟରୁ ପାଣ୍ଠି ଉଠାଣକୁ ନିଷେଧ କରାଯାଇଛି।





# ଅପେକ୍ଷା ବଢ଼ାଇଲେ 'ରକି ଭାଇ': ଜୁନ୍ ୪ରେ ଆସିବନି 'Toxic'

ସୁପରଷ୍ଟାର ୟଶ୍‌ଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ଟକ୍ସିକ୍'କୁ ନେଇ ଆସିଛି ଏକ ବଡ଼ ଅପଡେଟ୍। ଏହି ଖବର ଆପଣଙ୍କୁ ଟିକିଏ ନିରାଶ କରିପାରେ। କାରଣ ବିଶ୍ୱସ୍ତରୀୟ ବଜାରକୁ ଆଖିରେ ରଖି ପୁଣି ଥରେ ଘୁଞ୍ଚିଲା ଫିଲ୍ମର ରିଲିଜ୍ ଡେଟ୍।

ନୂଆ ରିଲିଜ୍ ତାରିଖ ଘୋଷଣା ହୋଇ ନ ଥିଲା ବେଳେ ଖୁବ୍‌ଶୀଘ୍ର ଏକ ନୂଆ ତାରିଖରେ ମୁକ୍ତିଲାଭ କରିବ ଏହି ଫିଲ୍ମ। ମଧ୍ୟ-ପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ଏବଂ CinemaCon ରେ ମିଳିଥିବା ଅଭୂତପୂର୍ବ ଗ୍ଲୋବାଲ୍ ରେସପନ୍ସ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।

ଏକ ପୋଷ୍ଟ କରି ସୁପରଷ୍ଟାର ୟଶ୍ କହିଛନ୍ତି, 'Toxic କେବଳ ଏକ ଫିଲ୍ମ ନୁହେଁ, ଏହା ଏକ ଯାତ୍ରା। CinemaCon ରେ ଯେଉଁଭଳି ଭାବେ ବିଶ୍ୱ ଦର୍ଶକଙ୍କ ପ୍ରତିକ୍ରିୟା ମିଳିଲା, ତାହା ଆମ ବିଶ୍ୱାସକୁ ଦୃଢ଼ କରିଛି ଯେ ଏହି ଫିଲ୍ମ ସମଗ୍ର ବିଶ୍ୱରେ ସଠିକ୍ ପ୍ରଭାବ ପକାଇବା ଦରକାର। ଭାରତୀୟ ସିନେମାର ମାନ ବୃଦ୍ଧି କରିବା ଆମର ଦାୟିତ୍ୱ।'

ପୂର୍ବରୁ ମାର୍ଚ୍ଚ ୧୯ ଏବଂ ପରେ ଜୁନ୍ ୪ ତାରିଖ ସ୍ଥିର ହୋଇଥିଲେ ସୁଦ୍ଧା, ୟଶ୍ ଏବେ ବିଶ୍ୱ ବଜାରକୁ କବଜା କରିବା ପାଇଁ ସଠିକ୍ ସମୟର ଅପେକ୍ଷାରେ ଅଛନ୍ତି। ତେବେ 'Toxic' କେବେ ପରଦାକୁ ଆସୁଛି, ତାହାକୁ ନେଇ ଏବେ ସସପେନ୍ସ ଜାରି ରହିଛି।

# ରାଉରକେଲା ଇସ୍ପାତ କାରଖାନା: ପ୍ରଗତି ଓ ରାଷ୍ଟ୍ର ନିର୍ମାଣ ପଥେ ଛଅ ଦଶନ୍ଧି

ରାଉରକେଲା , ୩୦/୦୪ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି ) ୧୯୫୦ ଦଶକର ଶେଷ ଭାଗରେ ସୁନ୍ଦରଗଡ଼ ଜିଲ୍ଲାର ପାହାଡ଼ି ଅଞ୍ଚଳରେ ପ୍ରତିଷ୍ଠିତ ହୋଇ, ନବଜାତ ଗଣରାଜ୍ୟ ଭାରତର ଶିଳ୍ପ ମାନଚିତ୍ରକୁ ପୁନଃପରିଭାଷିତ କରିଥିଲା ।

ଆଜି, ଆର ଏସ ପି ରେ ପ୍ରାୟ ୧୨୦୦୦ ପ୍ରତ୍ୟକ୍ଷ ଏବଂ ୧୨୦୦୦ ପରୋକ୍ଷ କର୍ମଜୀବି ଅଛନ୍ତି । ଏହାର ନିୟମିତ କର୍ମଚାରୀଙ୍କ ମଧ୍ୟରୁ, ୮୭ ପ୍ରତିଶତରୁ ଅଧିକ ବ୍ୟକ୍ତି ଓଡ଼ିଶା ରାଜ୍ୟର, ଯେତେବେଳେ ମୋଟ ନିୟମିତ କର୍ମଚାରୀଙ୍କ ୨୮ ପ୍ରତିଶତ ସୁନ୍ଦରଗଡ଼ ଜିଲ୍ଲାର ଅଧିବାସୀ । ଭାରୀ ଶିଳ୍ପ ଜଗତରେ, କୌଣସି ଇସ୍ପାତ କାରଖାନା ଏକ ଶକ୍ତିଶାଳୀ ୧:୧୦ ଗୁଣକ ପ୍ରଭାବ ବହନ କରେ, ଯାହାର ଅର୍ଥ ହେଉଛି ପ୍ଲାଣ୍ଟରେ କାମ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ର ରେ ଦଶ ଜଣ ବ୍ୟକ୍ତି ପରୋକ୍ଷ ରେ କର୍ମସଂସ୍ଥାନ ପାଇଥାନ୍ତି ।

ଆର ଏସ ପି ସର୍ବଦା ଏହାର ଆଖପାଖ ଅଞ୍ଚଳର ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ, ଏବଂ ଏହି ପ୍ରତିବଦ୍ଧତା ସମୟ ସହିତ ଆହୁରି ଗଭୀର ହୋଇଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଇସ୍ପାତ କାରଖାନା ଦ୍ୱାରା ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ଅଧିନରେ ସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ, ଭିତ୍ତିଭୂମି, କ୍ରୀଡା ଓ ସଂସ୍କୃତି ଇତ୍ୟାଦି କ୍ଷେତ୍ର ରେ ପ୍ରାୟ ୮୦ କୋଟି ଟଙ୍କା ବ୍ୟୟ କରାଯାଇଛି। ଆର ଏସ ପି ଉପରେ ମାତ୍ର ଶିଳ୍ପ ଭାବରେ ନିର୍ଭର କରି, ସ୍ଥାନୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ ଏସ ଏମ ଇ ) ଗୁଡ଼ିକ ମଧ୍ୟ ଏକକାଳୀନ ଉନ୍ନତି କରିଛନ୍ତି। ଏକ ବିଶାଳ ବନୀକରଣ ପଦକ୍ଷେପ ମାଧ୍ୟମରେ, କାରଖାନା ୫୨ ଲକ୍ଷରୁ ଅଧିକ ଗଛ ରୋପଣ ମଧ୍ୟ କରିଛି।

ଭବିଷ୍ୟତକୁ ଦୃଷ୍ଟିରେ ରଖି, ଷ୍ଟିଲ୍ ପ୍ଲାଣ୍ଟ ସମ୍ପ୍ରତି ଏକ ବିରାଟ ଲମ୍ଫ ପାଇଁ ପ୍ରସ୍ତୁତ ଯାହା ଏହି ଅଞ୍ଚଳର ଅର୍ଥନୈତିକ ଦିଗନ୍ତକୁ ପୁଣି ଥରେ ପୁନଃପରିଭାଷିତ କରିବାର ପ୍ରତିଶ୍ରୁତି ରଖେ । ଏହି ଯୋଜନା ଅନୁଯାୟୀ କାରଖାନା ନିଜର ଉତ୍ପାଦନ କ୍ଷମତାକୁ ବିସ୍ତାର ଏବଂ ଦ୍ୱିଗୁଣିତ କରିବ, ଏବଂ ବର୍ତ୍ତମାନର ୪.୬୫ ନିୟୁତ ଟନ୍ ବାର୍ଷିକ ରୁ ୯.୮ ନିୟୁତ ଟନ କୁ ବୃଦ୍ଧି କରିବ । ଏହି ସମ୍ପ୍ରସାରଣ ସ୍ଥାନୀୟ ବାଣିଜ୍ୟ ଓ ବ୍ୟପାର ର ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବ, ଯାହା ସହିତ ସୁନ୍ଦରଗଡ଼ ଅଞ୍ଚଳ ଏବଂ ଓଡ଼ିଶା ରାଜ୍ୟରେ ସମୃଦ୍ଧିର ଏକ ଲହରୀ ଆଣିବ।

ଏହି ଗ୍ରୀନଫିଲ୍ଡ ପ୍ରକଳ୍ପ କାର ?ୟ୍ୟକାରୀ କରିବା ପାଇଁ, ଆର ଏସ ପି ସଂଲଗ୍ନ ୧୨୦୦ ଏକର ନିଜସ୍ୱ ଜମି ବ୍ୟବହାର କରିବ। ଏହି ଜମି ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଅଛି କିନ୍ତୁ ସମୟ ସହିତ ଏହି ସ୍ଥାନରେ ବିଭିନ୍ନ ଜବରଦଖଲ ଦେଖାଦେଇଛି । ଏକ ସମ୍ବେଦନଶୀଳ ଅନୁଷ୍ଠାନ ରୂପେ ଆର ଏସ ପି ବର୍ତ୍ତମାନ ଜମିରେ ରହୁଥିବା ପରିବାରଗୁଡ଼ିକୁ ଏକ ଅନୁକମ୍ପାମୂଳକ କ୍ଷତିପୂରଣ ପ୍ୟାକେଜ୍ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଦେଇଛି, ଯାହା ଦ୍ୱାରା କାରଖାନାର ପ୍ରଗତି ସହିତ ସାମାଜିକ ପ୍ରଗତି ମଧ୍ୟ ସମ୍ଭବ ହେବ। କ୍ଷତିପୂରଣ ପ୍ରସ୍ତାବ ଅନୁଯାୟୀ, ପ୍ରତ୍ୟେକ ପ୍ରଭାବିତ ପରିବାରକୁ ୫,୧୬,୬୨୦/- ଟଙ୍କା ଆର୍ଥିକ ସହାୟତା ମିଳିବ। (ଯଦି ଗୋଟିଏ କୁଡ଼ିଆରେ ଗୋଟିଏ ପରିବାର ଥାଏ, ତେବେ ସେମାନେ ୫,୧୬,୬୨୦/- ଟଙ୍କା ପାଇବେ। ଯଦି ଗୋଟିଏ କୁଡ଼ିଆରେ ୨ଟି ପରିବାର ରହୁଥାଏ, ତେବେ ସେମାନେ ୧୦ ଲକ୍ଷ ଟଙ୍କାରୁ ଅଧିକ ପାଇବେ। ତଦନୁସାରେ, ଗୋଟିଏ କୁଡ଼ିଆରେ ରହୁଥିବା ପ୍ରତ୍ୟେକ ପରିବାରକୁ ୫,୧୬,୬୨୦/- ଟଙ୍କା ମିଳିବ।)

ପ୍ରତ୍ୟେକ କୁଡ଼ିଆ ପାଇଁ ୬୫୦ ବର୍ଗଫୁଟ ର ବିକଶିତ ଏବଂ ପ୍ଲଟ କରାଯାଇଥିବା ଜମି ଦିଆଯିବ। ପ୍ଲଟ କରାଯାଇଥିବା ଜମିରେ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ। ମାନଦଣ୍ଡ ମୂଲ୍ୟ ଅନୁସାରେ, ସେହି ଅଞ୍ଚଳର ଜମି ମୂଲ୍ୟ ବର୍ଗଫୁଟ ପ୍ରତି ୨୭୬୦ ଟଙ୍କା । ତେଣୁ ଗୋଟିଏ କୁଡ଼ିଆ ପାଇଁ ଆବଣ୍ଟିତ ହେବାକୁ ଥିବା ଗୋଟିଏ ପ୍ଲଟର ମୂଲ୍ୟ ପ୍ରାୟ ୧୮ ଲକ୍ଷ ଟଙ୍କା ହେବ।

ଏହା ବ୍ୟତୀତ, ପ୍ରତ୍ୟେକ ପ୍ରଭାବିତ କୁଡ଼ିଆରୁ ଜଣେ ସଦସ୍ୟଙ୍କୁ ସ୍ଥାପନ ପର୍ଯ୍ୟାୟ ଏବଂ ପରବର୍ତ୍ତୀ କାର୍ଯ୍ୟା ସମୟରେ ନୂତନ ପ୍ଲାଣ୍ଟରେ ଆଉଟସୋର୍ସିଂ କାର୍ଯ୍ୟାରେ ସ୍ୱତନ୍ତ୍ର ନିୟୋଜିତ ପାଇଁ ବିବେଚନା କରାଯିବ। ଆର ଏସ ପି ଏପରି ବ୍ୟକ୍ତିମାନଙ୍କର ନିରନ୍ତର ନିୟୋଜନ ନିଶ୍ଚିତ କରିବ। ପ୍ରତ୍ୟେକ ଶ୍ରମିକଙ୍କୁ ସମୟ ସମୟରେ ସଂଶୋଧନ ସହିତ ସର୍ବନିମ୍ନ ମାସିକ ୨୦,୬୫୭/- ଟଙ୍କା ମଜୁରୀ (ବୋନସ୍ ଏବଂ ଛୁଟି ଦରମା ସମେତ) ମିଳିବ। ନିର୍ଭରଶୀଳ ପରିବାର ସଦସ୍ୟମାନଙ୍କୁ ଇ ଏସ ଆଇ ଚିକିତ୍ସା ସୁବିଧା ଅଧୀନରେ ଅନ୍ତର୍ଭୁକ୍ତ କରାଯିବ।

ଏହା ସହିତ, ଏହି ପରିବାରଗୁଡ଼ିକୁ ସେକ୍ଟର-୨୨ ସ୍ଥିତ ଆର ଏସ ପି କ୍ୱାର୍ଟର୍ସରେ ସର୍ବାଧିକ ୬ ମାସ ପାଇଁ କିଛି ସର୍ତ୍ତାବଳୀ ସହିତ ଅସ୍ଥାୟୀ ପରିବହନ ଆଶ୍ରୟସ୍ଥଳ ଯୋଗାଇ ଦିଆଯିବ। ଏହା ଉଲ୍ଲେଖନୀୟ ଯେ ଏହା ଓଡ଼ିଶାରେ ଯେକୌଣସି ଜବରଦଖଲ କ୍ଷେତ୍ରରେ ପ୍ରଦାନ କରାଯାଇଥିବା ସର୍ବୋତ୍ତମ ପ୍ୟାକେଜ ମଧ୍ୟରୁ ଏହି ପ୍ୟାକେଜ ଅନ୍ୟତମ ।

ରାଉରକେଲା ଇସ୍ପାତ କାରଖାନା ଜବରଦଖଲ ମୁକ୍ତ ହେବା ମାତ୍ରେ ଏହି ସମସ୍ତ ସୁବିଧା ଗୁଡିକୁ ପ୍ରଦାନ କରିବା ପାଇଁ ନିଜର ମନୋଭାବରେ ଅଟଳ ରହିଛି।

ପ୍ରଗତି ପଥରେ ଅଗ୍ରସର ଆର ଏସ ପି , ଏକ ସମାଜ ଏବଂ ରାଷ୍ଟ୍ର ନିର୍ମାତା ଭାବରେ ଏହାର ଭୂମିକାରେ ଦୃଢ଼ । ଏହା ଏ ଅଞ୍ଚଳର ଜୀବନରେଖା, ଏବଂ ଏହା ସେହି ଅକ୍ଷୟପାତ୍ର ଯାହା ଏହି ଅଞ୍ଚଳକୁ ଏକ ସମୃଦ୍ଧ, ଶିକ୍ଷାୟିତ ଭବିଷ୍ୟତକୁ ନେଇଯିବ।

# ସୋନପୁର ମହାରାଜା ବୀରମିତ୍ରୋଦୟ ସିଂହ ଦେଓଙ୍କ ୮୯ ତମ ଶ୍ରାଦ୍ଧ ଦିବସ ପାଳିତ

ସୁବର୍ଣ୍ଣପୁର, ୩୦/୦୪ (ନି.ପ୍ର): ଆଧୁନିକ ସୁବର୍ଣ୍ଣପୁର ର ନିର୍ମାତା ସୁବର୍ଣ୍ଣପୁରର ପ୍ରଜାବତ୍ସଳ ଓ ଦୃଷ୍ଟିସମ୍ପନ୍ନ ଶାସକ ମହାରାଜା ବିରମିତ୍ରୋଦୟ ସିଂହଦେଓ ଙ୍କ ୮୯ ତମ ଶ୍ରାଦ୍ଧ ଦିବସ ଆଜି ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ଭିତ୍ତିକ ରାଜ୍ୟ ଓଡ଼ିଶା ଗଠନରେ ସୋନପୁର ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ଅବଦାନ ସ୍ମରଣୀୟ । ସେ ଜଣେ ନୈଷ୍ଠିକ ପୁରୁଷ କ୍ଷ ଗୋ ବ୍ରାହ୍ମଣ ସେବା ରେ ସିଦ୍ଧହସ୍ତ ଥିଲେ ସେ କ୍ଷ ଗର୍ବ ଅହଙ୍କାର ନ ଥିଲା ତାଙ୍କରି । ତାଙ୍କ ଧର୍ମ ଓ ନିରପେକ୍ଷ ଚିନ୍ତାଧାରା ପ୍ରକୃତ ରେ ବିରଳ ଅଟେ । ଶିକ୍ଷା କ୍ଷେତ୍ରରେ ମଧ୍ୟ ତାଙ୍କ ଅବଦାନ ଜିଲ୍ଲା ସହ ଓଡ଼ିଶା ପାଇଁ ପ୍ରଶଂସନୀୟ । ଆଜି, ଅପ୍ରେଲ ୨୯ ତାରିଖରେ ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ବିରମିତ୍ରୋଦୟ ସିଂହଦେଓ ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରି ସାମୁହିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରା ଯାଇଛି । ଏହି ଅବସରରେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ, ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଋଷି ମାଝୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନାଙ୍କ ସହ ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ କଇଁରୁ ସ୍ୱାଇଁ ଓ ପ୍ରକାଶ ଚନ୍ଦ୍ର ସାହୁ, ପୀୟୁଷ ପଣ୍ଡା, ତ୍ରିଲୋଚନ ତରିଆ, ହରିନାରାୟଣ ଶତପଥି, ମହାନଦୀ ସାହିତ୍ୟ ସଂସଦ ସଭାପତି ଡ଼. ସୌରଭ ଖମାରୀ, ସଚେତନ ନାଗରିକ ମଞ୍ଚ ସଭାପତି ସିତାଂଶୁ ଶେଖର ମିଶ୍ର, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ, ଗୋପାଳଜୀ ଯୋଗାଳୟର ଡ଼. ଆର୍ତ୍ତତ୍ରାଣ ବାବୁ ଓ ଡ଼. ସନ୍ତୋଷ ପାଢ଼ୀ , କୃଷକ ସଂଘ ସଭାପତି ବୈକୁଣ୍ଠ ଶତପଥି, ସମାଜ ସେବୀ ମନୋରଞ୍ଜନ ତ୍ରିପାଠୀ, ସାମ୍ବାଦିକ ରାଜକିଶୋର ତ୍ରିପାଠୀ, ବିବେକାନନ୍ଦ ମିଶ୍ର, ମହାଦେବ ମଲ୍ଲିକ, ଭାରତ ବିକାଶ ପରିଷଦ ର ଦୁର୍ଯ୍ୟୋଧନ ସାହୁ, କ୍ଷୀରୋଦ କୁମାର ମେହେର, ଶୁଶାନ୍ତ ସାହୁ, ଗଙ୍ଗା ତରିଆ, ସତ୍ୟ ନାରାୟଣ ସାହୁ, ଦେବରାଜ ପରିଡ଼ା ଓ ଅନ୍ୟାନ୍ୟ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ମହାରାଜାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଜଳିଗଲା ଚଳନ୍ତା କାର: ଅଳ୍ପକେ ବଂଚିଲେ ଯାତ୍ରୀ

କନ୍ଧମାଳ, ୩୦/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଛତିଝାର ନିକଟରେ ଏକ ଚଳନ୍ତା କାର ରେ ନିଆଁ ଲାଗିଥିବା ଫଳରେ କାର ଟି ସମ୍ପୂର୍ଣ୍ଣ ଭାବେ ହୁ ହୁ ହୋଇ ରାସ୍ତା ଉପରେ ଜଳିଯାଇଥିଲା । କାର ଟି ବିଶାଖା ପାଟଣା ରୁ ଅନୁଗୁଳ ଯାଉଥିବା ବେଳେ ସର୍ଟ ସର୍କିଟ ହୋଇ ଗାଡି ରୁ ଧୂଆଁ ବାହାରି ଜଳିଯାଇଥିବ। ଜଣାପଡିଛି । ଖବର ପାଇ ଟିକାବାଲି ପୋଲିସ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ନିଆଁ କୁ ଆୟତ୍ତ କରିଥିଲେ ମଧ୍ଯ କାର୍ ଟି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା । ତେବେ କେହି ମୃତାହତ ହୋଇନଥିବା ଜଣାପଡିଛି ।

# କୋମଳମତି ଅଙ୍ଗନବାଡି ପିଲାଙ୍କୁ ଗ୍ରୀଷ୍ମପ୍ରବାହ ଛୁଟି ନାହିଁ

ଜୟପୁର, ୩୦/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ ବିଚିତ୍ର ନିୟମ ବର୍ତ୍ତମାନ ସମଗ୍ର ରାଜ୍ୟରେ ଯେଉଁ ପ୍ରଚଣ୍ଡ ରୌଦ୍ର ତାପ ପରିଲକ୍ଷିତ ହେଉଛି ସେଥିପାଇଁ ରାଜ୍ୟ ସରକାର ଶିଶୁ ବାଟିକା ଠାରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ସମସ୍ତ ସରକାରୀ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି । ଯାହାକି ସ୍ୱାଗତ ଯୋଗ୍ୟ କାରଣ ଯେଉଁ ଭଳି କୋରାପୁଟ ଜିଲା ସମେତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରୀ ରହିଛି ସୂର୍ଯ୍ୟ ଉଦୟ ହେବା ମାତ୍ରେ ଗୁଲୁ ଗୁଳି ସାଙ୍ଗକୁ ଖରା ତାପରେ ଜନଜୀବନ ଅସହ୍ୟ ହୋଇଉଠୁଛି । ଏଭଳି ସ୍ଥିତିରେ ରାଜ୍ୟ ସରକାର ବିଦ୍ୟାଳୟ ଗୁଡିକ ଛୁଟି ଘୋଷଣା କରିଛନ୍ତି ସମସ୍ତେ ସାଧୁବାଦ ଜଣାଉଛନ୍ତି । ହେଲେ ଏପଟେ ଅଙ୍ଗନବାଡି କେନ୍ଦ୍ର ସକାଳ ୭ଟାରୁ ଖୋଲି ଦିନ ୯ଟାରେ ବନ୍ଦ ପାଇଁ ନିର୍ଦ୍ଦେଶ ଜାରୀ

ହୋଇଛି । ଏବେ ଗ୍ରୀଷ୍ମ ପ୍ରବାହ ଏପରି ହୋଇଛି ଯେ, ସକାଳ ପ୍ରାୟ ୭ଟା ପୂର୍ବରୁ

ଗୁଲୁଗୁଳି ହେବା ସହ ଦିନ ୯ଟା ବେଳେ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ଏପରି ସ୍ଥିତିରେ କୋମଳମତୀ ଅଙ୍ଗନ ବାଡ଼ି ଛାତ୍ରଛାତ୍ରୀମାନେ ସରକାରଙ୍କ ଏହିନିୟମରୁ ବଂଚିତ ହୋଇଛନ୍ତି । କିନ୍ତୁଶିଶୁ ବାଟିକା ପିଲାଙ୍କଠାରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଛାତ୍ର, ଛାତ୍ରୀଙ୍କ ପାଇ ଛୁଟି ଘୋଷଣା କରାଯାଇଥିବା ବେଳେ ଆଙ୍ଗନବାଡୀ କେନ୍ଦ୍ର ର ଛାତ୍ର ଛାତ୍ରୀ ମାନଙ୍କୁ ବଞ୍ଚିତ କରାଯାଇଛି । । ତେଣୁ ସେମାନଙ୍କ ପାଇଁ ଖରା ଛୁଟି ଜରୁରୀ ଏମାନଙ୍କ ପାଇଁ ନାହିଁ । ରାଜ୍ୟ ସରକାରଙ୍କ ଏହି ମହତ ପଣିଆକୁ କିଛି ରାଜନୈତିକ ବିଶେଷାଜ୍ଞ, ବୁଦ୍ଧିଜୀବୀ ଏବଂ ଅଙ୍ଗନୱାଡି ପିଲାଙ୍କ ଅଭିଭାବବ ଓ କଂଗ୍ରେସ ର ବ୍ଲକ ମୁଖିଆ ମାନେ ଘୋର ନିନ୍ଦା କରିଛନ୍ତି । ଯଦି କୌଣସି କାରଣରୁ କୋମଳମତି ପିଲାଟିର କିଛି ବି ହୋଇଯାଏ ତେବେ ନିରାହ ଅଙ୍ଗନ ୱାଡି ଦିଦିଟିଙ୍କୁ ବଳି ପକାଇ ଦେବେ । ଅଙ୍ଗନବାଡି କେନ୍ଦ୍ରରେ ଦିନ ୯ଟା ପର୍ଯ୍ୟନ୍ତଏହି ପିଲାମାନେ ଶିକ୍ଷାଲାଭ କରିବେ ? ଯାହାକି ଅଭିଭାବକ ମାନଙ୍କୁ ଚିନ୍ତାରେ ପକାଇ ଦେଇଛି । ଏବେ କେତେକ ଅଙ୍ଗନବାଡୀ କେନ୍ଦ୍ରର ନିଜସ୍ୱ ଘର ନଥିବା ବେଳେ କେନ୍ଦ୍ର ବିଦ୍ୟାଳୟ ବାରଣ୍ଡା, ମନ୍ଦିର ପରିସର, ଗ୍ରାମର ପରିତ୍ୟକ୍ତ ଚାଳଘର ଓ କର୍ମୀଙ୍କ ବ୍ୟକ୍ତିଗତ ଗୃହ କିମ୍ବା ବାରଣ୍ଡା ଅଥବା ଗଛମୂଳେ ଚାଲୁଥିବା ପରିଲକ୍ଷିତ ହେଉଛି ।

ପ୍ରାୟ ଅଙ୍ଗନ ଅଙ୍ଗନବାଡି କେନ୍ଦ୍ରକୁ ପାନୀୟଜଳ ଯୋଗାଣ ଓ ଆଲୋକିକରଣ ଓ ଶୌଚାଳୟର ବ୍ୟବସ୍ଥା ହୋଇନାହିଁ ।ସରକାର ସିନା ନିଜସ୍ୱ ଗୃହ କେନ୍ଦ୍ରଗୁଡିକୁ ବିଦ୍ୟୁତ ସଂଯୋଗ କରି ଦେଲେ, ପଙ୍ଖା ଯୋଗାଇଲେ ନାହିଁ । ଏଭଳି ସ୍ଥିତିରେ ପ୍ରି-ସ୍କୁଲ ଛାତ୍ରଛାତ୍ରୀ ମାନେ କିଭଳି ଅଙ୍ଗନବାଡି କେନ୍ଦ୍ରରେ ଶିକ୍ଷାଲାଭ କରିବେ ତାହାହିଁ ପରିତାପର ବିଷୟ । କେଉଁଠି ଘର ନାହିଁ ତ, କେଉଁଠି ପାନୀୟ ଜଳର ବ୍ୟବସ୍ଥା ନାହିଁ । ଏପରି

ସ୍ଥିତିରେ ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ କିଭଳି ଖରାଦିନେ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଧକାଶଂ କେନ୍ଦ୍ରର ଦୂରତା ଅଧ କିଲୋମିଟର, ଗୋଟିଏ ଏପରିକି ଦେଢ କିଲୋମିଟର ଦୂରତା ରହିଛି । ଏବଂ ଯେଉଁ କେନ୍ଦ୍ର ଗୁଡିକ ହୋଇଛି ତାହା ଗାଁ ଠାରୁ ବହୁଦୂର ପୋଖରୀ ତୁଠ, ଶ୍ମଶାନ ପାଖ ନଚେତ ଗାଁଶେଷ ରେ ଯେଉଁଠିକି ଗାଡି ବସ ର ଚଳାଚଳ ଅବାଧରେ ଚାଲୁଅଛି ତାହାକୁ ପାରକରୀ ପିଲାମାନେ କେନ୍ଦ୍ରକୁ ଯିବେ । ସରକାରଙ୍କ ବିଚାରରେ ୫ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଗ୍ରୀଷ୍ମ ପ୍ରବାହ ବାଧୁଲା ବେଳେ ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିବା ୩ବର୍ଷରୁ ୫ବର୍ଷ ବୟସର ପ୍ରୀସ୍କୁଲ ଛାତ୍ରଛାତ୍ରୀଙ୍କୁ ଗ୍ରୀଷ୍ମ ତାତି ବାଧୁବନି ବୋଲି ଧରି ନେଇଛନ୍ତି । ଯାହାକୁ ନେଇ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଶିଶୁବିକାଶ ବିଭାଗର ଅଧିକାରୀ ମାନେ ଶିତତାପ ନିୟନ୍ତ୍ରୀତ ଘରେ ବସି ଏପରି ନିଷ୍ପତ୍ତି ନେଇଥିବାରୁ ତାହାକୁ କଂଗ୍ରେସ ଓ ବୁଦ୍ଧିଜୀବୀ ମାନେ ସମାଲୋଚନା କରିଛନ୍ତି । ସରକାର ପୁଷ୍ଟିକର ଖାଦ୍ୟ ସେମାନଙ୍କୁ ଘରେ ଦେବାର ବ୍ୟବସ୍ଥା କରନ୍ତୁ । ସରକାରଙ୍କ ବାସ୍ତବ ଜ୍ଞାନ ନାହିଁ ପାହାଫଳରେ ଏପରି ନିଷ୍ପତ୍ତି ନେଇ ସମାଲୋଚନାର ପାତ୍ର ହେଉଛନ୍ତି ।

# ଦୁଇ ଦିନିଆ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଖୋର୍ଦ୍ଧା, ୩୦/୦୪ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ଗତ କାଲି ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଏବଂ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଥିବା ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ, ବରିଷ୍ଠ ଲେଖା ଅଧିକାରୀ,ଏ ଜି, ଓଡ଼ିଶା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ମନୋରଞ୍ଜନ ପାଣିଗ୍ରାହୀ ,ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଆଞ୍ଚଳିକ ନିର୍ଦ୍ଦେଶକ, ଉଚ୍ଚ ଶିକ୍ଷା ବିଭାଗ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ତାଲିମ ପ୍ରଦାନ କାରୀ ଭାବେ ଯୋଗ ଦେଇ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର କଟି ନଥି ଉପସ୍ଥାପନ କରିବା ତଥା ଟିପ୍ପଣୀ ଲେଖିବା ଧାରା, ଓଡ଼ିଆ ଭାଷା ପ୍ରୟୋଗ କୌଶଳ, ବିଭାଗୀୟ ଚିଠି ଲେଖିବା, ଅନ୍ୟ ବିଭାଗରୁ ଆସୁଥିବା ଚିଠିର ଉତ୍ତର ପ୍ରସ୍ତୁତ କରି ଓଡ଼ିଆ ଭାଷାରେ ପ୍ରେରଣ କରିବା,ବିଭିନ୍ନ ବୈଠକର କାର୍ଯ୍ୟ ବିବରଣୀ ବା ପ୍ରୋସିଡିଂ ଲେଖିବା , ବିଭିନ୍ନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ର ଓଡ଼ିଆ ଭାଷା ଭିତ୍ତିକ ବ୍ୟବହାର ଓ ଲେଖିବା ପ୍ରଣାଳୀ ର ଯାବତୀୟ ଲେଖିବା ଓଡ଼ିଆ ଭାଷା ବ୍ୟବହାର କାର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର ଅଧିକାରୀ, ବରିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ରାଜସ୍ୱ ସହାୟକ, ଉପବିଭାଗୀୟ ଅଧିକାରୀ, ବରିଷ୍ଠ କିରାଣୀ ସମେତ ଦପ୍ତରି କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଏହି ଦୁଇ ଦିନ ଯାକ ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଙ୍କ ପରିଚାଳନା ରେ ସଫଳ ଭାବେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରଶିକ୍ଷଣ ଶିବିର ଦ୍ୱାରା ଜିଲ୍ଲାର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ମୋଟ ୨୬୮ ଜଣ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ ନେଇଥିଲେ।

# ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାରରୁ ବିସ୍ଫୋରଣ: ଜଳିଗଲା ଦୋକାନ

ସମ୍ବଲପୁର, ୩୦/୦୪ (ନି.ପ୍ର): ବିଦ୍ୟୁତ୍ ଦେୟ ଆଦାୟ କରିବାରେ ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର ନେଇ ଟାଟା ପାୱାର ସଂସ୍ଥା ବିରୋଧରେ ଦୀର୍ଘ ଦିନ ଧରି ଗରିବ ଗୁରୁବାଙ୍କ ଠାରୁ ସାଧାରଣ ଉପଭୋକ୍ତା ଅଭିଯୋଗ କରି ଆସୁଛନ୍ତି । ବିଦ୍ୟୁତ୍ ଯୋଗାଣ ସହ ରକ୍ଷଣାବେକ୍ଷଣାକୁ ସଂସ୍ଥା ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ଏକ ବ୍ୟୟବହୁଳ ସଫେଇ ଦେଉଥିବା ବେଳେ ଆଜି ପ୍ରତ୍ୟୁଷରେ ବୁଢ଼ାରଜା ଅଂଚଳରେ ଘଟିଥିବା ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟଣା ସମ୍ପ୍ରତି ବିଦ୍ୟୁତ୍ ବିଭାଗକୁ ସମ୍ପୂର୍ଣ୍ଣ ଉଲଗ୍ନ କରିଦେଇଛି । ସମ୍ବଲପୁର ସହରର ବିଭିନ୍ନ ଅଂଚଳରେ ଥିବା ଉଚ୍ଚଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର ଓ ଘରୋଇ ସଂଯୋଗ ଗୁଡିକ ଅତି ବିପଦସଙ୍କୁଳ ଅବସ୍ଥାରେ ରହିଛି । ରକ୍ଷଣାବେକ୍ଷଣ ଦିଗରେ ବିଭାଗ କେବେବି କୌଣସି ପଦକ୍ଷେପ ନନେବା ଯୋଗୁଁ ପୁରୁଣା ତାର ଓ ଉଚ୍ଚ ଶକ୍ତି ବିଦ୍ୟୁତ୍ ଯୋଗାଣର ପରିଣତିରେ ବିସ୍ଫୋରଣ ଘଟି ସମ୍ବଲପୁର ବୁଢ଼ାରାଜା ଅଂଚଳର ଏକ ଚଷମା ଦୋକାନ ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଛି । ତିନି ମହଲା ବିଶିଷ୍ଟ ଏହି କୋଠା ସମ୍ମୁଖରେ ଥିବା ଟ୍ରାନ୍ସଫର୍ମରରୁ ୧୧କେଭି ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ସ୍ପାର୍କ ହୋଇ ଶେଷରେ ଏହି ଭୟାବହ ଅଗ୍ନିକାଣ୍ଡର କାରଣ ପାଲଟିଛି। ଦୀର୍ଘ ଅଢେଇ ଘଂଟାର କସରତ ପରେ ତିନୋଟି ଅଗ୍ନିଶମ ଗାଡ଼ି ଏହି ନିଆଁକୁ ଆୟତ କରିଥିଲେ ମଧ୍ୟ ସେତେବେଳକୁ ଚଷମା ଦୋକାନଟି ସମ୍ପୂର୍ଣ୍ଣ ପାଉଁଶ ହୋଇ ସାରିଥିଲା । ବୁଢାରଜା ଭଳି ଚଳଚଂଚଳ ଅଂଚଳରେ ବିଦ୍ୟୁତ୍ ସଟସର୍କିଟରୁ ଅଗ୍ନିକାଣ୍ଡ ଘଟିବା ଓ ଏହାକୁ ଅଗ୍ନିଶମ ବିଭାଗ ନିୟନ୍ତ୍ରଣ କରିବାକୁ ଅଣନିଶ୍ୱାସୀ ହୋଇପଡିଥିବା ବେଳେ ସହରର ଅନେକ ଗୁରୁତ୍ୱପୂର୍ଣ୍ଣ ଅଂଚଳରେ ବୁଢିଆଣୀ ଜାଲ ସଦୃଶ୍ୟ ଘରୋଇ ସଂଯୋଗ ଓ ମୁକୁଳା ଟ୍ରାନ୍ସଫର୍ମର କେତେବେଳେ କେଉଁ ରୂପ ନେଇ ବିସ୍ଫୋରଣ ହେବ ଓ ଜନଜୀବନ ହାନୀ କରାଇବ ତାହା ଏକ ପ୍ରକାରର ଆତଙ୍କ ସୃଷ୍ଟି କରାଇଛି ।

# ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ ଓ ଜୋରିମାନା

କନ୍ଧମାଳ , ୩୦/୦୪ (ନି.ପ୍ର): ବିବାହ ପ୍ରଲୋଭନ ଦେଖାଇ ନାବାଳିକା ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ କୁ ୨୦ ବର୍ଷ ଜେଲ ବୁଧବାର ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରକ୍ଷ ଜଜ୍ ତଥା ଏଫ୍ ଟି ଏସ ସି ବିଚାର ପତି କୈଳାସ ଚନ୍ଦ୍ର ସ୍ୱାଇଁ ଦାରିଂବାଡ଼ି ଥାନା ଅଂଚଳ ର ନାବାଳିକା କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଅଭିଯୁକ୍ତ ଜହନ ମଙ୍ଗଳିକୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ୧ବର୍ଷ ଅଧିକ ଜେଲ ଦଣ୍ଡ ଶୁଣାଇଛନ୍ତି କୋର୍ଟ । ସୂଚନା ଯୋଗ୍ୟ ଯେ, ଅଭିଯୁକ୍ତ ଜହଁନ ଦାରିଂବାଡ଼ି ଅଂଚଳ ର ଜଣେ ନାବାଳିକକୁ ବିବାହ ପ୍ରତିଶ୍ରୁତି ଦେଇ ନିଜ ଗ୍ରାମକୁ ନେଇ ବାରମ୍ବାର ଦୁଷ୍କର୍ମ କରି ଥିବା ନେଇ ନାବାଳିକା ଜଣକ ଘରକୁ ଫୋନ୍ ରେ କହିବା ପରେ ପରିବାର ଲୋକେ ଏ ନେଇ ଦାରିଂବାଡ଼ି ଥାନାରେ ଏତଲା ଦେଇଥିଲେ । ଦାରିଂବାଡ଼ି ପୋଲିସ ଏହି ସଂକ୍ରାନ୍ତରେ ପୋଲିସ୍ ଏକ ମାମଲା ଗତ ୨୦୨୫ ମସିହା ମେ ମାସ ୧୫ ତାରିଖରେ ୯୨/୨୫ ରୁଜୁ କରି ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଡାକ୍ତର ସମେତ ୧୪ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ମାନ୍ୟବର ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଏଥି ସହିତ ପୀଡ଼ିତଙ୍କ କୁ ୫ ଲକ୍ଷ ଟଙ୍କାର କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

# ସେଲ୍, ଆରଏସପି ମାର୍କେଟିଂ ବିଭାଗ ଦ୍ୱାରା ବିଗତ ଆର୍ଥିକ ବର୍ଷରେ ୩,୩୨୫ କୋଟି ଟଙ୍କାର ରେକର୍ଡ ରାଜସ୍ୱ ସଂଗ୍ରହ




ରାଉରକେଲା, ୩୦/୦୪ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ ମାର୍କେଟିଂ ବିଭାଗ ରଣନୈତିକ ବିକ୍ରୟ ଏବଂ ଅଭୁତପୂର୍ବ କାର୍ଯ୍ୟ ଦକ୍ଷତା ମାଧ୍ୟମରେ ରାଜସ୍ୱ ସଂଗ୍ରହର ପୂର୍ବ ସମସ୍ତ ରେକର୍ଡକୁ ଅତିକ୍ରମ କରି ସର୍ବାଧିକ ପ୍ରାୟ ୩,୩୨୫ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରି ନୂତନ ଇତିହାସ ରଚିଛି। ଏହି ଉଲ୍ଲେଖନୀୟ ସଫଳତା ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ପ୍ରମୁଖ ସାମଗ୍ରୀଗୁଡ଼ିକରେ ଦୃଢ଼ ଅଭିବୃଦ୍ଧିକୁ ପ୍ରତିଫଳିତ କରେ, ଯେଉଁଥିରେ ସର୍ବାଗ୍ରେ ରହିଛି ଲୌହ ଏବଂ ଇସ୍ପାତ ବିପଣନ ର ୪୬୬ କୋଟି ଟଙ୍କା, ଯାହା ଗତ ବର୍ଷ ତୁଳନାରେ ପ୍ରାୟ ୩୯% ଅଧିକ । ସେହିପରି କୋଇଲା ରାସାୟନିକ ସାମଗ୍ରୀ ରୁ ସଂଗୃହୀତ ହୋଇଥିବା ୩୮୬ କୋଟି ଟଙ୍କା ଗତବର୍ଷ ତୁଳନାରେ ୮% ଅଧିକ । କାରଖାନାର ବର୍ଜ୍ୟ ପଦାର୍ଥ ରୁ ପ୍ରାୟ ୭% ଅଭିବୃଦ୍ଧି ସହ ଆଲୋଚ୍ୟ ସମୟରେ ଆମଦାନୀ ୨୯୮ କୋଟି ଟଙ୍କା ଥିବା ବେଳେ କାରଖାନାର ଏକ ମୁଖ୍ୟ ଉତ୍ପାଦ ସ୍ୱତନ୍ତ୍ର ପ୍ଲେଟ ପ୍ଲାଣ୍ଟ , ପ୍ଲେଟ ରୁ ପ୍ରାୟ ୩% ସ୍ଥିର ଅଭିବୃଦ୍ଧି ସହ ଆମଦାନୀ ୩୦୧ କୋଟି ଟଙ୍କା ଥିଲା । ସୂଚନା ଯୋଗ୍ୟ ଯେ, ମାର୍କେଟିଂ ବିଭାଗ ସମ୍ପୂର୍ଣ୍ଣ କାଗଜବିହୀନ କାର୍ଯ୍ୟ ଦିଗରେ ଅଗ୍ରସର ହୋଇ ଖଣି ମାର୍କେଟିଂ କାର୍ଯ୍ୟଗୁଡ଼ିକୁ ଏସଏପି ସିଷ୍ଟମ ମଧ୍ୟକୁ ଆଣି, ସମ୍ପୂର୍ଣ୍ଣ ବିଭାଗୀୟ କାର୍ଯ୍ୟକାରିତାକୁ ଡିଜିଟାଲାଇ ଜେସନ୍ କରିପାରିଛି ଯାହା ଦକ୍ଷତା ବୃଦ୍ଧି ଓ କାର୍ଯ୍ୟକୁ ସୁଗମ କରିବା ଦିଗରେ ଏକ ସଫଳ ପଦକ୍ଷେପ । ମାର୍କେଟିଂ ବିଭାଗ ଗତ ବର୍ଷ ବିଓଏଫ ସ୍ଲାଗ୍ ବିକ୍ରୟରୁ ମଧ୍ୟ ୫୧ କୋଟି ଟଙ୍କାର ରେକର୍ଡ ରାଜସ୍ୱ ହାସଲ କରିଛି। ସେହିପରି ଇସ୍ପାତ ଉତ୍ପାଦନ ଜନିତ ବର୍ଜ୍ୟ ରୁ ମଧ୍ୟ ସର୍ବାଧିକ ଆୟ ହାସଲ ହୋଇଛି , ଆଲୋଚ୍ୟ ସମୟରେ ଏଲଡ଼ି ସ୍ଲଜ୍ ର ବିକ୍ରୟ ମୂଲ୍ୟ ୨୩୫% ବୃଦ୍ଧି ପାଇ ଟନ୍ ପିଛା ୩୩୫ ଟଙ୍କାରୁ ୧୧୨୨ ଟଙ୍କାରେ ପହଞ୍ଚିଛି।

ରେଳ ର ସୀମିତ ରେକ୍ ଉପଲବ୍ଧ ପରିପ୍ରେକ୍ଷିରେ ବ୍ଲାଷ୍ଟ ଫର୍ଣ୍ଣେସ୍ ଗ୍ରାନୁଲେଟେଡ୍ ସ୍ଲାଗ୍ ଚାଲାଣ ସଂକଟକୁ, ବିଭାଗ ମାତ୍ର ଦୁଇ ରୁ ତିନି ମାସ ମଧ୍ୟରେ ପ୍ରତିହତ କରି ବ୍ଲାଷ୍ଟ ଫର୍ଣ୍ଣେସ୍ ଗ୍ରାନୁଲେଟେଡ୍ ସ୍ଲାଗ୍ ଚାଲାଣ କୁ ସୁଗମ କରିବା ସହ ନିଜର ତୀକ୍ଷଣ ସଙ୍କଟ ପରିଚାଳନା ଏବଂ ବଜାର ପାରଦର୍ଶିତା ପ୍ରଦର୍ଶନ କରିଥିଲା। ଏହି ସଫଳତା ସମୂହ କେବଳ ସେଲ୍ ର ଲାଭାର୍ଜନ କୁ ସୁଦୃଢ଼ କରିନାହିଁ ବରଂ ସ୍ଥାୟୀ ଏବଂ ପ୍ରଭାବଶାଳୀ ଇସ୍ପାତ ମାର୍କେଟିଂରେ ରାଉରକେଲା ଇସ୍ପାତ କାରଖାନାକୁ ଏକ ଅଗ୍ରଣୀ ନେତୃତ୍ୱ ପ୍ରଦାନ କରିଛି।

## ପୌରପାଳିକା ପକ୍ଷରୁ ଉଠା ଫାଷ୍ଟଫୁଡ ଦୋକାନ ଯାଞ୍ଚ

ଜୟପୁର, ୩୦/୦୪ (ନି.ପ୍ର): ଜୟପୁର ପୌରପାଳିକା ଖାଦ୍ୟବିଭାଗ ପକ୍ଷରୁ ଆଜି ସନ୍ଧ୍ୟାରେ ପ୍ରସାଦରାଓ ପେଟା ଅଞ୍ଚଳର ଫାଷ୍ଟଫୁଡ ଦୋକାନ ଗୁଡିକୁ ଚଢାଉ କରାଯାଇଛି। ଇନ୍ଦିରା ଛକ ଠାରୁ ପ୍ରସାଦରାଓ ପେଟା ରାସ୍ତା କଡରେ ଥିବା ଦୋକାନ ମାନଙ୍କ ଉପରେ ଚଢାଉ କରି ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିବା ସହ ସଫେଇ ଉପରେ ଧ୍ୟାନ ଦେଇଥିଲେ।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ମେ ୯ରେ ଅନୁଷ୍ଠିତ ହେବ

ବଲାଙ୍ଗିର, ୩୦/୦୪ (ନି.ପ୍ର): ଆସନ୍ତା ମେ ମାସ ୦୯ ତାରିଖ ଶନିବାର ଦିନ ବଲାଙ୍ଗିର, ପାଟଣାଗଡ, ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଳା, ମୁରିବାହାଲ, ବଙ୍ଗୋମୁଣ୍ଡା ଏବଂ ତୁଷୁରା ଅଦାଲତ ପରିସରରେ ଓ ଜିଲ୍ଲାର ସମସ୍ତ ରାଜସ୍ୱ ବିଭାଗ ତଥା ରାଷ୍ଟ୍ରାୟତ ବ୍ୟାଙ୍କ, ଜିଲ୍ଲା ଶ୍ରମ ବିଭାଗ, ବିଏସଏନଏଲ ମ୍ୟୁନିସିପଲିଟି, ପିଏଚଡି, ଖାଉଟି ଫୋରମ୍ ଇତ୍ୟାଦି ବିଭାଗ ମାନଙ୍କର ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଏହାସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ତଥା ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଆଦାଲତରେ ହୋଇପାରିବ । ଲୋକ ଅଦାଲତରେ ମକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ କରିବାକୁ ପଡେ ନାହିଁ । ଦୀର୍ଘଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ । ଏ ସଂକ୍ରାନ୍ତରେ ବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ଓ ତାଲୁକ ଆଇନ ସେବା କମିଟି ପାଟଣାଗଡ଼, ଟିଟିଲାଗଡ଼, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଳା, ମୁରିବାହାଲ, ବଙ୍ଗୋମୁଣ୍ଡା, ତୁଷୁରା ଏବଂ ଅନ୍ୟ ଉପରୋକ୍ତ ବିଭାଗ ମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଉଅଛି । ଏଥିସହିତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ଜାତୀୟ ମଧ୍ୟସ୍ଥତା ଅଭିଯାନ-୨ ଚାଲୁଅଛି । ଏହି ମାଧ୍ୟମରେ ନିଜ ମାମଲାର ଫଇସଲା କରି ବହୁମୂଲ୍ୟ ସମୟ, ଶ୍ରମ ଓ ଅର୍ଥ ସଂଚୟ କରନ୍ତୁ । ଅଧିକ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ସହ ଯୋଗାଯୋଗ କରନ୍ତୁ ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ସିଂହଙ୍କ ସମ୍ବର୍ଦ୍ଧନା ସଭା




ବାସୁଦେବପୁର, ୩୦/୪ (ନି.ପ୍ର): ମୂଳକାୟଦା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ସିଂହଙ୍କ କାର୍ଯ୍ୟକାଳ ଶେଷ ହୋଇ ଥିବାରୁ ତାଙ୍କ ପାଇଁ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲା ସୋର ବ୍ଲକର ଅନନ୍ତ ପୁର ନିକଟସ୍ଥ ମୂଳକାୟଦା ଉଚ୍ଚ ବିଦ୍ୟାଳୟରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ସିଂହ ୮.୩.୧୯୯୧ ମସିହାରେ ଯୋଗ ଦେଇଥିଲେ ଏବଂ ୩୦.୪.୨୦୨୬ ରେ ଅବସର ଗ୍ରହଣ କଲେ । ଏହି ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ପୀତାମ୍ବର ପଣ୍ଡା ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କ୍ଷୀର କୋଣା ଗୋପପ୍ରାଣ ମହାବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସିଂହ । ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଅବସର ପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ବେହେରା । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗଣେଶ ସାହୁ, ସୂର୍ଯ୍ୟକାନ୍ତ ନାୟକ, ରାଧାକାନ୍ତ ପାଣିଗ୍ରାହୀ, ମୋହନ ଚରଣ ଦାସ, ଅକ୍ଷୟ ପଣ୍ଡା, ଗୋପବନ୍ଧୁ ବେଜ, ସୋର ମଣ୍ଡଳ ସମ୍ପାଦକ ଓଷ୍ଟା ବଳରାମ ସ, ପୂର୍ବତନ ସି ଆର ସି ସି କମଳାକାନ୍ତ ଶଙ୍ଖୁଆ, ପ୍ରତାପ ଚନ୍ଦ୍ର ଦାସ, ସୁରେନ୍ଦ୍ର କବି, ହରିହର ତ୍ରିପାଠୀ, ଭାଗୀରଥି ବିଶ୍ୱାଳ । ଏହି ଅବସରରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ସିଂହ ଙ୍କୁ ମାନପତ୍ର ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ସିଂହ ନିଜର ଦୀର୍ଘ ବର୍ଷର ଶିକ୍ଷକ ଜୀବନର ସ୍ମୃତି ବର୍ଣ୍ଣନା କରିଥିଲେ । ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଏହି ଉତ୍ସବରେ ସୁବ୍ରତ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଅକ୍ଷୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ରମେଶ ଚନ୍ଦ୍ର ପଣ୍ଡା, ରଘୁନାଥ ବେହେରା, ଅନିଲ ପାଣିଗ୍ରାହୀ, ଦୀନକୃଷ୍ଣ ସାହୁ, ମୌସୁମୀ ପୁହାଣ, ସଞ୍ଜୟ ବେହେରା, ସଞ୍ଜୀବ କୁମାର ମଲ୍ଲିକ, ଜଗନ୍ନାଥ ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ୪୦ବର୍ଷର ଶିକ୍ଷକତା ଜୀବନର ଅବ୍ୟାହତି: ଅବସର ନେଲେ ଯଜ୍ଞେଶ୍ୱର ସାର



ନୀଳଗିରି , ୩୦/୪ (ନି.ପ୍ର): ଦୀର୍ଘ ୪୦ବର୍ଷର ଶିକ୍ଷକତା ଜୀବନ ଅତିବାହିତ କରି ଛାତ୍ରଛାତ୍ରୀ, ଅଭିଭାବକ, ସହକର୍ମୀଙ୍କ ପ୍ରୀୟଭାଜନ ହୋଇ ସ୍ନେହ,ଶ୍ରଦ୍ଧା ସାଉଁଟିଥିବା ନରଣପୁର ଉଚ୍ଚବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ଯଜ୍ଞେଶ୍ୱର ବେହେରା ଅପ୍ରେଲ ୩୦ତାରିଖ କର୍ମମୟ ଜୀବନରୁ ଅବସର ନେଇଛନ୍ତି । ୧୯୮୬ମସିହା ସେପ୍ଟେମ୍ବର ୧ତାରିଖ ଉକ୍ତ ବିଦ୍ୟାଳୟରେ ଜଣେ ଗଣିତଶିକ୍ଷକ ଭାବେ ମାତ୍ର୨୧ବର୍ଷ ବୟସରେ ଯୋଗଦାନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସହିତ ସମବୟସ୍କ ଥିବାରୁ ଅତିସହଜରେ ଆତ୍ମୀୟତା ପାଇପାରିବା ଫଳରେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ । ଅବସର ସମୟର ୨ବର୍ଷ ପୂର୍ବରୁ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱନେବା ପରେ ବିଦ୍ୟାଳୟର ଅଧିକାଂଶ ଉନ୍ନତିମୂଳକ କାର୍ଯ୍ୟକରିବାରେ ସଫଳ ହୋଇଥିଲେ ।ଦୀର୍ଘ ୪ଦଶନ୍ଧିର ଶିକ୍ଷକତା ପରେ ୩୦ତାରିଖ ଗୁରୁବାର ଅବସର ନେଇଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ, ଆଲୁମିନି କମିଟି, ପରିଚାଳନା କମିଟି, ସ୍ୱୟଂସହାୟିକା ଗୋଷ୍ଠୀ, ଉପଦେଷ୍ଟା କମିଟି ତରଫରୁ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଥିଲା । ପରିଚାଳନା କମିଟିର ସଦସ୍ୟ ଅଶ୍ୱିନୀ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କମିଟିର ପୂର୍ବତନ ସଦସ୍ୟ ଅଜୟ କୁମାର ପରିଡ଼ା, ଅତିଥିଶିକ୍ଷକ ନରେନ୍ଦ୍ରନାଥ ବାରିକ, ଅକ୍ଷୟ କୁମାର ବେହେରା, ଶିକ୍ଷୟତ୍ରୀ ପ୍ରତିଭାରାଣୀ ଦାସ, ପ୍ରଫୁଲ୍ଲ କୁମାର ସାହୁ, କରୁଣାକର ଭୂୟାଁ, ଯୋଗେନ୍ଦ୍ର ରାଉତ, ଉପଦେଷ୍ଟା କମିଟିର ବିଭୂତି ଭୂଷଣ ବେହେରା, ରତିକାନ୍ତ ପରିଡା, ଜଟିନ୍ଦ୍ର ବେହେରା, ଆଲୁମିନି କମିଟି ସଦସ୍ୟ ପ୍ରଦୀପ ଭୂୟାଁ, ଅକ୍ଷୟ କୁମାର ଦାସ, ପ୍ରଶାନ୍ତ କୁମାର ସାହୁ, ଶ୍ରୀକାନ୍ତ ମଣ୍ଡଳ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀଙ୍କସମେତ ବହୁ ଅଭିଭାବକ, ଅଭିଭାବିକା, ବୁଦ୍ଧିଜୀବୀ ଉପସ୍ଥିତରହି ପ୍ରାକ୍ତନ ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ଯଜ୍ଞେଶ୍ୱର ବେହେରାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ଶ୍ରୀଯୁକ୍ତ ବେହେରା ଜଣେ ଛାତ୍ରବତ୍ସଳ, ସମୟାନୁବର୍ତ୍ତୀ, ଅମାୟିକ, ନିଷ୍କଳଙ୍କ ଶିକ୍ଷକ ଭାବରେ ଅଞ୍ଚଳରେ ବେଶ୍ ସୁନାମଅର୍ଜନ କରିଥିବାରୁ ତାଙ୍କ ଅବସରକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଗ୍ରାମବାସୀ ତଥା ଛାତ୍ରଛାତ୍ରୀ । ଶେଷରେ ଏକ ଭାବପୂର୍ଣ୍ଣ ପରିବେଶରେ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଦାୟ ଦେଇଥିଲେ । ତେବେ କର୍ମମୟ ଜୀବନରୁ ଅବସର ନେଇଥିଲେ ହେଁ ସେ ଆଗାମୀ ଦିନମାନଙ୍କରେ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କର ଯଥାସାଧ୍ୟ ସହଯୋଗ ଜାରିରହିବ ବୋଲି କହିଥିଲେ ।

# କନକଲତା ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ବସ୍ତା, ୩୦/୪ (ନି.ପ୍ର): ସଦରବ୍ଲକ ମହକୁମା ମାଣ୍ଡରକୁଲା ଗ୍ରାମର ଧର୍ମପରାୟଣା ସ୍ୱର୍ଗତା କନକ ଲତା ମହାପାତ୍ର ଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ଏହି ଅବସରରେ ବସ୍ତା ଥାନା ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର ମାଣ୍ଡରକୁଲା ସ୍ଥିତ ତାଙ୍କର ବାସଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ସଦର ବିଧାୟକ ମାନସକୁମାରଦତ୍ତ. ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ,ଜଳେଶ୍ୱର ବିଧାୟକ ଅଶ୍ୱିନି କୁମାର ପାତ୍ର, ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ, ପୂର୍ବତନ ସଦର ବିଧାୟକ ସରୁପ କୁମାର ଦାସ, ପୂର୍ବତନ ଜଳେଶ୍ୱର ବିଧାୟକ ଦେବୀପ୍ରସନ୍ନ ଚନ୍ଦ.ବସ୍ତା ପ୍ରେସକ୍ଲବ ସଭାପତି ବିଜୟ କୁମାର ଭୂୟାଁ ସହିତ ବିଭିନ୍ନ ଅଞ୍ଚଳରୁ ଗୁଣି, ଜ୍ଞାନୀ ଓ ବୁଦ୍ଧିଜୀବି ଏବଂ ସମସ୍ତ ପରିବାର ବର୍ଗ, ବନ୍ଧୁ ବାନ୍ଧବ ପ୍ରମୁଖ ଯୋଗଦେଇ ପ୍ରଥମେ ସ୍ୱର୍ଗତା ଶ୍ରୀମତୀ କନକଲତା ମହାପାତ୍ରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସେ ଜଣେ ପରୋପକାରୀ, ଅତିଥି ପରାୟଣତା, ଧର୍ମପରାୟଣା, ସରଳ ନିଷ୍କପଟ, ସ୍ନେହି ଶ୍ରଦ୍ଧାର ମୂର୍ତିମନ୍ତ ପ୍ରତିକ ଥିଲେ ବୋଲି ପ୍ରକାଶ କହିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସ୍ୱାମୀ ରବିନ୍ଦ୍ର ମହାନ୍ତି, ପୁତ୍ର ଦିଲ୍ଲୀପ ରିଙ୍କୁ ଓ ପୁତ୍ରବଧୂ, ପରିବାର ବର୍ଗ, ବନ୍ଧୁବାନ୍ଧବ ପ୍ରମୁଖ ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା କରିଥିଲେ ।ଶେଷରେ ବଡପୁତ୍ରଦିଲ୍ଲୀପ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମ୍ବାଦିକଙ୍କ ହକ୍ ପାଇଁ ଲଢ଼େଇ ହେଲା ଜୋରଦାର: ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର




ବାରିପଦା, ୩୦/୪ (ନି.ପ୍ର): ସାମ୍ବାଦିକମାନଙ୍କ ମୌଳିକ ସମସ୍ୟା ଓ ସୁରକ୍ଷାକୁ ନେଇ ଆଜି ସାରା ରାଜ୍ୟରେ ଆନ୍ଦୋଳନର ସ୍ୱର ଶାଣିତ ହୋଇଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାରେ ମଧ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି । ରାଜ୍ୟର ସର୍ବପୁରାତନ ସାମ୍ବାଦିକ ୟୁନିୟନ "ଉତ୍କଳ ସାମ୍ବାଦିକ ସଂଘ" ମୟୂରଭଞ୍ଜ ଶାଖା ପକ୍ଷରୁ ଜିଲ୍ଲା ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱ ରେ ବୁଧୁବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ଶୋଭା ସହ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସାମ୍ବାଦିକମାନେ ସମାଜର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତା ଏବେ ବି ପ୍ରଶ୍ନ ଘେରରେ । ଏହି ପରିପ୍ରେକ୍ଷୀରେ ଉତ୍କଳ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ୬ ଦଫା ଦାବି ଉପସ୍ଥାପନା କରାଯାଇଥିଲା । ଦାବି ଗୁଡିକ ହେଲା ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ଯୋଗ୍ୟ ସାମ୍ବାଦିକମାନଙ୍କୁ ବ୍ୟାପକ ଭାବେ ମାନ୍ୟତା ପ୍ରଦାନ । କ୍ରମାଗତ ଭାବେ ସାମ୍ବାଦିକମାନଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ । ୬୦ ବର୍ଷରୁ ଅଧିକ ବୟସ୍କ ସାମ୍ବାଦିକମାନଙ୍କ ପାଇଁ ମାସିକ ଅନ୍ୟୁନ ପନ୍ଦର ହଜାର ଟଙ୍କାର ପେନସନ ବ୍ୟବସ୍ଥା । ଓଡ଼ିଶା ପ୍ରେସ୍ ଏକାଡ଼େମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣି ସୁବିଧା । ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ମାତା-ପିତା ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ ସହିତ ଅନୁକମ୍ପା ମୂଳକ ରାଶି ୧୦ ଲକ୍ଷକୁ ବୃଦ୍ଧି କରିବା । ସାମ୍ବାଦିକମାନେ ନିଜ ଜୀବନକୁ ପାଣି ଛଡ଼ାଇ ଖବର ସଂଗ୍ରହ କରୁଛନ୍ତି, କିନ୍ତୁ ସରକାର ସେମାନଙ୍କ ସୁରକ୍ଷା ଓ ଭବିଷ୍ୟତ ପ୍ରତି ଉଦାସୀନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବୋଲି ପ୍ରକାଶ କରିଛନ୍ତି ମୟୂରଭଞ୍ଜ ର ବରିଷ୍ଠ ସାମ୍ବାଦିକ ଗଣ । ଏହି ପ୍ରତିବାଦ ସଭାରେ ଜିଲ୍ଲାର ଶତାଧିକ ସାମ୍ବାଦିକ ସାମିଲ ହୋଇ ନିଜର ଏକତା ପ୍ରଦର୍ଶନ କରିଛନ୍ତି । ଯଦି ଆଗାମୀ ଦିନରେ ଏହି ନ୍ୟାର୍ଯ୍ୟ ଦାବିଗୁଡ଼ିକ ପୂରଣ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୋଣ ଅନୁକୋଣରୁ ଶତାଧିକ ସାମ୍ବାଦିକ ସାମିଲ ହୋଇଥିଲେ ।

# ହୃଦ୍‌ଘାତରେ ବ୍ୟବସାୟୀଙ୍କ ମୃତ୍ୟୁ: ଶେଷଦର୍ଶନ କଲେ ବହୁ ବିଶିଷ୍ଟ ବ୍ୟକ୍ତି



ନୀଳଗିରି , ୩୦/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଗରଡିହି ପଞ୍ଚାୟତ କଳାକାଦ ଗ୍ରାମର ଜୈନିକ ବ୍ୟବସାୟୀଙ୍କ ହୃଦଘାତରେ ମୃତ୍ୟୁବରଣ କରିଥିବାରୁ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି । ମୃତ ବ୍ୟବସାୟୀ ଜଣକ ହେଲେ କଳାକାଦ ଗ୍ରାମର ବାନାମ୍ବର ସ (୫୬) କ୍ଷ ବୁଧବାର ସନ୍ଧ୍ୟାପ୍ରାୟ ୮.୩୦ସମୟରେ ବାନାମ୍ବର ସ ନିଜ ଘରେ ଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସଙ୍ଗେସଙ୍ଗେ ପରିବାର ଲୋକେ ନୀଳଗିରି ଉପଖଣ୍ଡ ହସ୍ପିଟାଲକୁ ଆଣିଥିଲେ । ମାତ୍ର ମେଡିକାଲରେ ପହଞ୍ଚିବାପରେ ଡାକ୍ତର ମୃତଘୋଷଣା କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅ, ଦୁଇଝିଅ ଉପସ୍ଥିତ ଥିଲେ । ସେ ଜଣେ ଅମାୟିକ, ପରୋପକାରୀ ଲୋକଥିବାରୁ ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା । ତାଙ୍କ ମରଶରୀରକୁ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପୁଅ ମୁଖାଗ୍ନି ଦେଇଥିଲେ । ଏନେଇ ଗୁରୁବାର ସକାଳେ କଳାକାଦ ମା' ଜୟଦୁର୍ଗା ବଣିକସଂଘ ପକ୍ଷରୁ ଦୁଇ ଘଣ୍ଟିଆ ଦୋକାନ ବନ୍ଦକରି ଶୋକ ପାଳିଥିଲେ । ଏହି ଶୋକସଭାରେ ବଣିକ ସଂଘର ସଭାପତି ଗୋପବନ୍ଧୁ ବିଶ୍ୱାଳ, ସମ୍ପାଦକ ଚୈତନ୍ୟ ନାୟକ, ମନୋରଞ୍ଜନ ସାହୁ ତ୍ରିଲୋଚନ ବେହେରା, ସଞ୍ଜୟ ଜେନା, ମଳୟ ବେହେରା, ରତ୍ନାକର ମହାନ୍ତି, ସୁଶାନ୍ତ ବେହେରା, ନୀର ବାରିକ, ବାବୁ ବାରିକ, ରମେଶ ନାୟକଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ରହି ଅମରଆତ୍ମାର ସଦଗତି କାମନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓଏଏସ୍ ସ୍ତରରେ...

ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଏବଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସମ୍ପୃକ୍ତ ଓଏଏସ୍ ଅଧିକାରୀମାନଙ୍କୁ ୭ ଦିନ ମଧ୍ୟରେ କାର୍ଯ୍ୟମୁକ୍ତ କରାଯାଉ, ଯାହାଦ୍ୱାରା ସେମାନେ ନିଜର ନୂତନ ନିଯୁକ୍ତି ସ୍ଥାନରେ ଯୋଗ ଦେଇପାରିବେ । ତେବେ ଏହି ତାଲିକାରେ ଥିବା ଯେଉଁ ଅଧିକାରୀମାନେ ବର୍ତ୍ତମାନ ଜନଗଣନା କାର୍ଯ୍ୟରେ (ମାଷ୍ଟର ଟ୍ରେନର କିମ୍ବା ଫିଲ୍ଡ ଟ୍ରେନର ଭାବେ) ନିୟୋଜିତ ଅଛନ୍ତି, ସେମାନଙ୍କୁ ମେ ୧୫ ତାରିଖ ପରେ ହିଁ କାର୍ଯ୍ୟମୁକ୍ତ କରାଯିବ । ନୂତନ ଭାବେ ନିଯୁକ୍ତ ହୋଇଥିବା ତହସିଲଦାରମାନଙ୍କ ପାଇଁ ଜନଗଣନା କାର୍ଯ୍ୟ ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ ।

## ବିଧାନସଭାରେ ...

ମାଟିତଳୁ କଙ୍କାଳ ବାହାରିବା ଘଟଣା ଉଲ୍ଲେଖ କରି ନିଶାନା କରିଥିଲେ । ନବୀନ କହିଥିଲେ, ଆମ ସମୟରେ ଆମେ ମହିଳାମାନଙ୍କୁ ସଶକ୍ତ କରିଛୁ । ଏବେ ବିଜେପି ସରକାର ମହିଳା ବିଲ୍ ଆଳରେ ସୀମା ପୁନଃ ନିର୍ଦ୍ଧାରଣକୁ ଯୋଡି ଓଡ଼ିଶାର ରାଜନୈତିକ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରୁଛନ୍ତି । ବିଜେପି କୁମ୍ଭୀର କାନ୍ଦଣା କାନ୍ଦୁଛି । ସେପଟେ କଂଗ୍ରେସ ଗୃହ ଆରମ୍ଭରୁ କଙ୍କାଳ ପ୍ରସଙ୍ଗ ଉଠାଇ ହଟଗୋଳ କରିଥିଲା । ପରେ ଆଲୋଚନାରେ ଭାଗ ନେଇ ବିଜେପିକୁ ଚ୍ୟାଲେଞ୍ଜ ଦେଇ କହିଥିଲା, ଦମ୍ ଅଛି ଯଦି ରାଜ୍ୟରେ ମହିଳା ମୁଖ୍ୟମନ୍ତ୍ରୀ କରନ୍ତୁ । ବିଜେପି କହିଛି, ଛଳନା କରିଛନ୍ତି ବିରୋଧୀ । ଦୋମୁହାଁ ନୀତି ଦେଖାଉଛନ୍ତି । ୨୦୨୩ରେ ପାସ୍ କରିଥିବା ବିଲକୁ ୨୦୨୬ରେ ବିରୋଧ କରୁଛନ୍ତି । ରାଜ୍ୟରେ ମୋହନ ସରକାର ଆସିବା ପରେ ଏହା ଥିଲା ପ୍ରଥମ ସ୍ୱତନ୍ତ୍ର ଅଧିବେଶନ । ବିରୋଧୀ ଏହି ଅଧିବେଶନକୁ ଆଲୋଚନାଚକ୍ର କହି କଡା ସମାଲୋଚନା କରିଥିବା ବେଳେ କଡ଼ା ଜବାବ ଦେଇଛି ଶାସକ ଦଳ । ସେପଟେ ବିଧାନସଭାରେ ସରଗରମ ଆଲୋଚନା ବେଳେ ନିଲମ୍ବିତ ବିଜେଡ଼ି ଓ କଂଗ୍ରେସ ବିଧାୟକମାନେ କିନ୍ତୁ ବିଲ୍ ସପକ୍ଷରେ ମତ ରଖିଛନ୍ତି । ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମହିଳା ସଂରକ୍ଷଣ ବିଲ୍ ପାରିତ ହେବାର ଆବଶ୍ୟକତା ଥିବା କହି ସରକାରୀ ଦଳ ସହିତ ସ୍ୱର ମିଳାଇଛନ୍ତି । ଓଡ଼ିଶା ବିଧାନସଭାରେ ବର୍ତ୍ତମାନ ମହିଳାଙ୍କ ଭାଗିଦାରୀ ମାତ୍ର ୭.୪୮% । ବର୍ତ୍ତମାନ ବିଜେଡି ଓ ବିଜେପିର ୫ ଜଣ ଲେଖାଏଁ ମହିଳା ବିଧାୟିକା ଅଛନ୍ତି । ଇତିହାସ ପୃଷ୍ଠା ଓଲଟାଇଲେ ଓଡ଼ିଶା ବିଧାନସଭାକୁ ସର୍ବାଧିକ ଥର ନିର୍ବାଚିତ ହୋଇଛନ୍ତି ମହିଳା । ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରୁ ଭି.ସୁଜ୍ଞାନ ଦେଓ ଲଗାତାର ୧୦ ଥର ନିର୍ବାଚିତ ହୋଇ ରେକର୍ଡ ସୃଷ୍ଟି କରିଥିବା ବେଳେ ବର୍ତ୍ତମାନର ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଜିତିଛନ୍ତି ୭ ଥର । ରାଜ୍ୟର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ଏବେ ବାଚସ୍ପତି ମଧ ଜଣେ ମହିଳା । ତେବେ ଏତେ ସତ୍ତ୍ୱେ କାହିଁକି ରାଜନୀତିରେ କମୁଛି ମହିଳାଙ୍କ ଭାଗିଦାରୀ ? କେଉଁଠି ରହୁଛି ଅସୁବିଧା ?

## ହର୍ମୁଜ୍‌ରେ ଅଟକିବନି ...

ଶାନ୍ତି ହାସଲ କରିବାରେ କିଛି ସୀମା ରହିଛି, ଯେପରିକି ଏନ୍‌ପିଟି ଅନୁଯାୟୀ ଶାନ୍ତିପୂର୍ଣ୍ଣ ପରମାଣୁ ଶକ୍ତିର ଅଧିକାର ଏବଂ ଅନ୍ୟାୟ ପ୍ରତିବନ୍ଧକର ଅନ୍ତ । ଇରାନ ଏହି ପ୍ରସଙ୍ଗଗୁଡ଼ିକରେ କୌଣସି ପ୍ରକାରର ସାଲିସ୍ କରିବ ନାହିଁ । ମହମ୍ମଦ ଫଥାଲି ମଧ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି ଯେ, ଇରାନ ଧ୍ୱଂସ ହେବାକୁ ଯାଉଛି । ସେ କହିଛନ୍ତି ଯେ ଟ୍ରମ୍ପଙ୍କ ଦାବି ଏବଂ ଭୂମିଗତ ବାସ୍ତବତା ମେଳ ଖାଉନାହିଁ । ଫଥାଲି କହିଛନ୍ତି ଯେ ଇରାନ ବର୍ଷ ବର୍ଷ ଧରି ଏହି ଯୁଦ୍ଧ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲା, ଯାହାର ଫଳ ମିଳିଛି । ସେ ଏହା ମଧ ନିଶ୍ଚିତ କରିଛନ୍ତି ଯେ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖେମିନି ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ତାଙ୍କ ବିଷୟରେ ପ୍ରସାରିତ ଗୁଜବ କେବଳ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଜାଣିଶୁଣି ପ୍ରସାରିତ ଗୁଜବ । ଆମେରିକାକୁ ଇରାନର ସାମ୍ପ୍ରତିକ ନୂତନ ପ୍ରସ୍ତାବ, ଯେଉଁଥିରେ ପରମାଣୁ ଆଲୋଚନା ସ୍ଥଗିତ ରଖିବାକୁ କୁହାଯାଇଛି, ସମ୍ପର୍କରେ କହିଛନ୍ତି ଯେ ଏହି ପ୍ରସ୍ତାବ ସମ୍ପର୍କରେ କୌଣସି ସରକାରୀ ବିବରଣୀ ପ୍ରକାଶ କରାଯାଇ ନାହିଁ, ଗଣମାଧ୍ୟମରେ ଯାହା ଦେଖାଯାଉଛି ତାହା କେବଳ ଅନୁମାନ ଉପରେ ଆଧାରିତ । ଆମେ ବିଶ୍ୱାସ କରୁ ଯେ ଯୁଦ୍ଧ ଶେଷ ହେବା ପରେ ଏବଂ ସ୍ଥାୟୀ ଶାନ୍ତି ହେବା ପରେ ହିଁ ଅନ୍ୟ ସମସ୍ୟାର ସମାଧାନ ସମ୍ଭବ । ସେ କହିଛନ୍ତି ଯେ ଇରାନ ପୁଣି ଥରେ ଯୁଦ୍ଧ, ଅସ୍ତ୍ରବିରତି ଏବଂ ସଂଘର୍ଷର ଚକ୍ରରେ ଫସିବାକୁ ଚାହୁଁନାହିଁ । ଆମେ ଶାନ୍ତି ପାଇଁ ଏବଂ ଆବଶ୍ୟକ ହେଲେ ସଂଘର୍ଷ ପାଇଁ ପ୍ରସ୍ତୁତ । ସ୍ଥାୟୀ ଶାନ୍ତି ପାଇଁ ଯେକୌଣସି ପଦକ୍ଷେପକୁ ଆମେ ସ୍ୱାଗତ କରିବୁ । ପରମାଣୁ ଚୁକ୍ତି ପାଇଁ ଇରାନର ଅଣ-ଆଲୋଚନାଯୋଗ୍ୟ ସର୍ତ୍ତାବଳୀ ବିଷୟରେ କହିବାକୁ ଗଲେ, ଫଥାଲି କହିଛନ୍ତି ଯେ ଏହା ଇରାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଇରାନବାସୀଙ୍କର ଶାନ୍ତିପୂର୍ଣ୍ଣ ପରମାଣୁ ଶକ୍ତିର ଅଧିକାର ଅଛି । ସେ କହିଛନ୍ତି, ଆମେ ପରମାଣୁ ଅସ୍ତ୍ରପ୍ରସାର ଅସ୍ତ୍ର (ଏନ୍‌ପିଟି) ସଂଗଠନର ସଦସ୍ୟ ଏବଂ ଅନ୍ତର୍ଜାତୀୟ ନିୟମ ଅନୁଯାୟୀ କାର୍ଯ୍ୟ କରୁଛୁ । ଆମର ପ୍ରାଥମିକ ସର୍ତ୍ତ ହେଉଛି ଇରାନ ଉପରେ ଲାଗୁ ହୋଇଥିବା ସମସ୍ତ ଅନ୍ୟାୟ ପ୍ରତିବନ୍ଧକକୁ ପ୍ରତ୍ୟାହାର କରିବା । ଦଶନ୍ଧି ଧରି, ଏହି ପ୍ରତିବନ୍ଧକଗୁଡ଼ିକ ଆମର ଅର୍ଥନୀତି, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏବଂ ନାଗରିକ ଜୀବନକୁ ଗୁରୁତର ଭାବରେ ପ୍ରଭାବିତ କରିଛି । ଉଦାହରଣ ସ୍ୱରୂପ ଜମା ହୋଇଥିବା ସମ୍ପତ୍ତି, ଔଷଧ ଅଭାବ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତିବନ୍ଧକ ଅନ୍ତର୍ଭୁକ୍ତ ।ଯେତେବେଳେ ପଚରାଗଲା ଯେ ତେହେରାନ ହର୍ମୁଜ୍ ପ୍ରଣାଳୀ ଦେଇ ଭାରତୀୟ ଜାହାଜ ପାଇଁ ସୁରକ୍ଷିତ ପଥ ଗ୍ୟାରେଣ୍ଟି ଦେବ କି, ଫଥାଲି ଉତ୍ତର ଦେଇଥିଲେ,ତେହେରାନ ଅନ୍ତର୍ଜାତୀୟ ନିୟମ ଅନୁଯାୟୀ ସାମୁଦ୍ରିକ ସୁରକ୍ଷା ସୁନିଶ୍ଚିତ କରେ । ଆମ ବିରୋଧରେ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନରେ ଲିପ୍ତ ନଥିବା ଦେଶଗୁଡ଼ିକର ଜାହାଜଗୁଡ଼ିକୁ ସୁରକ୍ଷିତ ପଥ ପ୍ରଦାନ କରାଯାଇଥାଏ । ଭାରତ ଭଳି ବନ୍ଧୁତ୍ୱପୂର୍ଣ୍ଣ ଦେଶଗୁଡ଼ିକର ଜାହାଜ ପାଇଁ କୌଣସି ପ୍ରତିବନ୍ଧକ ନାହିଁ । ଏପର୍ଯ୍ୟନ୍ତ ଅନେକ ଭାରତୀୟ ଜାହାଜ ସୁରକ୍ଷିତ ଭାବରେ ପାର ହୋଇସାରିଛି, ଏବଂ ଏହା ଜାରି ରହିବ । ଇରାନରେ ଭାରତର ଚାବାହାର ବନ୍ଦର ପ୍ରକଳ୍ପ ବିଷୟରେ ମହମ୍ମଦ ଫଥାଲି କହିଛନ୍ତି, ଆନ୍ତର୍ଜାତୀୟ କଟକଣା ଚାବାହାର ପ୍ରକଳ୍ପକୁ ପ୍ରଭାବିତ କରିବା ଉଚିତ୍ ନୁହେଁ । ଏହା ଏକ ରଣନୈତିକ ପ୍ରକଳ୍ପ ଯାହା ଭାରତ, ଆଫଗାନିସ୍ତାନ ଏବଂ ମଧ ଏସିଆ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବ । ଚାବାହାର-ଜାହେଦାନ ରେଳପଥ ପ୍ରାୟ ୯୦% ସମ୍ପୂର୍ଣ୍ଣ ହୋଇଛି, ଏବଂ ବନ୍ଦରକୁ ଖୁବ୍ ଶୀଘ୍ର ଜାତୀୟ ରେଳ ନେଟୱାର୍କ ସହିତ ସଂଯୋଗ କରାଯିବ । ସେ କହିଛନ୍ତି ଯେ ଆଗାମୀ ମାସଗୁଡ଼ିକରେ ହସ୍ପିଟାଲ ଏବଂ ହୋଟେଲ ଭଳି ଭିତ୍ତିଭୂମିର ବିକାଶ ଏହାକୁ ଏକ ପ୍ରମୁଖ ଆର୍ଥିକ ଏବଂ ସାମାଜିକ କେନ୍ଦ୍ର କରିବ ।

# ନେପୁରା ତ୍ରିପୁରେଶ୍ୱର ମହାଦେବ ଓ ନବଗ୍ରହଙ୍କ ନୂତନ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ଲଙ୍ଗଳେଶ୍ୱର, ୩୦/୪ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତର ନେପୁରା ଗ୍ରାମର ଶ୍ରୀ ଶ୍ରୀ ତ୍ରିପୁରେଶ୍ୱର ମହାଦେବ ଓ ନବଗ୍ରହଙ୍କର ନୂତନ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି । ଚାରି ଦିନ ଧରି ଅନୁଷ୍ଠିତ ଉତ୍ସବର ପ୍ରଥମ ଦିବସରେ ସୋମବାର କଳସାଧିବାସ, ଅଙ୍କୁରାରୋପଣ, ମଣ୍ଡଳାଧିବାସ,ମଣ୍ଡପାଧିବାସ, ଧ୍ୟାନା ଧିବାଦ, ଦୀକ୍ଷା ଗ୍ରହଣ ଓ ମୁଣ୍ଡନ ଚାନ୍ଦ୍ରାୟଣ କର୍ମ,ମଙ୍ଗଳବାର ମହାପ୍ରଭୁଙ୍କର ଅଗ୍ନି ସ୍ଥାପନ, (ପାର୍ବତ୍ୟାଗୀ)ସୂର୍ଯ୍ୟ ପୂଜା, ଗୁରୁ ପୂଜା, ବେଦ ପାଠ, ଗୋବିନ୍ଦ ପୂଜା, ସ୍ନାନ, ମହାସ୍ନାନ, ଶୟନ, (ଗୁପ୍ତ ସେବା )ଏବଂ ତହିଁ ପରଦିନ ବୁଧବାର ମହାପ୍ରଭୁଙ୍କର ପ୍ରାଣ ପ୍ରତିଷ୍ଠା, ନଗର ପରିକ୍ରମା, ପ୍ରାସାଦ ପ୍ରତିଷ୍ଠା, ତ୍ରିଶୂଳ ସ୍ଥାପନ, ଧ୍ୱଜା ସ୍ଥାପନ, ପିଣ୍ଡିକା ସ୍ଥାପନ, ଭୋଗଶିଳା ସ୍ଥାପନ, ଆଳତୀ, ପୁଷ୍ପାଞ୍ଜଳି, ରୁଦ୍ରାଭିଷେକ ଏବଂ ପ୍ରସାଦ ସେବନ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ବଂଶୀଧର ଦେ ପ୍ରମୁଖଙ୍କ ସମେତ ତ୍ରିପୁରେଶ୍ୱର ଶିବ ମନ୍ଦିର ପୂଜା କମିଟିର ସମସ୍ତ ସଦସ୍ୟ ସଦସ୍ୟା ତଥା ନେପୁରା ଗ୍ରାମବାସୀ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ ।

# ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଜନଆକ୍ରୋଶ ସମାବେଶ



ବେତନଟୀ ୨୯/୪(ନି.ପ୍ର): ବେତନଟୀ ବ୍ଲକ ସ୍ତରୀୟ ଜନଆକ୍ରୋଶ ମହିଳା ସମାବେଶ ଆଜି ଅନୁଷ୍ଠିତ ହୋଇଯାଇଛି । ସଂସଦରେ ମହିଳାଙ୍କ ଆରକ୍ଷଣ ବିଲ ପାରିତ ହୋଇ ପାରିନଥିବାରୁ ନାରୀଶକ୍ତି ଉଗ୍ର ହୋଇପଡ଼ିଥିଲେ । ଆଜି ବେତନଟୀ ଧର୍ମଶାଳା ନିକଟରୁ ବିଶାଳ ଶୋଭାଯାତ୍ରା ବାହାରି ବେତନଟୀ ବଜାର ପରିକ୍ରମା କରାଯାଇଥିଲା । ମୁଖ୍ୟଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ା, ବୈଶିଙ୍ଗା ମଣ୍ଡଳ ସଭାପତି ରାଜୀବ ନନ୍ଦୀ, ରଘୁପୁର ମଣ୍ଡଳ ସଭାପତି ଶାନ୍ତନୁ କୁମାର ପଣ୍ଡା, ଜିଲ୍ଲା ସଭାନେତ୍ରୀ ଅମ୍ବିକା ବାରିକ, ବେତନଟୀ ମହିଳା ମୋର୍ଚ୍ଚା ସଭାପତି ମିନା ମହାନ୍ତି, ରଘୁପୁର ମହିଳା ମୋର୍ଚ୍ଚା ସଭାପତି ଜୟନ୍ତୀ ଖଟୁଆ, ବୈଶିଙ୍ଗା ମହିଳା ମୋର୍ଚ୍ଚା ସଭାପତି ସବିତା ଦେହୁରୀ, ଆଗ୍ରୀଆ ସରପଞ୍ଚ ମିନତି ସିଂ, ପରିନ୍ଦା ସମିତି ସଭ୍ୟ ମିନତୀ ଦାସ, ବେତନଟୀ ବ୍ଲକ ଅଧକ୍ଷା କୈସଲ୍ୟ ମାଝୀ, ସୂର୍ଯ୍ୟମଣୀ ପ୍ରଧାନ, ସବିତା ମହାନ୍ତ , ସୁନନ୍ଦା ନାୟକ, ସୁଜାତା ମାଝୀ, ନିରୁପମା ମହାନ୍ତି ଓ ବିଭିନ୍ନ ସଂଗଠନ ର ମହିଳା ମାନେ ପ୍ରମୁଖ ଯୋଗ ଦେଇଥିଲେ । ବିଧାୟକ ମହିଳାମାନଙ୍କର ଆରକ୍ଷଣ ବିଲ ସଂପର୍କରେ ସୁଚିନ୍ତିତ ବକ୍ତବ୍ୟ ଦେବା ସହିତ ବିରୋଧୀ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ, ରାହୁଲ ଗାନ୍ଧୀ, ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି ତଥା ଅନ୍ୟାନ ମହିଳା ବିରୋଧୀ ଦଳ ଉପରେ ବର୍ଷିଥିଲେ । ମହିଳାମାନେ ଆରକ୍ଷଣ ବିଲ ୩୩ ପ୍ରତିଶତ ପାଇବା ହକଦାର । ଯାହା ବିରୋଧୀ ଦଳମାନେ ଚକ୍ରାନ୍ତ କରିଛନ୍ତି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବେତନଟୀ ବ୍ଲକରୁ ବହୁ ସଂଖ୍ୟାରେ ମହିଳା ମାନେ ଯୋଗ ଦେଇଥିଲେ ।

ଶୁକ୍ରବାର, ମଇ ୦୧, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପ୍ରଧାନ ଶିକ୍ଷକ ବ୍ରଜମୋହନ ପରିଡ଼ାଙ୍କ ବିଦାୟକାଳୀନ ସଭା

ଜଳେଶ୍ୱର, ୩୦/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ପଞ୍ଚାୟତ ସ୍ଥିତ କେଶପୁରା ଗ୍ରାମରେ ଥିବା ଝଗଡ଼େଶ୍ୱର ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜମୋହନ ପରିଡ଼ାଙ୍କ ଭାବ ବିହ୍ୱଳ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ପୂର୍ବତନ ଏବିଇଓ ସର୍ବେଶ୍ୱର ପାଢ଼ୀଙ୍କ ସଭାପତିତ୍ୱରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୯୯୩ ମସିହାରେ ପ୍ରତିଷ୍ଠିତ ଝଗଡ଼େଶ୍ୱର ମଧ ଇଂରାଜୀ ବିଦ୍ୟାଳୟରେ ଦୀର୍ଘ ୩୫ ବର୍ଷ ଧରି ପ୍ରଧାନ ଶିକ୍ଷକ ଭାବେ ବ୍ରଜମୋହନ ପରିଡ଼ା ଶିକ୍ଷକତା ଜୀବନରେ ଜଣେ ଶୃଙ୍ଖଳିତ ଓ ସମସ୍ତଙ୍କୁ ଭଲ ପାଉଥିବା ଶିକ୍ଷକ ଭାବେ ପରିଚିତ ବୋଲି ବକ୍ତବ୍ୟରେ କହିଥିଲେ।ସେ ଜଣେ ଏକନିଷ୍ଠ ଅନୁଷ୍ଠାନ ପ୍ରେମୀ ପ୍ରଧାନ ଶିକ୍ଷକ ଭାବରେ ବିଦ୍ୟାଳୟର ଉନ୍ନତି ନିମନ୍ତେ ସର୍ବଦା ଚେଷ୍ଟିତ ଏବଂ ଜଣେ ଛାତ୍ରବତ୍ସଳ, ପରୋପକାରୀ, ରୁଚି ସମ୍ପନ୍ନ ଆଦର୍ଶ ପ୍ରଧାନ ଶିକ୍ଷକ ଥାଇ ଯେତିକି ଗୌରାବାବହ ସେତିକି ପୀଡ଼ା ଦାୟକ ବୋଲି କହିଥିଲେ।ପୂର୍ବତନ ଓଷ୍ଟା ରାଜ୍ୟ ଉପ ସଭାପତି ଖଗେନ୍ଦ୍ର ନାଥ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷା ଦାନରେ ଅବସର ନ ଥାଏ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ।ପାଇକସିଦା ସରପଞ୍ଚ ସରସ୍ୱତୀ ସେଠୀ, ପାଇକସିଦା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରମେଶ ଚନ୍ଦ୍ର ଜେନା, କେଶପୁରା ଉ:ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜାମିନୀ କାନ୍ତ ମହାନ୍ତି, ବରିଷ୍ଠ ସମାଜସେବୀ ପୁରୁଷୋତ୍ତମ ସେଠୀ, ବିଦ୍ୟାଳୟ ପ୍ରତିଷ୍ଠାତା ବିଜୟ କୁମାର ଘୋଷ, ସ୍କୁଲର ସଭାପତି ଧନଞ୍ଜୟ ଦାସ, ବ୍ଲକ ଓଷ୍ଟା ସମ୍ପାଦକ କୁମୁଦ ରଞ୍ଜନ ଜେନା, ସାମ୍ବାଦିକ ମନୋଜ କୁମାର ଭୂୟାଁ, ଭୂପତି କୁମାର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ ଶମ୍ଭୁନାଥ ଦାସ ମଞ୍ଚ ଆହ୍ୱାନ, ଅତିଥି ପରିଚୟ ପ୍ରଦାନ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ପୁରାତନ ଛାତ୍ର ରାଧାଗୋବିନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଭିଜିଲାନ୍ସ ଦ୍ୱାରା ଦୋଷୀ ସାବ୍ୟସ୍ତ ହେଲେ ନୀଳଗିରିର ପୂର୍ବତନ ଉଦ୍ୟାନକୃଷି ଅଧିକାରୀ

ନୀଳଗିରି , ୩୦/୪ (ନି.ପ୍ର): ଜାତୀୟ ଉଦ୍ୟାନକୃଷି ମିଶନ ଜରିଆରେ ନୂତନ କଦଳୀବଗିଚା ପାଇଁ ସରକାରୀ ଅର୍ଥର ଅପବ୍ୟବହାର ନେଇ ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିଲେ ନୀଳଗିରି ତତ୍କାଳୀନ ଅବସରପ୍ରାପ୍ତ ଉଦ୍ୟାନ କୃଷିବିଭାଗ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ର।ଏହି ମାମଲାର ଆଜି ବିଚାରକରି ଭିଜିଲାନ୍ସ ବିଭାଗର ମାନ୍ୟବର ବିଚାରପତି ତାଙ୍କୁ ୩ବର୍ଷ ଜେଲଦଣ୍ଡ ଓ ୫୦ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ନୀଳଗିରିର ଉଦ୍ୟାନ କୃଷି ଅଧିକାରୀ ଗତ ୧୯୮୮ ମସିହାରେ କଦଳୀବଗିଚା ପ୍ରସ୍ତୁତିପାଇଁ ଜାତୀୟ ଉଦ୍ୟାନ କୃଷିମିଶନ (ଏଏଚ ଏମ) ଯୋଜନା ଅଧୀନରେ ଆବଣ୍ଟିତ ସରକାରୀ ଅର୍ଥର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ୧୩(୨),୧୩ (୧), (ସି) ଧାରାରେ ୪୦୯ ନମ୍ବର ମାମଲା ରୁଜୁ ହୋଇଥିଲା। ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ବିଚାରପତି ବିଭିନ୍ନ ପ୍ରମାଣ ଆଧାରରେ ଅବସରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ମିଶ୍ରଙ୍କୁ ଦୋଷୀସାବ୍ୟସ୍ତ କରି ୩ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଓ ୫୦ହଜାର ଟଙ୍କା ଜୋରିମାନା ଦେବାକୁ ଦଣ୍ଡିତ କରିଛନ୍ତି।ଏପରିକି ତାଙ୍କ ପେନସନ ବନ୍ଦକରିବା ପାଇଁ ଓଡ଼ିଶା ଭିଜିଲାନ୍ସ ଏବେ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ ବୋଲି ଜଣାପଡିଛି।

## ଫକୀରମୋହନଙ୍କ ପୁଣ୍ୟ ଜନ୍ମପୀଠ ଶାନ୍ତିକାନନ ପ୍ରମୋଦ ଉଦ୍ୟାନରେ ପରିଣତ ନହୋଇ ତାହା ଦର୍ଶନୀୟ ପୀଠରେ ପରିଣତ କରାଯାଉ



ବାଲେଶ୍ୱର , ୩୦/୪ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟର ସାର୍ଥକ ସେନାପତି ପୁଣ୍ୟାତ୍ମା ବ୍ୟାସକବି ଫକୀରମୋହନଙ୍କ ପୁଣ୍ୟ ଜନ୍ମପୀଠ ମଲ୍ଲିକାଶପୁର ଶାନ୍ତିକାନନ ଏବେ ବିଭିନ୍ନ ଦୃଷ୍ଟିରୁ ଅବହେଳିତ ହେବା ସହ ଏହା କ୍ରମଶଃ ପ୍ରମୋଦ ଉଦ୍ୟାନରେ ପରିଣତ ହେବାକୁ ବସିଛି। ଏହି ପବିତ୍ର ପୀଠ ସମଗ୍ର ଓଡ଼ିଶାବାସୀ ଓ କୋଟିକୋଟି ଓଡ଼ିଆଙ୍କ ପାଇଁ ଏକ ତୀର୍ଥସ୍ଥଳ ଓ ଦର୍ଶନୀୟପୀଠ। ଓଡ଼ିଶାର ଯେକୌଣସି ବରପୁତ୍ରଙ୍କ ଜନ୍ମପୀଠରେ ଯେଭଳି ବିକାଶ ଓ ସୁରକ୍ଷା ହୋଇଛି ସେହି ତୁଳନାରେ ଏଠାରେ କିନ୍ତୁ ଅନେକ ବ୍ୟତିକ୍ରମ ଦେଖାଦେଇଛି । ନିକଟରେ ପୌରପାଳିକା ଏଠାରେ ଏକ ବିକଳାଙ୍ଗ ଭତ୍ତା ବଣ୍ଟନ ଓ ଭତ୍ତା ପ୍ରଦାନ ନିମନ୍ତେ ଦରଖାସ୍ତ ଗ୍ରହଣର କାର୍ଯ୍ୟାଳୟଟିଏ ମଧ୍ୟ ଖୋଲିଛନ୍ତି । ଏହାର ପଶ୍ଚିମ ପାର୍ଶ୍ୱରେ ପାଚେରି ନଥିଲା ବେଳେ ୨ଟି ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ହୋଇଛି । ପ୍ରାୟ ୭୦ଡେସିମିଲ୍ ଜାଗାର ବିକାଶ କରାଯାଇପାରିଲେ ଏହାର ସୌନ୍ଦର୍ଯ୍ୟ ଅନେକ ପରିମାଣରେ ବୃଦ୍ଧି ପାଇବ। ପୁନଶ୍ଚ ଓଡ଼ିଶା ସରକାର ରାଜ୍ୟର ବରପୁତ୍ରମାନଙ୍କ ଜନ୍ମପୀଠ ଗ୍ରାମକୁ ଐତିହ୍ୟ ଗ୍ରାମ ରୂପେ ଘୋଷଣା କରିଥିଲାବେଳେ ତହିଁରେ ବାଲେଶ୍ୱର ଜିଲ୍ଲାର ଏକମାତ୍ର ବରପୁତ୍ର ଫକୀର ମୋହନଙ୍କ ଜନ୍ମପୀଠ ମଲ୍ଲିକାଶପୁରକୁ ଐତିହ୍ୟ ଗ୍ରାମରେ ଅନ୍ତର୍ଭୁକ୍ତ କରିଛନ୍ତି । ମାତ୍ର ପରିତାପର ବିଷୟ, ରାଜ୍ୟସରକାରଙ୍କ ପ୍ରସ୍ତାବିତ ଅତ୍ୟାଧୁନିକ ପାଠଗାର, ମ୍ୟୁଜିୟମ, ରାଇଟର୍ସ କଟେଜ୍ ଇତ୍ୟାଦି ଏହି ସ୍ଥାନରେ ହେବାର ଥିଲେ ବି ତାହା କେଉଁ ପରିସ୍ଥିତିରେ ପ୍ରଶାସନ ରାଜାବଗିଚାକୁ ସ୍ଥାନାନ୍ତରିତ କରୁଛନ୍ତି ? ଏଡିଏମ୍ ଛକ ନିକଟ ଏକ ପରିତ୍ୟକ୍ତ ପ୍ରଶାସନିକ ଆବାସସ୍ଥଳ ପରିସରରେ ଜିଲ୍ଲା ପ୍ରଶାସନ ଏହାକୁ କରିବାକୁ ଯାଉଛନ୍ତି । ପୁଣି ସେହି ସ୍ଥାନରେ ଫୁଡ଼କୋର୍ଟ ରହିବାର ବ୍ୟବସ୍ଥା ହେଉଛି । ଏଡ଼ି.ଏମ୍. ଛକ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ଯିବାର ମୁଖ୍ୟ ରାସ୍ତା ସହ ରେଳଷ୍ଟେସନରୁ ମୋତିଗଞ୍ଜ ବଜାରକୁ ଯିବାର ପ୍ରମୁଖ ରାସ୍ତା। ଏହା ସବୁବେଳେ ଗାଡ଼ିଘୋଡ଼ାର ଯାତାୟତରେ ବ୍ୟସ୍ତ ବହୁଳ ଥାଏ। ଏଠାରେ ଏଭଳି ଏକ ପ୍ରତିଷ୍ଠାନ ନିର୍ମାଣ ହେଲେ ଆହୁରି ଟ୍ରାଫିକ ସମସ୍ୟା ଉପୁଜିବା ସ୍ୱାଭାବିକ। ଯେକୌଣସି ନୂତନ ପ୍ରକଳ୍ପ ଯେଉଁଠାରେ କରାଯାଏ ସେଠାକାର ଜନସାଧାରଣଙ୍କର ମତାମତ ଆହ୍ୱାନ କରାଯାଇଥାଏ। ମାତ୍ର ବାଲେଶ୍ୱରରେ ପ୍ରଶାସନ ତାହା କରିନାହାନ୍ତି । ଏହିଭଳି ସ୍ଥିତିରେ ଆମ୍ଭର ପୌରପାଳିକାକୁ ତଥା ଜିଲ୍ଲା ପ୍ରଶାସନ ଓ ରାଜ୍ୟସରକାରଙ୍କୁ ବିନମ୍ର ନିବେଦନ ସେମାନେ ପ୍ରସ୍ତାବିତ ପ୍ରକଳ୍ପକୁ ଫକୀରମୋହନଙ୍କର ପୁଣ୍ୟ ଜନ୍ମସ୍ଥଳରେ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ ଯେଭଳି ନିର୍ମାଣ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବାସହ ଅବିଳମ୍ବେ ଫକୀରମୋହନଙ୍କ ପୈତୃକ ସ୍ଥାନରେ ଥିବା ପୌରପାଳିକା ଦ୍ୱାରା ପରିଚାଳିତ ଅଙ୍ଗନବାଡ଼ି କେନ୍ଦ୍ର ଓ ଭତ୍ତା ବଣ୍ଟନ ଭଳି କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇ ଏହାର ସୁଷମାକୁ ଅଧିକ ଶ୍ରୀମଣ୍ଡିତ କରିବା ଦିଗରେ ପଦକ୍ଷେପ ନିଅନ୍ତୁ ଏବଂ ଏହାକୁ ଏକ ପାର୍କରେ ପରିଣତ କରାନଯାଇ ଯେଭଳି ଗୋପବନ୍ଧୁ, ମଧୁବାବୁଙ୍କ ଜନ୍ମପୀଠ ତଥା ଆମ ଜିଲ୍ଲାର ଗୌରବ ପଦ୍ମଭୂଷଣ ମନୋଜ ଦାସଙ୍କ ଗ୍ରାମ ଶଙ୍ଖାରିସ୍ଥିତ ସ୍ମୃତିସ୍ଥଳ ନିର୍ମାଣ ହୋଇଛି ତାହାକୁ ଅନୁଧ୍ୟାନ କରି ଶାନ୍ତିକାନନର ବିକାଶ ସେହିଭଳି ଭାବେ କରାଗଲେ ପୁଣ୍ୟାତ୍ମା ଫକୀରମୋହନଙ୍କ ସ୍ମୃତିସ୍ଥଳ କେବଳ ରାଜ୍ୟର ନୁହେଁ ଭାରତର ଯେକୌଣସି ପ୍ରାନ୍ତରୁ ଦର୍ଶନାଭିଳାଷୀଙ୍କ ପାଇଁ ଏକ ତୀର୍ଥସ୍ଥଳରେ ପରିଣତ ହେବ ବୋଲି ଆଶା କରାଯାଏ ।

## ମହାବିଦ୍ୟାଳୟ ଗଠନରେ ଶରତ ବାବୁଙ୍କ ଭୂମିକା ଭୁଲିହେବ ନାହିଁ : ଶଶିଭୂଷଣ



ଉଦଳା, ୩୦/୪ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଶରତ ଚନ୍ଦ୍ର ସାହୁଙ୍କୁ ଆଜି ଏପ୍ରିଲ ୩୦ ତାରିଖ ଗୁରୁବାର ଦିନ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଅଧ୍ୟକ୍ଷତା କରି ମହାବିଦ୍ୟାଳୟ ଗଠନରେ ଶରତ ବାବୁଙ୍କ ଭୂମିକାକୁ ଆଦୌ ଭୁଲିହେବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ କର୍ମଚାରୀ କ୍ଷୀରୋଦ ମହାନ୍ତି, ଅଧ୍ୟାପିକା ମଂଜୁଳା କଳିଆ ଓ ଅଧ୍ୟାପକ ରବିନାରାୟଣ ମହାପାତ୍ର ପ୍ରମୁଖ ଦିର୍ଘ ୩୯ ବର୍ଷ ଧରି ଶରତ ଚନ୍ଦ୍ର ସାହୁ ମହାବିଦ୍ୟାଳୟରେ କିପରି ସେବା ଯୋଗାଇ ଆସୁଥିଲେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ମହାବିଦ୍ୟାଳୟ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ଶରତ ବାବୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବଜ୍ରପାତରେ ଜଳିଗଲା ୨ ବଖରା ଘର

ଖଇରା, ୩୦/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଉଁଶଗଡିଆ ଆଦିବାସୀ ସାହିରେ ବୁଧବାର ରାତିରେ ବଜ୍ରପାତ ଯୋଗୁଁ ଅଗ୍ନିକାଣ୍ଡ ଘଟି ବୁଦ୍ଧିଆ ସିଂଙ୍କର ୨ବଖରା ବାସଗୃହ ପୋଡି ପାଉଁଶ ହୋଇ ଯାଇଛି । ଏଥିରେ ୩ଟି ଛେଳି ଜିବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ନଷ୍ଟ ହୋଇଥିବା ସମ୍ପତ୍ତିର ଆନୁମାନିକ ମୂଲ୍ୟ ଲକ୍ଷାଧିକ ହେବ ବୋଲି କୁହାଯାଉଛି । ଗୁରୁବାର କୁପାରୀ ରାଜସ୍ୱ ନିରିକ୍ଷକ ଚନ୍ଦ୍ରଶେଖର ପଣ୍ଡା ଘଟଣାସ୍ଥଳକୁ ଯାଇ ପଲିଥିନ ପ୍ରଦାନ କରିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି । ସମିତିସଭ୍ୟା ପ୍ରତିନିଧି ଶ୍ରୀକାନ୍ତ ବେହେରା, ଯୁବ ସଙ୍ଗଠକ ଦୈତାରୀ ପଣ୍ଡା,ମଙ୍ଗୁଲୁ ସିଂ ପ୍ରମୁଖ ସହାୟତା ପ୍ରଦାନ କରିଥିବା ବେଳେ ସରକାରୀ ଗୃହ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ଦାବି କରିଛନ୍ତି ।

10001/93/2627

Ministry of Health & Family Welfare
Government of India

NATIONAL HEALTH MISSION



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜାତୀୟ ଏଚ୍.ପି.ଭି. ଟୀକାକରଣ ଅଭିଯାନ
(୨୮ ଫେବୃଆରୀ ରୁ ୩୧ ମଇ ୨୦୨୬)

ଏଚ୍.ପି.ଭି. ଟୀକା: ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷା ପାଇଁ ୧ଟି ମାତ୍ରା

- ଭାରତରେ ମହିଳାମାନଙ୍କ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ କର୍କଟରୋଗ ମଧ୍ୟରୁ ଜରାୟୁ ଗ୍ରୀବା କର୍କଟ (ସର୍ଭିକାଲ୍ କ୍ୟାନ୍‌ସର) ଦ୍ୱିତୀୟ ପ୍ରମୁଖ କାରଣ ଅଟେ। ଏହାର ପ୍ରତିରୋଧ ପାଇଁ ଏଚ୍.ପି.ଭି ଟୀକାକରଣ ଜରୁରୀ।
- ଏଚ୍.ପି.ଭି ଟୀକା ଜରାୟୁ ଗ୍ରୀବା କର୍କଟର ମୁଖ୍ୟ କାରଣ ସାଜୁଥିବା ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣରୁ ସୁରକ୍ଷା ଦେଇଥାଏ।
- ଏହି ଟୀକା ଗୋଟିଏ ମାତ୍ରା (୦.୫ ମିଲି) ବାମ ହାତର ଉପରି ଭାଗରେ ମାଂସପେଶୀରେ ଦିଆଯାଏ। ଏହି ଗୋଟିଏ ଡୋଜ୍/ ମାତ୍ରା ଯଥେଷ୍ଟ ସୁରକ୍ଷା ପ୍ରଦାନ କରେ ।
- ବର୍ତ୍ତମାନ ଏହି ଟୀକା କେବଳ ୧୪-୧୫ ବର୍ଷ ବୟସର ସୁସ୍ଥ କିଶୋରୀ ମାନଙ୍କୁ ଦିଆଯାଉଛି (ଯେଉଁମାନଙ୍କୁ ୧୪ ପୁରିଛି କିନ୍ତୁ ୧୫ ପୁରିନାହିଁ)।
- ଟୀକା ନେବାପରେ କିଶୋରୀଙ୍କୁ ୩୦ ମିନିଟ୍ ଟୀକାଦାନ କେନ୍ଦ୍ରରେ ପର୍ଯ୍ୟବେକ୍ଷଣରେ ରଖିବା ଦରକାର। ଟୀକା ନେବା ପରେ ସାମାନ୍ୟ କଷ୍ଟ ବା ଜ୍ୱର ହେବା ସ୍ୱାଭାବିକ, ଯାହା ୨-୩ ଦିନରେ ଭଲ ହୋଇଯାଏ। ଗୁରୁତର ସମସ୍ୟା ପ୍ରାୟତଃ ହୁଏ ନାହିଁ।
- ଯଦି ଜଣେ କିଶୋରୀ ପୂର୍ବରୁ ଯେକୌଣସି ଏଚ୍.ପି.ଭି ଟୀକା ନେଇଛନ୍ତି, ତେବେ ତାଙ୍କୁ ଏହି ଅଭିଯାନରେ ପୁଣି ଥରେ ଟୀକା ନେବାର ଆବଶ୍ୟକତା ନାହିଁ। ସେ ପୂର୍ବରୁ ହିଁ ସୁରକ୍ଷିତ ଅଛନ୍ତି।

OIPR: 10001/10003/2/26-27/0010

ଏହି ଟୀକା ୧୪ ବର୍ଷ ବୟସର ସମସ୍ତ କିଶୋରୀଙ୍କ ପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ।

#UWIN
Scan and Join

ଆପଣଙ୍କ କିଶୋରୀର ଏଚ୍.ପି.ଭି. ଟୀକାକରଣ ପାଇଁ U-WIN ପୋର୍ଟାଲ୍‌ରେ ପଞ୍ଜିକରଣ କରାନ୍ତୁ।
Visit https://uwin.mohfw.gov.in/home
ଅଧିକ ସୂଚନା ପାଇଁ ଆପଣଙ୍କର ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ/ଆଶାକର୍ମୀ/ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

## ପାଠପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ କନ୍ୟା 'ରିନ୍ଦି' ଓ ପୁତ୍ର 'ସମା'



ଉଦଳା, ୩୦/୪ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ବାଲିଡ଼ାହି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ପର୍ଶୁରାମ ସିଂଙ୍କର ୧୩ ବର୍ଷ ବୟସର କନ୍ୟା 'ରିନ୍ଦି ସିଂ' ଓ ସ୍ୱର୍ଗତଃ ସାନିକା ମୁଣ୍ଡାଙ୍କର ୧୬ ବର୍ଷ ବୟସର ପୁତ୍ର 'ସମା ମୁଣ୍ଡା' ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର ଖବର ଆମର ହସ୍ତଗତ ହୋଇଛି । ରିନ୍ଦି ସିଂ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୫ମ ଶ୍ରେଣୀ ପାସ କରିଛନ୍ତି । ପରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ଯିବାରୁ କାର୍ଯ୍ୟରତ ସରକାରୀ ବାବୁ ଆଧାର କାର୍ଡ଼ ମାଗିଲେ । ରିନ୍ଦି ସିଂଙ୍କର ଆଧାର କାର୍ଡ଼ ନଥିବାରୁ କୌଣସି ବିଦ୍ୟାଳୟ ତାଙ୍କୁ ଆଡ଼ମିସନ ନକରି ଫେରାଇ ଦେଲେ । ଫଳରେ ରିନ୍ଦି ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର ପରିବାରର ଲୋକେ ଜଣାଇଛନ୍ତି । ଇତି ମଧ୍ୟରେ ଚାରି ବର୍ଷ ସମୟ ଅତିକ୍ରାନ୍ତ ହୋଇ ଗଲାଣି । ଆଧାର କାର୍ଡ଼ ପାଇଁ ବାରମ୍ବାର ଫଟୋ ଉଠାଇଥିଲେ ମଧ ତାଙ୍କର ଆଧାର କାର୍ଡ଼ କାହିଁକି ଆସୁ ନାହିଁ ତାହା ପରିବାର ଲୋକଙ୍କୁ ଜଣାନଥିବାର ସେମାନେ କହିଛନ୍ତି । ସେହିପରି ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ରିନ୍ଦିଙ୍କର ନାମ ଯୋଡ଼ାଯାଇ ପାରୁନଥିବାରୁ ସରକାର ମୁଣ୍ଡପିଛା ପ୍ରଦାନ କରୁଥିବା ୫ କିଗ୍ରା ଚାଉଳ ପାଇବାରୁ ସେ ବଂଚିତ ଅଛନ୍ତି । ପୁତ୍ର ସମା ମୁଣ୍ଡା, ଘୋର ଅଭାବ ଅନାଟନ ମଧ୍ୟରେ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି। ସମା ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବେଳେ ଆଜକୁ ୩ ବର୍ଷ ପୂର୍ବେ ପିତା ସାନିକା ମୁଣ୍ଡାଙ୍କର ଦେହାନ୍ତ ପରେ ପାଠପଢ଼ା ଛାଡ଼ିଥିବାର କଥା କହିଛନ୍ତି । ଏହି ପରି ବିଭିନ୍ନ କାରଣରୁ ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ବହୁ ସଂଖ୍ୟାରେ ଆଦିବାସୀ ଛାତ୍ର ଛାତ୍ରୀ ପାଠପଢ଼ା ଛାଡ଼ିବାକୁ ବାଧ ହେଉଥିବା ବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ସେମାନଙ୍କୁ ଆଦୌ ସହଯୋଗର ହାତ ନବଢ଼ାଇବା ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି। ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ

ଖଇରା, ୩୦/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଝିଙ୍କିରିଆ ଗ୍ରାମର ଶୈବ ପୀଠର ପ୍ରତିଷ୍ଠାତା ତଥା ଶତାୟୁ ପୁରୁଷ ଗୋବିନ୍ଦ ଚନ୍ଦ୍ର ରାଉତ(୧୦୫) ୨୭ ତାରିଖ ଦିନ ଆଖି ବୁଜିଛନ୍ତି । ଶ୍ରୀ ରାଉତ କେବଳ ଜଣେ ଧର୍ମପରାୟଣା ବ୍ୟକ୍ତି ନଥିଲେ ବହୁ ସମୟରେ ଅସହାୟ ଏବଂ ଦିନଜନଙ୍କୁ ନିଜ ସଞ୍ଚିତ ଅର୍ଥରୁ ସାହାଯ୍ୟ କରି ନିଜର ପରୋପକାରୀ ଗୁଣର ପରିଚୟ ଦେଇଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ଆଖପାଖ ଗ୍ରାମରୁ ବହୁ ଅଧିବାସୀ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ ।

## ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଭଦ୍ରକ ଜିଲ୍ଲା ଗସ୍ତ



ଭଦ୍ରକ , ୩୦/୪ (ନି.ପ୍ର): ଭଦ୍ରକ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଭଦ୍ରକ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ପର୍ଯ୍ୟବେକ୍ଷଣ କରିଛନ୍ତି ।ଏହି ଅବସରରେ ଶ୍ରୀମତୀ ଗୁହା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଏଫଏସଟିପି ହରିପୁର, ଅନ୍ନପାଳ ଗ୍ରାମପଞ୍ଚାୟତରେ ଗ୍ରାମୀଣ ଆବାସ ଯୋଜନାର ହିତାଧିକାରୀଙ୍କ ଘର, ମା ବାସୁଳେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ଫେୟାର ଶପ୍, ଜନଗଣନା କାର୍ଯ୍ୟ, ବେତଡା ଗ୍ରାମର ପାଇପ ଜଳ ଯୋଗାଣ ବ୍ୟବସ୍ଥା, ବାଗୁରାଇ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଓ କୁଆଁସ ଶିଳ୍ପ ଗ୍ରାମ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ସେ ନୂଆ ସର୍କିଟ୍ ହାଉସରେ ସିଏମ୍ପିସାନହିତାଧିକାରୀଙ୍କ ସହ ମତବିନିମୟ କରିବା ସହ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରଗତି ସମ୍ପର୍କରେ ସମସ୍ତ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ।କମିଶନର ତଥା ସଚିବ ଶ୍ରୀମତୀ ଗୁହାଙ୍କ ଏହି ଗସ୍ତ ଜିଲ୍ଲାର ସମଗ୍ର ପ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିବାରେ ଏକ ବହୁମୂଲ୍ୟ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida